
ମା' ହେବେ ପରିଣୀତି
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-65 ◆FRIDAY ◆29 AUGUST 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୬୫ ◆ଶୁକ୍ରବାର ◆୨୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ମାଁ ସମଲେଇଙ୍କୁ ନବାନ୍ନ ଲାଗି





■ସମ୍ବଲପୁର, ୨୮।୮ (ସମିସ): ପଶ୍ଚିମ ଓଡ଼ିଶାରେ ଗୁରୁବାର ପାରମ୍ପରିକ ଉତ୍ସାହ ଉଦ୍ଦୀପନାର ସହ ଗଣପର୍ବ "ନୂଆଁଖାଇ' ପାଳିତ ହୋଇଯାଇଛି। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସହ ବିଭିନ୍ନ ଦେବାଦେବୀଙ୍କଠାରେ ନବାନ୍ନ ଲାଗି ହେବାପରେ ଗ୍ରାମଦେବୀ, ଇଷ୍ଟଦେବୀ ତଥା ଘରେ ଠାକୁରଙ୍କୁ ଭୋଗ ଲଗେଇ ଲୋକେ ନୂଆଁ ଖାଇଛନ୍ତି।



ମା' ସମଲେଶ୍ୱରୀଙ୍କ ମୂଳପୀଠ ସମ୍ବଲପୁରରେ ଆଜି ଭୋର ୪ଟାରୁ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ସମ୍ବଲପୁରୀ ପାଟବସ୍ତ୍ର, ଅଳଙ୍କାର ଆଦି ବେଶଭୂଷା ପରେ ପୂଜକମାନେ ଗମ୍ଭୀରା ତଥା ପାଶ୍ୱର୍ ଦେବାଦେବୀଙ୍କଠାରେ ବନା (ଝୋଟି) ଦେଇଥିଲେ। ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସହ ପୂଜକ ଗଙ୍ଗାଧର ରାୟ, କୋଦଣ୍ଡରାମ ରାୟ, ସୁଧାଂଶୁ ରାୟ ଓ ପ୍ରଶାନ୍ତ ରାୟଙ୍କ ପରିବାର ସହିତ ବେହେରା ପରିବାରରୁ ନବାନ୍ନ ଭୋଗ ଆସିଥିଲା। ପୂଜକମାନେ ପ୍ରାୟ ୧୦ଟା ୨୫ ମିନିଟ ପର୍ଯ୍ୟନ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାପରେ ଶୁଭ ଶଙ୍ଖ ନାଦ କରାଯାଇଥିଲା। ଏହା ଗୁପ୍ତ ପୂଜା ହୋଇଥିବାରୁ କାହାରିକୁ ଭିତରକୁ ଛଡ଼ା ଯାଇନଥାଏ। ବ୍ରହ୍ମପଣ୍ଡିତ ମହାସଭା ଦ୍ୱାରା ନିର୍ଦ୍ଧାରିତ ଲଗ୍ନ ୧୦ଟା ୩୩ ରୁ ୧୦ଟା ୫୫ ମିନିଟ ମଧ୍ୟରେ ନୂଆ ଚାଉଳ, କ୍ଷୀରି, ପିଠା, ସାରୁ ଶାଗ ଆଦି ଭୋଗ ଲାଗି ହୋଇଥିଲା। ଭୋଗ ଲାଗି ସମୟରେ ଢୋଲ, ଶଙ୍ଖ, ଘଣ୍ଟ ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମା'ଙ୍କ ଠାରେ ନୂଆଁ ଭୋଗ ଲାଗି ହେଲାପରେ ଗମ୍ଭୀରା ଭିତରୁ ପୂଜକମାନେ ବାହାରି ମନ୍ଦିର ପରିସରସ୍ଥ ୧୧୫ ପାଶ୍ୱର୍ ଦେବାଦେବୀଙ୍କୁ ନବାନ୍ନ ଲାଗି କରିଥିଲେ। ଶ୍ରୀ ଗଣେଶଙ୍କଠାରୁ ଆରମ୍ଭ କରି ଶେଷରେ ମାଉଲୀ ଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ଏହାପରେ ବଡ଼ବଜାର କେଉଟପଡ଼ାର ଘୁଡ଼ାଘାଟ ମନ୍ଦିର, ▶ପୃଷ୍ଠା-୭

# ୪ ମହଲା କୋଠା ଭୁଶୁଡ଼ି ୧୭ ମୃତ

## ଜନ୍ମଦିନ ପାଳନ ବେଳେ ଅଘଟଣ

## ବିଲ୍ଡର୍ ଗିରଫ



■ ମୁମ୍ବାଇ, ୨୮।୮ (ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ଏକ ୪ ମହଲା ବିଶିଷ୍ଟ କୋଠା ଭୁଶୁଡିବା ଫଳରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି। ମୁମ୍ବାଇ ନିକଟସ୍ଥ ବିରାର ଅଞ୍ଚଳର ବିଜୟ ନଗରରେ ଅଗଷ୍ଟ ୨୬ରେ ରାତି ୧୨.୦୫ରେ ପାଖାପାଖି ୫୦ ଫ୍ଲାଟ ବିଶିଷ୍ଟ ୪ ତାଲା ବିଶିଷ୍ଟ କୋଠା ରମାବାଇ ଆପାର୍ଟମେଣ୍ଟର ୧୨ଟି ଫ୍ଲାଟ୍ ନିକଟରେ ଥିବା ଏକ ଚାଳ ଘର ଉପରେ ଭୁଶିଡି ପଡ଼ିଥିଲା। ଉଦ୍ଧାରକାର୍ଯ୍ୟ ଚାଲିଥିବା ବେଳେ ଗୁରୁବାର ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣା ବେଳେ ଚତୁର୍ଥ ମହଲାରେ ଜଣେ ଏକ ବର୍ଷୀୟ ଝିଅର ଜନ୍ମଦିନ ପାଳନ କରାଯାଉଥିଲା ଓ ପାର୍ଟି ଦିଆଯାଉଥିଲା। ଏହି ଝିଅ ସମେତ ତା'ର ମା ଓ ଆଉ କେତେଜଣ ଅତିଥି ଏଥିରେ ମୃତ୍ୟୁବରଣ କରିଛନ୍ତି। ଆହତ ହୋଇଥିବା ୯ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କ ଚିକିତ୍ସା ଚାଲିଛି। ଏବେ ଭଗ୍ନାବଶେଷ ତଥା ▶ପୃଷ୍ଠା-୭

# ଟ୍ରମ୍ପ ଟାରିଫ ୫.୮%କୁ ଖସିବ ଜିଡିପି

## ପ୍ରଭାବିତ ହେବେ ଦେଶର ନିଯୁକ୍ତିଭିତ୍ତିକ ଶିଳ୍ପର ୨.୧ କୋଟି ଶ୍ରମିକ

■ ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଅଗଷ୍ଟ ୨୭ ତାରିଖରୁ ଭାରତୀୟ ଆମଦାନୀ ଉପରେ ଅତିରିକ୍ତ ୨୫% 'ରୁଷ୍ ଜୋରିମାନା' ଲାଗୁ କରିଛି ଆମେରିକା। ପୂର୍ବରୁ ଭାରତ ଉପରେ ୨୫% ଟାରିଫ୍ ଲାଗୁ ହୋଇଥିବାବେଳେ ସମ୍ପ୍ରତି ଅତିରିକ୍ତ ୨୫% ଜୋରିମାନା ଟାରିଫ୍ ହାରକୁ ୫୦%ରେ ପହଞ୍ଚାଇଛି। ଏକ ରିପୋର୍ଟ ଅନୁସାରେ ଆମେରିକା ନିଜ ଆବଶ୍ୟକତା ନିମନ୍ତେ ଭାରତରୁ ଆମଦାନୀ କରୁଥିବା ଜେନେରିକ ଔଷଧ, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟରକୁ ଅତିରିକ୍ତ ଜୋରିମାନାରୁ ବାଦ ଦେଇଛି। ସେହିପରି ଅଟୋ ଯନ୍ତ୍ରାଂଶ ଉପରେ ୨୫% ଟାରିଫ ଲାଗୁ କରିଥିବା ସମୟରେ ଆଲୁମିନିୟମ ସାମଗ୍ରୀ ଉପରେ ୫୦% ଟିକସ ଲଦିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଭାରତୀୟ ନିଯୁକ୍ତିଭିତ୍ତିକ ବୟନ, ଚମଡ଼ା, ରତ୍ନ ଓ ଅଳଙ୍କାର ଶିଳ୍ପରୁ ନିର୍ଗତ ସାମଗ୍ରୀ ଉପରେ ଆମେରିକା ଲାଗୁ କରିଥିବା ୫୦% ଟାରିଫ୍ ଭାରତୀୟ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି। ଆମେରିକାର ଏହି ଟାରିଫ୍ ଭାରତ ଉପରେ ବଳବତ୍ତର ରହିଲେ ଆଗାମୀ ୬ ମାସ ପରେ ପରିସ୍ଥିତି ଭୟଙ୍କର ହେବ ଓ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୨.୧ କୋଟି ଲୋକ କ୍ଷତିଗ୍ରସ୍ତ ହେବେ ବୋଲି ପ୍ରାରମ୍ଭିକ ଭାବରେ ଆଶଙ୍କା କରାଯାଉଛି।




**ବୟନ ସାମଗ୍ରୀ, ରତ୍ନ ଅଳଙ୍କାର, ସାମୁଦ୍ରିକ ଖାଦ୍ୟ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ**

**ଅଟୋ ଯନ୍ତ୍ରାଂଶ ଉପରେ ୨୫%; ଇସ୍ପାତ ଓ ଆଲୁମିନିୟମରେ ୫୦%**

**ଭାରତରୁ ରପ୍ତାନୀ ହେଉଥିବା ୬୦% ସାମଗ୍ରୀ ଉପରେ ୫୦% ଟାରିଫ**

**ସେମିକଣ୍ଡକ୍ଟର, ଜେନେରିକ୍ ଔଷଧ, ଇଲେକ୍ଟ୍ରୋନିକ ସାମଗ୍ରୀ ବାଦ୍**


ଅନ୍ୟପକ୍ଷରେ ଟ୍ରମ୍ପ ଟାରିଫ୍‌ର ପ୍ରଭାବ ଭାରତୀୟ ପୁଞ୍ଜି ବଜାରରେ ଅନୁଭୂତ ହୋଇଛି। ବୁଧବାର ଭାରତୀୟ ପୁଞ୍ଜି ବଜାର ବନ୍ଦ ରହିଥିବାବେଳେ ଗୁରୁବାର ସେନସେକ୍ସ ୭୦୦ ପଏଣ୍ଟ ହ୍ରାସ ପାଇଛି। ଅନ୍ୟପକ୍ଷରେ ଅର୍ଥନୀତି ସଂକ୍ରାନ୍ତରେ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ନୋମ୍ୟୁରା ଟାରିଫ୍ ପ୍ରଭାବରେ ୨୦୨୫-୨୬ ଆର୍ଥିକବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ପୂର୍ବାନୁମାନ ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆକଳନ କରିଛି। ନ୍ୟୋମୁରା ରିପୋର୍ଟ ଅନୁସାରେ ଆର୍ଥିକବର୍ଷ ୨୦୨୫-୨୬ରେ ୨୫% ପ୍ରତିଶତ ପାରସ୍ପରିକ ଶୁଳ୍କ ବଳବତ୍ତର ରହିପାରେ। ନଭେମ୍ବର ପରେ ଅତିରିକ୍ତ ୨୫% ଶୁଳ୍କ ହଟାଇ ଦିଆଯିବାର ସମ୍ଭାବନା ରହିଛି। ତଥାପି ୨୦୨୫-୨୬ ଆର୍ଥିକବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇପାରେ। ▶ପୃଷ୍ଠା-୭

# ମଦ ନିଶାରେ ପିଟିପିଟି ବାପାକୁ ମାରିଦେଲା

## ପୁଅ ଗିରଫ

■ କୁଚିଣ୍ଡା, ୨୮।୮ (ସମିସ): ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସବୁଠି ଉତ୍ସବ ମୁଖର ଲାଗି ରହିଥିବା ବେଳେ କୁଚିଣ୍ଡା ଥାନା ଅନ୍ତର୍ଗତ ଚାରଭାଟି ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଟଙ୍କା ଦେବାକୁ ମନା କରିବାରୁ ନିଶାସକ୍ତ ପୁଅ ପିଟି ପିଟି ବାପାକୁ ହତ୍ୟା କରିଛି। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ପୁଅକୁ ଗିରଫ କରିଛି।

ପରିବାର ସଦସ୍ୟମାନେ ନୂଆଁଖାଇ ପାଳନ କରିବା ପାଇଁ ପ୍ରସ୍ତୁତି କରୁଥିବା ବେଳେ ଗ୍ରାମର ବିବର୍ଦ୍ଧନ ରକ୍ସା (୨୩) ମଦ ପିଇ ଘରକୁ ଆସି ବାପା କୃପାସିନ୍ଧୁ ରକ୍ସା (୭୦)ଙ୍କୁ ଟଙ୍କା ମାଗିଥିଲା। ଟଙ୍କା ଦେବାକୁ ମନା କରିବାରୁ ବାପ ଓ ପୁଅ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ବିବର୍ଦ୍ଧନ ବାପାକୁ ଧକ୍କା ମାରି ତଳେ ପକାଇ ଦେବା ସହ ବେକ ପଛପଟେ ବାରମ୍ବାର ମୁଥ ଓ ବିଧା ମାରିଥିଲା। ଘଟଣାସ୍ଥଳରେ କୃପାସିନ୍ଧୁ ମୃତ୍ୟୁବରଣ କରିଥିଲେ। କୁଚିଣ୍ଡା ଥାନାଧିକାରୀ ବାମଦେବ ଶଂଖୁଆଳଙ୍କ ନେତୃତ୍ୱରେ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହା ସହିତ ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଥିଲେ। ବାପାଙ୍କୁ ହତ୍ୟା କରିବା ପରେ ଦୀର୍ଘ ସମୟ ଧରି ଶବ ପାଖରେ ବସି ରହିବା ପରେ ପୁଲିସ ଆସୁଥିବା ଜାଣି ବିବର୍ଦ୍ଧନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ପୁଲିସ ତାକୁ ଗିରଫ କରିଥିଲା।




# ଜେଡିୟୁ ପୁଣି ବଡ଼ଭାଇ

## ବିହାର ବିଧାନସଭା ନିର୍ବାଚନ

■ ପାଟନା, ୨୮।୮ (ଏଜେନ୍ସି): ବିହାରରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ଆସନ ଭାଗବଣ୍ଟାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏରେ ସହମତି ପ୍ରକାଶ ପାଇଛି। ଦିଲ୍ଲୀରେ ଏନେଇ ଆଲୋଚନା ହୋଇଛି ଏବଂ ଯେକୌଣସି ମୁହୂର୍ତ୍ତରେ ଏହା ଘୋଷଣା ହୋଇପାରେ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ବିହାର ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ନୀତୀଶଙ୍କ ଜନତା ଦଳ (ୟୁ) ସର୍ବାଧିକ ୧୦୨ଟି ଆସନ ମିଳିଥିବା ବେଳେ ବିଜେପି ଭାଗରେ ୧୦୧ ଆସନ ପଡ଼ିଛି। ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀର ଚେହେରା ରୂପେ ଉପସ୍ଥାପନ କରିବାକୁ ଯାଇ ଏଭଳି ନିଷ୍ପତ୍ତି ହୋଇଛି। ଗତ ବିଧାନସଭା ନିର୍ବାଚନର ବିଜେପି ତୁଳନାରେ କମ୍ ଆସନ ପାଇଥିଲେ ମଧ୍ୟ ନୀତୀଶ ମୁଖ୍ୟମନ୍ତ୍ରୀ ରହିଥିଲେ। ତେବେ ଗତ ନିର୍ବାଚନରେ ଏନଡିଏ ପାଇଁ ଘାତ ସାବ୍ୟସ୍ତ ହୋଇଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ) ▶ପୃଷ୍ଠା-୭

## ରାୟପୁର ଗୋଲଟେବୁଲ ବୈଠକରେ ନିଷ୍ପତ୍ତି

# ସେପ୍ଟେମ୍ବରରେ ଦିଲ୍ଲୀରେ ହେବ ମହାନଦୀ ସଂସଦ

■ ଭୁବନେଶ୍ୱର, ୨୮।୮ (ସମିସ): ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବା ଦରକାର। ଓଡ଼ିଶା ସରକାର ଓ ଛତିଶଗଡ଼ ସରକାର ମଧ୍ୟରେ ହେବାକୁ ଥିବା ଆପୋସ ଆଲୋଚନା ପୂର୍ବରୁ ଏହି ସର୍ତ୍ତ ରହିବା ଜରୁରୀ। ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ରାଜଧାନୀ ରାୟପୁରରେ ଆୟୋଜିତ ଗୋଲ୍ ଟେବୁଲ୍ ବୈଠକରେ ଏହି ମତ ପ୍ରକାଶ ପାଇଛି। ଗୁରୁବାର ମହାନଦୀର ସଙ୍କଟ ଓ ଜଳ ବିବାଦକୁ ନେଇ ଆୟୋଜିତ ଗୋଲ୍ ଟେବୁଲ ବୈଠକରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ନଦୀ ଘାଟି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଜଳ ବିରାଦରିର ଆଦିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଉଭୟ ଛତିଶଗଡ଼ ଏବଂ ଓଡ଼ିଶାର ଅନେକ ନଦୀ ଆନ୍ଦୋଳନର ନେତୃତ୍ୱ ଯୋଗ ଦେଇଥିଲେ।



ଜଳମାନବ ଡଃ ରାଜେନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ▶ପୃଷ୍ଠା-୭




# ଦିନେଶ ପଟ୍ଟନାୟକ କାନାଡ଼ାରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ



ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଭାରତ ଏବଂ କାନାଡ଼ା ଦ୍ୱିପାକ୍ଷିକ ସମ୍ବନ୍ଧ ସୁଧାରିବାକୁ ଲାଗିଛନ୍ତି। ଏହି କ୍ରମରେ ଦୁଇ ଦେଶ ଗୁରୁବାର ପରସ୍ପର ପାଇଁ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି। ଓଡ଼ିଶାରେ ଜନ୍ମିତ କୂଟନୀତିଜ୍ଞ ଦିନେଶ କେ ପଟ୍ଟନାୟକଙ୍କୁ ଭାରତ ସରକାର କାନାଡ଼ାର ନୂଆ ଉଚ୍ଚାୟୁକ୍ତ ନିଯୁକ୍ତ କରିଛନ୍ତି। ସେହିପରି କାନାଡ଼ା କ୍ରିଷ୍ଟୋଫର କୁଟରଙ୍କୁ ଭାରତର ନୂଆ କୂଟନୀତିଜ୍ଞ କରିଛି। କାନାନିସ୍କରେ ଅନୁଷ୍ଠିତ ଜି୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର କାନାଡ଼ା ସମକକ୍ଷ ମାର୍କ କାର୍ଣ୍ଣେଙ୍କ ସହ ଆଲୋଚନା ପରେ ଏହି ଅଗ୍ରଗତି ଦେଖାଦେଇଛି। ୧୯୯୦ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା ଅଧିକାରୀ ଶ୍ରୀ ପଟ୍ଟନାୟକ ଏବେ ସ୍ପେନ ।।ରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛନ୍ତି। ସେ ଖୁବଶୀଘ୍ର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

## ପରିବାରରେ ୩ ପିଲା ଜରୁରୀ: ମୋହନ ଭାଗବତ

ନୂଆଦିଲ୍ଲୀ, ୨୮।୮(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ଦେଶର ସୁରକ୍ଷା ଓ ପରିବାର ବ୍ୟବସ୍ଥା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରତ୍ୟେକ ପରିବାରରେ ଅତିକମ୍‌ରେ ୩ଟି ପିଲା ରହିବା ଜରୁରୀ ବୋଲି ସେ କହିଛନ୍ତି। ଏପରି ହେଲେ ଭାରତୀୟ ସଂସ୍କୃତି ସହିତ ସନାତନ ଧର୍ମ ସୁରକ୍ଷିତ ରହିବ। ଏହି କ୍ରମରେ ସେ ଅଖଣ୍ଡ ଭାରତ କଥା ପୁଣି ଥରେ ଦୋହରାଇଥିଲେ। ଆମ ସମସ୍ତଙ୍କର ଗୋଟିଏ ପରିଚୟଓ ଆମେ ସବୁ ହିନ୍ଦୁ ବୋଲି ସେ କହିଥିଲେ। ଆରଏସ୍ଏସ୍ ସ୍ଥାପନର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିବାରୁ ସଂଘ ତରଫରୁ ଦେଶ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବେଆଇ ଅନୁପ୍ରବେଶ ଓ ଧର୍ମାନ୍ତରଣକୁ ରୋକିବା ନିଆତି ଜରୁରୀ। ଏହାକୁ ରୋକା ନଗଲେ ଜନସଂଖ୍ୟାରେ ଅସନ୍ତୁଳନ ସୃଷ୍ଟି ହେବ ଓ ଭବିଷ୍ୟତରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହେବ। ୭୫ ବର୍ଷ ହେଲେ ରାଜନୀତିରୁ ସନ୍ୟାସ ନେବା କଥା କେବେ କହିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଜେପି ତଥା କେନ୍ଦ୍ର ସରକାର ଓ ବିଭିନ୍ନ ସରକାରଙ୍କ ସହ ଆରଏସ୍ଏସ୍‌ର ମତଭେଦ ରହିଛି। କିନ୍ତୁ ସବୁ ସରକାରଙ୍କ ସହ ଭଲ ସମ୍ପର୍କ ରହିଛି। ଆମ ଭିତର କୌଣସି ବିଚାରଗତ ପାର୍ଥକ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଣି ଶିକ୍ଷାର ଅର୍ଥ କେବଳ ସାକ୍ଷରତା ନୁହଁ। ବରଂ ଶିକ୍ଷା ଦ୍ୱାରା ଜଣେ ପ୍ରକୃତ ମଣିଷ ହେବାର ସୌଭାଗ୍ୟ ପାଇଥାଏ ବୋଲି ସେ କହିଛନ୍ତି।

## ଇଞ୍ଜିନିୟରଙ୍କ ସହ ୫୦ମି କଥା ହେବା ସତ୍ତ୍ୱେ ଏଫ୍-୩୫ ବିମାନ ଦୁର୍ଘଟଣାଗ୍ରସ୍ତ

ଆଲାସ୍କା, ୨୮।୮(ଏଜେନ୍ସି): ଆମେରିକା ଆଲାସ୍କାର ଏଲସନ ଏୟାର ବେସ୍‌ରେ ୨୦୦ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୪୮୫ କୋଟି ଟଙ୍କା ମୂଲ୍ୟର ଏକ ୫ମ ପିଢ଼ିର ଷ୍ଟେଲ୍‌ଥ ଏଫ୍-୩୫ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଧ୍ୱଂସ ପାଇଛି। ଟ୍ରେନିଂ ଫ୍ଲାଇଟ୍ ଅବସରରେ ଆମେରିକା ବାୟୁସେନାର ଜଣେ ପାଇଲଟ ମଝି ଆକାଶରେ କନଫରେନ୍ସରେ ଇଞ୍ଜିନିୟରଙ୍କ ସହ ବୈଷୟିକ ତ୍ରୁଟି ନେଇ ୫୦ ମିନିଟ ଧରି କଥା ହୋଇଥିଲେ ମଧ୍ୟ ଏଫ୍-୩୫ ବିମାନକୁ ରକ୍ଷା କରିପାରି ନାହାନ୍ତି। ବିମାନଟି ତଳକୁ ଖସି ଏୟାର ବେଶ୍‌ରେ ପିଟି ହୋଇ ନିଆଁ ଗୋଳାରେ ପରିଣତ ହୋଇଯାଇଥିଲା। ତେବେ ପାଇଲଟ ପାରାଚୁଟ ଯୋଗେ ଓହ୍ଲାଇବାରୁ ସୁରକ୍ଷିତ ଅଛନ୍ତି। ବିମାନର ହାଇଡ୍ରୋଲିକ୍ ଲାଇନ୍ସ ନୋଜ ଓ ମୁଖ୍ୟ ଲାଣ୍ଡିଂ ଗିୟରରେ ବରଫ ଜମିବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି।

## ତିନି ଛୁଆଙ୍କୁ ହତ୍ୟା କଲା ମା

ହାଇଦରାବାଦ୍, ୨୮।୮(ଏଜେନ୍ସି): ସାଉଦି ଆରବର ଅଲ ଖୋବାର ସହରରେ ରହୁଥିବା ହାଇଦରାବାଦ ମହିଳା ହୁମେରା ଅମରିନ ବାଥ୍‌ଟବ୍‌ରେ ନିଜର ୩ ଛୁଆଙ୍କୁ ବୁଡାଇ ମାରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ଭ୍ରମଣ ଭିସାରେ ସାଉଦି ଆରବ ଯାଇଥିଲେ। ସେ ମଙ୍ଗଳବାର ନିଜର ୭ ବର୍ଷୀୟ ଯାଆଁଳା ପିଲା ସାଦେକ,ଆଦେଶ ଅହମ୍ମଦ ଏବଂ ସାନ ପୁଅ ୩ ବର୍ଷୀୟ ୟୁସୁଫ ଅହମ୍ମଦଙ୍କୁ ହତ୍ୟା କରିଥିଲେ। କାମରୁ ଫେରି ଅମରିନ୍‌ଙ୍କ ସ୍ୱାମୀ ଘରୁ ଆସି ପିଲାଙ୍କୁ ମୃତ ଅବସ୍ଥାରେ ଦେଖିବା ପରେ ସାଉଦି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ପୁଲିସ ଅମରିନ୍‌ଙ୍କୁ ଗିରଫ କରିବା ପରେ ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ମାନସିକ ସ୍ଥିତି ଠିକ୍ ନଥିଲା ବୋଲି କୁହାଯାଉଛି।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ


ଶ୍ରୀନଗର, ୨୮।୮(ଏଜେନ୍ସି): ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାରେ ଗୁରେଜ ସେକ୍ଟରରେ ଗୁରୁବାର ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଅନୁପ୍ରବେଶ ନେଇ ସେନାକୁ ସୂଚନା ପରେ ପୁଲିସ ସହ ଅପରେସନ ଆରମ୍ଭ କରାଯାଇଥିଲା। ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। କିନ୍ତୁ ସେନା ତରଫରୁ ପାଲଟା ଗୁଳି ଚାଳନା ପରେ ଦୁଇ ଆତଙ୍କବାଦୀ ଟଳି ପଡ଼ିଥିଲେ।

# ଭାରତ ବିରୋଧରେ ଆମେରିକାର ବିଷୋଦ୍‌ଗାର

## ରୁଷ୍-ଚୀନ୍ ସହ ଭାରତର ସଂପର୍କ ବିଶ୍ୱ ପାଇଁ ବିପଦ

ୱାସିଂଟନ, ୨୮।୮ (ଏଜେନ୍ସି): ଚଢ଼ା ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ରୁଷଠାରୁ ତୈଳ କିଣିବାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇ ଥିବା ୫୦ ପ୍ରତିଶତ ଶୁଳ୍କକୁ ଭାରତ ବିରୋଧ କରିଛି। ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ର ନିଜେ ରୁଷ୍ ସହ ବାଣିଜ୍ୟ ବ୍ୟବସାୟ କରୁଥିବାବେଳେ ଚୁଛାଟାରେ ଭାରତ ଉପରେ ଅଭିଯୋଗ ଲଗାଉଛନ୍ତି ବୋଲି କୁହାଯାଉଛି। ଏପରି ସମୟରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ ୟୁକ୍ରେନ ଯୁଦ୍ଧକୁ ନେଇ ପୁଣି ଭାରତକୁ ଦୋଷ ଦେଇଛନ୍ତି। ସେ ଗମ୍ଭୀର ଅଭିଯୋଗ ଲଗାଇ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର 'ମୋଦୀ ୱାର' କହିଛନ୍ତି। ଭାରତ ୟୁକ୍ରେନ ଯୁଦ୍ଧକୁ ପ୍ରୋତ୍ସାହନ ଦେଉଛି ଏବଂ ଡବଲ୍ ଗେମ୍ ଖେଳୁଥିବା ସେ ଅଭିଯୋଗ କରିଛନ୍ତି। ଏହା ସହିତ ସେ ଆମେରିକାର ଉଦ୍ଦେଶ୍ୟକୁ ମଧ୍ୟ ପିଟର ସମସ୍ତଙ୍କ ସାମ୍ନାରେ ରଖିଛନ୍ତି। ସେ କହିଛନ୍ତି ଯେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ମାର୍ଗ ଦେଇ ଯାଉଛି। ଯଦି ଭାରତ ଆଜି ରୁଷରୁ ତେଲ କିଣିବା ବନ୍ଦ କରିଦେବ ତେବେ କାଲିଠାରୁ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କକୁ ଉଚ୍ଛେଦ କରିଦିଆଯିବ ବୋଲି କହିଛନ୍ତି।

> "ୟୁକ୍ରେନ ଯୁଦ୍ଧ ହେଉଛି 'ମୋଦୀ ୱାର' ଆଜି ବେପାର ବନ୍ଦ କଲେ, କାଲି ଅତିରିକ୍ତ ଶୁଳ୍କ ହଟିବ"



ବୁଧବାର ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେଇ ପିଟର ଏଭଳି ଅଭିଯୋଗ ଲଗାଇଛନ୍ତି।

ନଭାରୋ କହିଥିଲେ ଯେ ରୁଷରୁ ଶସ୍ତା ତେଲ କିଣି ଭାରତ ତାହାକୁ ରିଫାଇନ କରୁଛି ଏବଂ ଏହାକୁ ଉଚ୍ଚା ଦରରେ ବିକୁଛି। ଏହା ଦ୍ୱାରା ରୁଷକୁ ଯୁଦ୍ଧ ପାଇଁ ଟଙ୍କା ମିଳୁଛି। ଏହି ଦେଶ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରୁଛି। ଏହାକୁ ନେଇ ନଭାରୋ ଭାରତକୁ ଚେତାବନୀ ଦେଇଛନ୍ତି। ରୁଷ୍ ଏବଂ ଚୀନ୍ ସହିତ ଭାରତର ସମ୍ବନ୍ଧ ବୃଦ୍ଧି ବିଶ୍ୱ ପାଇଁ ବିପଦ ପାଲଟି ପାରେ ବୋଲି କହିଛନ୍ତି। ଏକଛତ୍ରବାଦ ଦେଶ ସହ ଭାରତ ସମ୍ବନ୍ଧ ବଢାଉଛି। ଅକ୍ସାଇ ଚୀନ୍ ସହିତ ଭାରତର ଅନେକ ଅଞ୍ଚଳକୁ ବେଜିଂ କବ୍‌ଜା କରି ନେଇଛି। ରୁଷ୍ ସହ ମଧ୍ୟ ଭାରତ ସମ୍ପର୍କ ଛିନ୍ନ କରିବା ଦରକାର। କାରଣ ମସ୍କୋ ଭାରତର ବନ୍ଧୁ ନୁହେଁ। ଭାରତୀୟ ନେତା ଆମ ଆଖିରେ ଆଖି ମିଶାଇ ରୁଷଠାରୁ ତୈଳ କିଣିବା ବନ୍ଦ କରିବେନି ବୋଲି କହୁଛନ୍ତି। ଏହାର ଅର୍ଥ କ'ଣ? ଭାରତକୁ ବିକ୍ରି କରି ମିଳୁଥିବା ଅର୍ଥରେ ରୁଷ୍ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର କିଣୁଛି। ୟୁକ୍ରେନରେ ହେଉଥିବା ଆକ୍ରମଣରେ ଅନେକ ଲୋକ ମରୁଛନ୍ତି। ପୁଣି ୟୁକ୍ରେନ ଆମେରିକା ଏବଂ ୟୁରୋପ ପାଖକୁ ଆସି ଅଧିକ ଅର୍ଥ ମାଗୁଛି। ଏହି ଭଳି ଭାବେ ଆମେରିକା ଟିକସଦାତାଙ୍କ କ୍ଷତି ହେଉଛି।

ଆମେରିକା ସାମଗ୍ରୀ ଉପରେ ଭାରତ ଲଗାଇଥିବା ଶୁଳ୍କକୁ ମଧ୍ୟ ନଭାରୋ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଭାରତ ନୀତି ଯୋଗୁଁ ଆମେରିକାରେ ସମସ୍ତଙ୍କର କ୍ଷତି ହେଉଛି। ଭାରତର ଚଢ଼ା ଶୁଳ୍କ ଯୋଗୁଁ ଜନତା, ବ୍ୟବସାୟୀ, କର୍ମଜୀବୀ ହାରି ଯାଉଛନ୍ତି। ଏଥିପାଇଁ ଆମେରିକା ନିଯୁକ୍ତି ସୁଯୋଗ ହରାଉଛି। କାରଖାନା ବନ୍ଦ ହେଉଛି, ଲୋକଙ୍କ ଆମଦାନୀ ବଢୁଛି। ଆମେରିକା ଟିକସଦାତାଙ୍କୁ କ୍ଷତି ସହିବାକୁ ପଡୁଛି। କାରଣ ତାଙ୍କ ଅର୍ଥ 'ମୋଦୀଙ୍କ ଯୁଦ୍ଧ'ରେ ବ୍ୟବହାର ହେଉଛି। ସେହିପରି ନଭାରୋ ତେଲ ଆମଦାନୀ ଉପରେ ଭାରତ ଦାବିକୁ ଖାରଜ କରିଦେଇଛନ୍ତି। ସେ ମୋଦୀଙ୍କୁ ଅହଙ୍କାରୀ କହିଛନ୍ତି। ଟ୍ରମ୍ପଙ୍କ ଏହି ପରାମର୍ଶଦାତାଙ୍କ ଅନୁଯାୟୀ ଭାରତ ଦିନକୁ ରୁଷ୍‌ଠାରୁ ୧୫ ଲକ୍ଷ ବ୍ୟାରେଲ ତୈଳ କିଣୁଛି। ଏହା ୟୁକ୍ରେନ ଲୋକଙ୍କୁ ମାରିବା ପାଇଁ ଅସ୍ତ୍ରଶସ୍ତ୍ର, ଡ୍ରୋନ ଏବଂ ବୋମା କିଣିବା ପାଇଁ ଯଥେଷ୍ଟ। ନଭାରୋ ଆମେରିକା ଶୁଳ୍କକୁ ଉଚିତ ଦର୍ଶାଇ ଭାରତର ବାଣିଜ୍ୟ ନୀତିକୁ ଅନୁଚିତ ଦର୍ଶାଇଛନ୍ତି। ଧୋକା ଦେଉଥିବାରୁ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଭାରତକୁ ରୁଷ୍ ତେଲର ଆବଶ୍ୟକତା ନାହିଁ। କେବଳ ଲାଭ ପାଇଁ ଏହା କିଣାଯାଉଛି। ମୋଦୀ ଜଣେ ମହାନ ନେତା। ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ଭାରତ କି ଯୋଗଦାନ ଦେଉଛି ତାହା ଭାବିବା ଦରକାର। ଏହି ପଦକ୍ଷେପ ଶାନ୍ତି ନୁହେଁ, ଯୁଦ୍ଧକୁ ଖୋରାକ ଯୋଗାଉଛି।

# କିଭ୍ ଉପରେ ରୁଷିଆର ଭୟଙ୍କର ଆକ୍ରମଣ

କିଭ୍, ୨୮।୮ (ଏଜେନ୍ସି): ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷିଆ ସବୁଠୁ ଭୟଙ୍କର ଆକ୍ରମଣ କରିଛି। ରୁଷ ମଙ୍ଗଳବାର ରାତିରେ କିଭ୍‌କୁ ଲକ୍ଷ୍ୟ କରି ୬୦୦ ଡ୍ରୋନ୍ ଓ ୩୦ ବାଲାଷ୍ଟିକ ମିସାଇଲ ମାଡ଼ କରିଛି। ଏଥିରେ ୧୪ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪୪ ଜଣ ଆହତ ହୋଇଛନ୍ତି ବୋଲି ୟୁକ୍ରେନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ୪ ଜଣ ଛୋଟପିଲା ସାମିଲ ରହିଛନ୍ତି। ରୁଷର ଏହି ଆକ୍ରମଣ ସବୁଠାରୁ ବିଧ୍ୱଂସକାରୀ ବିବେଚିତ ହେଉଛି। କିଭ୍‌ସ୍ଥିତ ୟୁକ୍ରେନର ସେନା ଠିକଣା, ଏୟାର ବେସ ଉପରେ ଆକ୍ରମଣ କରାଯାଇଛି ବୋଲି ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରୁଷ୍ ଏହି ଆକ୍ରମଣରେ ହାଇପରସୋନିକ୍ 'କିନଝାଲ' ମିସାଇଲ, ହାଇ ପ୍ରେସିସନ ଏୟାର- ଲଞ୍ଚ ମିସାଇଲ ବ୍ୟବହାର କରିଥିଲା। କିଭ୍‌ରେ ମୋଟ୍ ଉପରେ ୨୦ଟି ସ୍ଥାନ ଉପରେ ରୁଷ ଆକ୍ରମଣ କରିଛି ବୋଲି ୟୁକ୍ରେନ କହିଛି। ଏଥିରେ ଏକ ୫ ମହିଲା ବିଶିଷ୍ଟ କୋଠା ଧ୍ୱଂସ ପାଇଛି। ଏହି କୋଠାରେ ୧୨୦ ଜଣ ଲୋକ ରହୁଥିଲେ। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରୁଷିଆ ୬୦୦ଟି ଡ୍ରୋନ୍ ଓ ୩୦ଟି ବାଲାଷ୍ଟିକ ଓ କ୍ରୁଜ୍ ମିସାଇଲ୍ ଦ୍ୱାରା ଆକ୍ରମଣ କରିଥିଲା। ଏହାର ପ୍ରଭାବରେ ପ୍ରାୟ ଏକ ଲକ୍ଷ ଘରେ ବିଜୁଳି ଚାଲିଯାଇଛି। ସେହିପରି ଭିନିସିଆରେ ମଧ୍ୟ ୬୦ ହଜାର ଘରେ ବିଜୁଳି କଟିଯାଇଛି। ରୁଷିଆ ଶାନ୍ତି ପ୍ରୟାସକୁ ଗ୍ରହଣ କରୁନାହିଁ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେଁସ୍କି କହିଛନ୍ତି। କଥାବାର୍ତ୍ତା ନକରି ରୁଷିଆ ବାଲାଷ୍ଟିକ ମିସାଇଲ ବ୍ୟବହାର କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସେହିପରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ରୁଷିଆର ଏହି ଆକ୍ରମଣକୁ ଆତଙ୍କବାଦ ସହ ତୁଳନା କରିଛନ୍ତି। ୟୁରୋପିଆନ ୟୁନିୟନ ଅଧ୍ୟକ୍ଷ ଉରସୁଲା ଭୋନ ଡେର ଲେୟେନ ମଧ୍ୟ ରୁଷିଆକୁ ଏଭଳି ଆକ୍ରମଣ ନ କରିବାକୁ ପରାମର୍ଶ ଦେଇଛନ୍ତି।

> ୧୪ ମୃତ, ୪୪ ଆହତ
>
> ୬୦୦ ଡ୍ରୋନ, ୩୦ ବାଲିଷ୍ଟିକ ମିସାଇଲ ମାଡ଼



# ନେପାଳ ଦେଇ ବିହାରରେ ପଶିଲେ ୩ ପାକ୍ ଆତଙ୍କବାଦୀ

ପାଟନା, ୨୮।୮(ଏଜେନ୍ସି): ନେପାଳ ବାଟ ଦେଇ ୩ ଜଣ ପାକିସ୍ତାନୀ ଆତଙ୍କବାଦୀ ବିହାରରେ ଅନୁପ୍ରବେଶ କରିଛନ୍ତି। ଏହି ୩ ଆତଙ୍କୀଙ୍କ ଫଟୋ ଜାରି କରିଛି ପୁଲିସ। ଏମାନେ ଆତଙ୍କବାଦୀ ସଂଗଠନ ଜୈଶ-ଇ- ମହମ୍ମଦ ସହିତ ଜଡିତ ବୋଲି କୁହାଯାଇଛି। ପୁଲିସ ଯେଉଁ ୩ ଆତଙ୍କୀଙ୍କ ଫଟୋ ଜାରି କରିଛି ସେମାନଙ୍କ ନାମ ହେଲା ଆସନୈନ ଅଲି, ଆଦିଲ ହୁସେନ ଓ ମହମ୍ମଦ ଉସ୍‌ମାନ। ହାସନୈନ ରାୱଲପିଣ୍ଡି, ଆଦିଲ ଉମରକୋଟ ଓ ଉସ୍ମାନ ବାହବଲପୁରର ବାସିନ୍ଦା ବୋଲି ଜଣା ପଡ଼ିଛି। ଏହି ଆତଙ୍କୀ ଅରରିୟା ଜିଲ୍ଲା ବାଟ ଦେଇ ବିହାରରେ ପ୍ରବେଶ କରିଛନ୍ତି ବୋଲି ଆଶଙ୍କା କରାଯାଉଛି। ପୁଲିସ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ସବୁ ଜିଲ୍ଲାକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଏହି ଆତଙ୍କୀଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମାନଙ୍କ ସମ୍ପର୍କରେ ସୂଚନା ଦେଲେ ବିହାର ସରକାର ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଆତଙ୍କବାଦୀମାନେ ଯେଉଁ ବାଟ ଦେଇ ଅନୁପ୍ରବେଶ କରିଛନ୍ତି ସେହିବାଟ ଦେଇ ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ଚାଲୁଛି। ତେଣୁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ବିହାର ୭ଟି ଜିଲ୍ଲା ନେପାଳ ସୀମାକୁ ଲାଗିରହିଛି। ରାହୁଲ ଏହି ଜିଲ୍ଲାଗୁଡିକୁ ଯାଇସାରିଛନ୍ତି କିମ୍ବା ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଆତଙ୍କବାଦୀମାନେ ବିହାରରେ ବଡ଼ କାଣ୍ଡ ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଆତଙ୍କବାଦୀ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ରାହୁଲଙ୍କ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ରାହୁଲ ସୀତାମଢ଼ିରେ ମାତା ଜାନକୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରୋଡ ଶୋ'କୁ ବାତିଲ କରାଯାଇଛି।

> ସୂଚନା ଦେଲେ ୫୦, ୦୦୦ ଟଙ୍କା ପୁରସ୍କାର
>
> ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରାରେ ପରିବର୍ତ୍ତନ

# ବିଲ୍ ଅନୁମୋଦନ ନେଇ ରାଜ୍ୟପାଳଙ୍କୁ ଅସୀମିତ ସମୟ ଦିଆଯାଇନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲାରେ ଉପରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ବିଲ୍‌କୁ ଅନୁମୋଦନ ଦେବା ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ସମୟ ଦେଲେ ସମ୍ବିଧାନ ଧାରା ୨୦୦ରେ ଥିବା ନିୟମ 'ଯଥାଶୀଘ୍ର'ର ଉଦ୍ଦେଶ୍ୟ ପୂରଣ ହେବ ନାହିଁ ବୋଲି ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି। ବିଧାନସଭାରେ ପାରିତ ବିଲ୍ ଉପରେ ନିଷ୍ପତ୍ତି ନେବା ବିରୋଧରେ ରାଜ୍ୟଗୁଡିକ ଦାଏର କରିଥିବା ରିଟ୍ ଆବେଦନକୁ କେନ୍ଦ୍ର ବିରୋଧ କରିଥିବାବେଳେ ଖଣ୍ଡପୀଠ ଏହି ଟିପ୍ପଣୀ କରିଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାଜ୍ୟ ସରକାରଗୁଡିକ ଧାରା ୩୨କୁ ବ୍ୟବହାର କରିପାରିବେ ନାହିଁ। କାରଣ ମୌଳିକ ଅଧିକାର ସାଧାରଣ ଲୋକଙ୍କ ପାଇଁ ଥାଏ, ରାଜ୍ୟଗୁଡିକ ପାଇଁ ନୁହେଁ। ରାଜ୍ୟଙ୍କୁ ଏଭଳି ଅଧିକାର ମିଳିଛି କି ନାହିଁ ତାହା ରାଷ୍ଟ୍ରପତି ଜାଣିବାକୁ ଚାହୁଁଛନ୍ତି। ଏହା ସହିତ ଧାରା ୩୬୧ ଅନୁଯାୟୀ ନିଜ ନିଷ୍ପତ୍ତି ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ କୋର୍ଟରେ ଦାୟୀ କରାଯାଇପାରିବ ନାହିଁ।

କେନ୍ଦ୍ର ପକ୍ଷରୁ କୁହାଯାଇଥିଲା ଯେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ କୋର୍ଟ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ।କାରଣ ତାଙ୍କ ନିଷ୍ପତ୍ତି ନ୍ୟାୟିକ ସମୀକ୍ଷା ପରିସରରେ ଆସୁନାହିଁ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ କୌଣସି ରାଜ୍ୟପାଳ ୬ ମାସ ପର୍ଯ୍ୟନ୍ତ ବିଲ୍‌କୁ ପକାଇ ରଖିବା ମଧ୍ୟ ଉଚିତ ନୁହେଁ। ସମ୍ବିଧାନ ନିର୍ମାତାମାନେ ଜାଣିଶୁଣି ପ୍ରଥମେ ଧାରା ୨୦୦ରେ ଥିବା ୬ ସପ୍ତାହର ନିୟମକୁ ବଦଳାଇ 'ଯଥାଶୀଘ୍ର' କରି ଦେଇଥିଲେ। ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ଏହାକୁ ଅଣଦେଖା କରାଯାଇପାରିବ କି ବୋଲି ସୁପ୍ରିମକୋର୍ଟ କେନ୍ଦ୍ରକୁ ପଚାରି ଥିଲେ।

## ମା'କୁ ମାରି ଗୀତ ଗାଇଲା ପୁଅ


ରାୟପୁର, ୨୮।୮(ଏଜେନ୍ସି): ଛତିଶଗଡ଼ର ଯଶପୁର ଜିଲ୍ଲାର କୁନ୍‌କୁରୀ ଥାନା ଅଞ୍ଚଳରେ ପୁଅ ନିଜ ମାଆକୁ ଟାଙ୍ଗିଆରେ ହାଣି ମାରିବା ପରେ ମୃତଦେହ ପାଖରେ ବସି ରାଗରେ ଗୀତ ଗାଇଛି। ପାଖକୁ ଆସୁଥିବା ଲୋକଙ୍କୁ ସେ ଟାଙ୍ଗିଆ ହଲାଇ ଭୟଭୀତ କରାଇବାକୁ ପଛାଇନାହିଁ। ଏହି ବ୍ୟକ୍ତି ହେଉଛନ୍ତି ଜିତ ରାମ ଯାଦବ। ସେ ନିଜ ୫୯ ବର୍ଷୀୟ ମା ଗୁଲାବୀଙ୍କୁ ମଙ୍ଗଳବାର ସକାଳ ୫ଟାରେ ହତ୍ୟା କରିଥିଲା। ଗୁଲାବୀ ମରିବା ପର୍ଯ୍ୟନ୍ତ ସେ ତାଙ୍କୁ ଟାଙ୍ଗିଆରେ ହାଣି ଚାଲିଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ ପୁଲିସକୁ କହିଛନ୍ତି। ପୁଲିସ ପହଞ୍ଚିଥିଲେ ବି ଟାଙ୍ଗିଆ ଧରି ଡରାଇବାରୁ ଜିତ୍‌କୁ କାବୁ କରିବାକୁ ପୁଲିସକୁ ୪ ଘଣ୍ଟା ଲାଗିଥିଲା। ହତ୍ୟାର କାରଣ ସମ୍ପର୍କରେ କିଛି ଜଣା ପଡ଼ିନାହିଁ। ତେବେ ଜିତ୍ ମାନସିକ ବିକାରଗ୍ରସ୍ତ ଥିଲା ବୋଲି କୁହାଯାଉଛି।

# ନିଜକୁ ଅସୁରକ୍ଷିତ ମଣୁଛନ୍ତି ୪୦% ସହରାଞ୍ଚଳ ମହିଳା

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଦେଶରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଥିବାବେଳେ ଏକ ଚିନ୍ତାଜନକ ରିପୋର୍ଟ ସାମ୍ନାକୁ ଆସିଛି। ସହରରେ ରହୁଥିବା ୪୦ ପ୍ରତିଶତ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନ୍ୟାସନାଲ ଆନୁଆଲ ରିପୋର୍ଟ ଆଣ୍ଡ ଇଣ୍ଡେକ୍ସ ଅନ୍ ୱିମେନ୍ସ ସେଫ୍‌ଟି (ଏନଏଆରଆଇ)-୨୦୨୫ରୁ ଏହା ଜଣାପଡ଼ିଛି। ୩୧ ସହରର ୧୨,୭୭୦ ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗୁରୁବାର ଏହି ରିପୋର୍ଟ ଜାରି କରାଯାଇଥିଲା। ଏହା ଅନୁଯାୟୀ ୨୦୨୪ରେ ୭ ପ୍ରତିଶତ ମହିଳା ଉତ୍ପୀଡ଼ନର ଶିକାର ହେଉଥିବା କହିଥିଲେ। ଏମାନଙ୍କ ମଧ୍ୟରୁ ୧୮-୨୪ ବର୍ଷର ମହିଳା ସର୍ବାଧିକ ବିପଦର ସମ୍ମୁଖୀନ ହେଉଥିଲେ। ଏହା ଏନ୍‌ସିଆରବିର ୨୦୨୨ ତଥ୍ୟ ଅନୁଯାୟୀ ଶହେଗୁଣ। ସହରର ଗଳିରେ ମହିଳାଙ୍କୁ ଅଶ୍ଳୀଳ ନଜରରେ ଚାହିଁବା, ଗାଳିଗୁଲଜ, ଛୁଇଁବା ଆଦି ଉତ୍ପୀଡ଼ନ ସାମିଲ ରହିଛି। ଦୁର୍ବଳ ଭିତ୍ତିଭୂମି ବ୍ୟବସ୍ଥା, ଖରାପ ଆଲୋକୀକରଣ ଏବଂ ପର୍ଯ୍ୟାପ୍ତ ସାର୍ବଜନୀନ ପରିବହନ ବ୍ୟବସ୍ଥା ନ ଥିବାରୁ ଏପରି ହେଉଛି। କୋଲକାତା, ଦିଲ୍ଲୀ ଭଳି ସହରରେ ମହିଳା ଏଭଳି ନିର୍ଯାତନାର ଶିକାର ହେଉଛନ୍ତି। ଏହା ପଛକୁ ରାଞ୍ଚି, ଶ୍ରୀନଗର, ପାଟନା, ଜୟପୁର ଏବଂ ଫରିଦାବାଦ ରହିଛି। ଏହି ସବୁ ସହର ମହିଳାଙ୍କ ପାଇଁ କମ୍ ସୁରକ୍ଷିତ। ଏହି ସହରରେ ସଂସ୍ଥାଗତ ପ୍ରତିକ୍ରିୟା ଦୁର୍ବଳ ରହିଛି। ପିତୃକୈନ୍ଦ୍ରିକ ଚିନ୍ତାଧାରା ଏବଂ ସହରୀ ମନୋଭାବ ବହୁତ କମ୍ ଥିବାରୁ ସୁରକ୍ଷା ସ୍ଥିତି ଖରାପ ରହିଛି।

କୋହିମା, ବିଶାଖପାଟଣା, ଭୁବନେଶ୍ୱର, ଆଇଜୋଲ, ଗ୍ୟାଙ୍ଗଟକ, ଇଟାନଗର ଏବଂ ମୁମ୍ବଇ ମହିଳାଙ୍କ ପାଇଁ ସବୁଠୁ ସୁରକ୍ଷିତ ସହର ପାଲଟିଛି। ରିପୋର୍ଟରେ କୁହାଯାଇଛି ଯେ କୋହିମା ଏବଂ ଅନ୍ୟ ସବୁଠୁ ସୁରକ୍ଷିତ ସହରରେ ମହିଳାଙ୍କୁ ଅଧିକ ସମାନତା, ନାଗରିକ ସହଭାଗୀ, ଉତ୍ତମ ପୁଲିସ ବ୍ୟବସ୍ଥା ଏବଂ ମହିଳାଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ମିଳୁଛି। ରିପୋର୍ଟରେ କୁହାଯାଇଛି ଯେ ରେକର୍ଡରେ ନ ଥିବା ମାମଲାକୁ ବିଚାରକୁ ନେବାକୁ ପ୍ରୟାସ କରାଯାଇଛି। ପଞ୍ଜିକୃତ ମାମଲାଠାରୁ ବାସ୍ତବତା ଅଧିକ ଭୟଙ୍କର ରହିଛି। ପୁଣି ଉତ୍ପୀଡ଼ନର ଶିକାର ହେବାକୁ ଏବଂ ସାମାଜିକ କଳଙ୍କ ଭୟରେ ଅନେକ ମହିଳା ଏତଲା ଦିଅନ୍ତି ନାହିଁ। ମାତ୍ର ୨୨ ପ୍ରତିଶତ ମହିଳା କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅଭିଯୋଗ କରିଥାନ୍ତି। କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ନିରୋଧୀ ବ୍ୟବସ୍ଥା (ପିଓଏସ୍ଏଚ) ଅଛି କି ନାହିଁ ତାହା ୫୩ ପ୍ରତିଶତ ମହିଳା ଜାଣିନାହାନ୍ତି।

# ପୁଲିସର ଦ୍ୱନ୍ଦ୍ୱ ବଢ଼ାଇଲା ଡାକ୍ତରଙ୍କ ରିପୋର୍ଟ



ନୋଏଡ଼ା, ୨୮।୮ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାର ନିକି ଭାଟିଙ୍କୁ ଯୌତୁକ ପାଇଁ ଜିଅନ୍ତା ପୋଡି ମାରିବା ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକି ନିଜକୁ ନିଆଁ ଲଗାଇ ଥିଲେ କି ସ୍ୱାମୀ ବିପିନ ଭାଟି ତାଙ୍କୁ ନିଆଁ ଲଗାଇ ଦେଇଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଗତ ୨୧ ତାରିଖ ସନ୍ଧ୍ୟା ୫ଟା୩୦ରେ ଘରର ପାହାଚରେ ଜଳନ୍ତା ଅବସ୍ଥାରେ ଓହ୍ଲାଉ ଥିବା ଦେଖାଯାଇଥିଲା। ଯାଞ୍ଚ ସମୟରେ ବିପିନଙ୍କ ଘରେ ୮ଟି ସିସିଟିଭି ଲାଗିଥିବା ଜଣାପଡ଼ିଥିଲା। କିନ୍ତୁ ଘଟଣା ଦିନ ସବୁ ସିସିଟିଭି ବନ୍ଦ ଥିଲା। ଏଥିପାଇଁ କିଛି ବି ରେକର୍ଡ ହୋଇପାରି ନ ଥିଲା। ନିକିଙ୍କ ଭଉଣୀ କାଞ୍ଚନ ନିଜ ମୋବାଇଲରେ ନିକି ଜଳୁଥିବା ଭିଡିଓ ସୁଟ୍ କରିଥିଲେ। ସେ ଏହାକୁ ପ୍ରମାଣ ଭାବେ ପୁଲିସକୁ ଦେଇଥିଲେ। ବିପିନଙ୍କ ପରିବାର ପକ୍ଷରୁ ମଧ୍ୟ ଅନେକ ଦାବି କରାଯାଇଛି। ପୁଲିସକୁ କିଛି ଭିଡିଓ ମଧ୍ୟ ଦେଇଛନ୍ତି। ଗତ ୭ ଦିନରେ ନିକିଙ୍କ ସହ ମାର୍‌ପିଟ ଏବଂ ମୃତ୍ୟୁ ସମ୍ବନ୍ଧିତ ୫ଟି ଭିଡିଓ ସାମ୍ନାକୁ ଆସିଲାଣି। ତଥାପି ବି ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। ଏହି ସବୁ ଭିଡିଓକୁ ପୋଷ୍ଟ କରାଯାଇଥିବାର ତାରିଖ ଜଣା ପଡ଼ିଥିଲେ ବି କେବେ ସୁଟ୍ କରାଯାଇଥିଲା ତାହା ଜଣାପଡ଼ି ନାହିଁ। ଯାଞ୍ଚ ପାଇଁ ଏ ସବୁ ଭିଡିଓକୁ ଆଗ୍ରା ଏବଂ ଚଣ୍ଡିଗଡ଼ ସ୍ଥିତ ଫରେନସିକ ଲ୍ୟାବ୍‌କୁ ପଠାଇବା ପାଇଁ ପ୍ରସ୍ତୁତି କରାଯାଉଛି।

ଏହା ମଧ୍ୟରେ ବଡ଼ ସୂଚନା ସାମ୍ନାକୁ ଆସିଛି। ନିକି ମୃତ୍ୟୁ ପୂର୍ବରୁ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଦେହରେ ନିଆଁ ଲାଗି ଯାଇଥିଲା ବୋଲି ଡାକ୍ତରଙ୍କୁ କହିଥିବା ଦାବି ହେଉଛି। ଡାକ୍ତରଖାନା ଜଣେ ଡାକ୍ତର ଏବଂ ନର୍ସ କହିଛନ୍ତି ଯେ ହସ୍ପିଟାଲକୁ ଆଣିବା ସମୟରେ ନିକି କଥାବାର୍ତ୍ତା କରିପାରୁ ଥିଲେ। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ହସ୍ପିଟାଲ ବାହାରର ସିସିଟିଭି ଫୁଟେଜରେ ନିକିଙ୍କ ଶାଶୁ, ଶ୍ୱଶୁର, ଦେଢ଼ଶୁର ଏବଂ ପଡୋଶୀ କାର୍‌ରେ ବସିଥିବା ଦେଖାଯାଉଛି। ତେବେ ଭାଟିଙ୍କ ଘରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣର କୌଣସି ପ୍ରମାଣ ମିଳି ନ ଥିବା କୁହାଯାଇଛି। ନିକିଙ୍କୁ ବୟାନ ଦେବା ପାଇଁ ବାଧ୍ୟ କରାଯାଇଥିଲା କି ନାହିଁ ଏବେ ତାହାର ତଦନ୍ତ ଚାଲିଛି। ଫରେନସିକ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବ୍ୟବଚ୍ଛେଦ ରିପୋର୍ଟରେ ୮୦% ପୋଡ଼ିଯିବା ଯୋଗୁଁ ନିକିଙ୍କ ମୃତ୍ୟୁ ହୋଇଥିଲା ବୋଲି କୁହାଯାଇଛି। ସେହିପରି ବିପିନ ହିଁ ନିଆଁ ଲଗାଇ ହତ୍ୟା କରିଥିଲା ବୋଲି ନିକିଙ୍କ ଭଉଣୀ କାଞ୍ଚନ କହିଥିଲେ।

# ଆଜିଠୁ କମିବ ବର୍ଷା; ପହିଲାରୁ ପୁଣି ବଢ଼ିବ

ଭୁବନେଶ୍ୱର,୨୮।୮(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ରାଜ୍ୟଠାରୁ ଧୀରେ ଧୀରେ ଦୂରକୁ ଯାଉଛି। ବର୍ତ୍ତମାନ ଏହି ଲଘୁଚାପ କେନ୍ଦ୍ରୀୟ ଛତିଶଗଡ଼ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଯଦିଓ ଏହା ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ବର୍ଷାର ପରିମାଣ ହ୍ରାସ ପାଇଛି; ମାତ୍ର ଲଘୁଚାପ ଯୋଗୁଁ ଗତ ୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ବର୍ଷା ହୋଇଛି। ପ୍ରଥମେ ଲଘୁଚାପ ଯୋଗୁଁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ସେଠାରେ ବିଭିନ୍ନ ନଦୀରେ ଜଳସ୍ତର ବଢ଼ିଛି। ବିଶେଷକରି ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ଯୋଗୁଁ ଜନଜୀବନ ବିଶେଷ ଭାବେ ପ୍ରଭାବିତ ହୋଇଛି। ଗୁରୁବାର ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏବେ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ଲାଗି ରହିଛି। ଶୁକ୍ରବାରଠାରୁ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ କମିବାକୁ ଥିଲେ ମଧ୍ୟ ୧ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଇଛି। କାରଣ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡିଶା ଉପକୂଳରେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ସମ୍ଭାବନା ରହିଛି। ଯାହାଫଳରେ ସେପ୍ଟେମ୍ବରରୁ ପହିଲାରୁ ରାଜ୍ୟରେ ଜାରି ରହିବ ବର୍ଷା ବୃଦ୍ଧି ପାଇବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଛତିଶଗଡ଼ ଉପରେ ବର୍ତ୍ତମାନ ଲଘୁଚାପଟି ସକ୍ରିୟରହିଛି। ଗୁରୁବାର ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବା ବେଳେ ଶୁକ୍ରବାରଠାରୁ ବର୍ଷାର ପରିମାଣ କମିବା ସମ୍ଭାବନା ରହିଛି। ଉତ୍ତର ଓ ଉପକୂଳ ଓଡିଶାର କିଛି ଅଞ୍ଚଳରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୩୦ ତାରିଖ ଯାଏ ପ୍ରବଳ ବର୍ଷାର ସମ୍ଭାବନା ନଥିବା ବେଳେ ପୁଣି ୩୧ରୁ ବର୍ଷା ବଢ଼ିବା ଆକଳନ କରାଯାଉଛି।

ଗତ ୨୪ ଘଣ୍ଟାରେ ୫ ସ୍ଥାନରେ ପ୍ରବଳ ଓ ୭ ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବା ବେଳେ କୋରାପୁଟ ଜୟପୁରରେ ସର୍ବାଧିକ ୧୮୬ ମିମି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଋତୁରେ ଆଜିଯାଏଁ ସ୍ୱାଭାବିକ ବର୍ଷା ୮୮୪ ମିମି ତୁଳନାରେ ୮୫୪ ମିମି ବର୍ଷା ରେକର୍ଡ ହୋଇଛି।

# ଦୁର୍ଦ୍ଦିନରେ କପା ଚାଷୀ
# ଉତ୍ପାଦନ ବଢୁଛି, ଦର ବଢୁନି

ଭୁବନେଶ୍ୱର, ୨୮।୮(ସମିସ): କପା ଏକ ଅର୍ଥକରୀ ଫସଲ। ଚାଷ ପାଇଁ ଓଡ଼ିଶା ଜଳବାୟୁ ବି ଅନୁକୂଳ। ମାତ୍ର କପା ଚାଷ ଆଖିଦୃଶିଆ ଭାବେ ବଢ଼ିପାରୁନି। ଚାଷୀ ଆୟ ବୃଦ୍ଧିରେ ବି ସହାୟ ହୋଇପାରୁନି। ଏତଦବ୍ୟତୀତ କପା ବିହନ ପାଇଁ ଚାଷୀମାନେ ଦହଗଞ୍ଜ ହେଉଛନ୍ତି। ଆଜି ପର୍ଯ୍ୟନ୍ତ ବିହନ ପାଇବା ଦିଗରେ ଚାଷୀମାନେ ଆତ୍ମନିର୍ଭର ହୋଇପାରୁନାହାନ୍ତି। ପ୍ରତିବର୍ଷ ବିହନ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଯେତିକି କପା ଉତ୍ପାଦନ ହେଉଛି, ଚାଷୀଙ୍କୁ ତା'ର ଉଚିତ୍ ମୂଲ୍ୟ ମିଳୁନି। ଆମ ରାଜ୍ୟରେ ସୂତା କଳ ବନ୍ଦ ହୋଇଯିବା ଯୋଗୁଁ କପା ଚାଷୀଙ୍କ ଉନ୍ନତି ହୋଇପାରୁନି ବୋଲି ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି। ବାହାର ରାଜ୍ୟର ବେପାରୀ ଶାଗ-ମାଛ ଦରରେ ଓଡ଼ିଶାରୁ କପା କିଣି ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷି ବିଭାଗ ସୂଚନାନୁସାରେ, ଓଡ଼ିଶାରେ କପା ଚାଷ ୧୯୮୫ ମସିହା ପରଠାରୁ କ୍ରମାଗତ ଭାବେ ବୃଦ୍ଧି ପାଉଛି। ପ୍ରଥମେ ୫ ହଜାର ହେକ୍ଟର ଜମିରେ ଚାଷ ହୋଇ ୫ହଜାର ଗାଣ୍ଠି ଉତ୍ପାଦନ ହୋଇଥିଲା। ୨୦୧୨ ମସିହାରେ ୧.୧୧ ହେକ୍ଟର ଜମିରୁ ୨.୭୧ ଲକ୍ଷ ଗାଣ୍ଠି ଉତ୍ପାଦନ ହେଉଥିବାବେଳେ ୨୦୨୨ରେ ୭.୯ ଲକ୍ଷ ଗାଣ୍ଠିକୁ ବୃଦ୍ଧି ପାଇଥିଲା। ଏବେ ପାଖାପାଖି ୯ ଲକ୍ଷ ଗାଣ୍ଠି ଉତ୍ପାଦନ ହେଉଛି। କପା ଚାଷ ପୂର୍ବରୁ କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା ଓ ନୂଆପଡ଼ା ଜିଲ୍ଲାରେ ହେଉଥିବାବେଳେ ଏବେ ଏହା ଗଞ୍ଜାମ, ସୋନପୁର, ଗଜପତି, ବୌଦ୍ଧ, ବରଗଡ଼, ଫୁଲବାଣୀ ଓ କୋରାପୁଟରେ ହେଉଛି। ଆମ ରାଜ୍ୟର ଡିପ ଜମିରେ ଚାଷ ହେଉଥିବା ସ୍ଥାନୀୟକିସମର ଧାନ, ସୁଆଁ, ଗୁଲ୍‌ଜି, ହରଡ଼, ମାଣ୍ଡିଆ ପ୍ରଭୃତି ଅପେକ୍ଷାକୃତ ସ୍ୱଳ୍ପ ଲାଭଜନକ ଶସ୍ୟ ହୋଇଥିବାବେଳେ କପାକୁ ଏକ ଲାଭଜନକ ଶସ୍ୟ ଭାବେ ଚାଷୀକୂଳ ବିବେଚନା କରୁଛି। କପା ଆମର ଅନ୍ୟତମ ମୁଖ୍ୟ ଅଣପାରମ୍ପରିକ ଅର୍ଥକରୀ ଫସଲ ଭାବେ ଗଣା ହେଉଛି। ରାଜ୍ୟର ସମଗ୍ର ଚାଷ ଜମିର ୨.୭୩ ପ୍ରତିଶତ ଏବଂ ରାଜ୍ୟର ଡିପ ଚାଷ ଜମିର

## ବିହନ ପାଇଁ ବାହାର ରାଜ୍ୟକୁ ଭରସା

୫.୮ ପ୍ରତିଶତ କ୍ଷେତ୍ରରେ ଥିବା ପ୍ରାୟ ୨.୮୯ ଲକ୍ଷ ହେକ୍ଟରରେ କପା ଚାଷ ହେଉଛି। ସମଗ୍ର ଭାରତରେ ଉତ୍ପାଦିତ କପାର ପ୍ରାୟ ୨ ପ୍ରତିଶତରୁ ଅଧିକ ଆମ ରାଜ୍ୟରୁ ଉତ୍ପାଦନ ହେଉଛି।

ଜାତୀୟ କପା ନିଗମର ସୂଚନାନୁସାରେ, ଆମ ଦେଶରେ ୬୫ ପ୍ରତିଶତ କପା ଗୁଜରାଟ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାରେ ଉତ୍ପାଦନ ହେଉଛି। ବାର୍ଷିକ ଗୁଜରାଟ ୯୨ ଲକ୍ଷ ବେଲ୍, ମହାରାଷ୍ଟ୍ର ୮୦ ଲକ୍ଷ, ତେଲାଙ୍ଗାନା ୫୩ ଲକ୍ଷ, ରାଜସ୍ଥାନ ୨୭ ଲକ୍ଷ, କର୍ଣ୍ଣାଟକ ୨୧ ଲକ୍ଷ, ହରିଆଣା ୧୭ ଲକ୍ଷ, ଆନ୍ଧ୍ର ପ୍ରଦେଶ ୧୮ ଲକ୍ଷ, ମଧ୍ୟ ପ୍ରଦେଶ ୧୫ ଲକ୍ଷ, ପଞ୍ଜାବ ୯ ଲକ୍ଷ ଓ ଓଡ଼ିଶା ୭ ଲକ୍ଷ ବେଲ୍ ଉତ୍ପାଦନ ହେଉଛି। ହେକ୍ଟର ପିଛା ଉତ୍ପାଦନ ପରମାଣ ଗୁଜରାଟରେ ଅଧିକ ପ୍ରାୟ ୭୦୦ କିଲୋଗ୍ରାମ ହୋଇଥିବା ବେଳେ ଓଡ଼ିଶାରେ ତାହା ପ୍ରାୟ ୪୯୫ କିଲୋଗ୍ରାମରେ ସୀମିତ ରହିଛି। ଦେଶର ହାରାହାରି ଉତ୍ପାଦନ ହାର ପ୍ରାୟ ୫୦୦ କିଲୋଗ୍ରାମ୍ ରହିଥିଲେ ବି ଅନ୍ୟ ରାଜ୍ୟଗୁଡ଼ିକ ସେମାନଙ୍କ ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଦୃଷ୍ଟି ଦେଉଛନ୍ତି। ମାତ୍ର ଆମ ରାଜ୍ୟରେ ଏ ଦିଗରେ ପଦକ୍ଷେପ ନିଆଯାଉନି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ବଲାଙ୍ଗୀର ଏବଂ କଳାହାଣ୍ଡି ମଣ୍ଡିକୁ ସମବାୟ ବିଭାଗ ପକ୍ଷରୁ ଜାତୀୟ ମଣ୍ଡିର ମାନ୍ୟତା ମିଳିଛି। କଳାହାଣ୍ଡିର ଚାଷୀ ମହେନ୍ଦ୍ର ବହିଦାର୍‌ଙ୍କ କହିବାନୁସାରେ, ୧୦ ବର୍ଷ ପୂର୍ବରୁ ଭବାନୀପାଟଣାରେ ପ୍ରତି ଗାଁରେ କପା ଚାଷ ହେଉଥିଲା। କ୍ରମଶଃ ଏହା କମିବାରେ ଲାଗିଛି। ଏହି ଚାଷ ପାଇଁ ପାଣିର ଆବଶ୍ୟକତା ରହୁଥିବାବେଳେ ଜଳସେଚନ ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ଅନ୍ୟପକ୍ଷରେ ପ୍ରତିବର୍ଷ ଯେତିକି ଉତ୍ପାଦନ ହେଉଛି, ତା'ର ସଠିକ ଦାମ୍ ମିଳୁନି। ଗତବର୍ଷ ଅଧିକ ଚାହିଦା ଥିବାରୁ କେଜି ହିସାବରେ ୭୭ ଟଙ୍କା ମିଳିଥିଲା। କିନ୍ତୁ ଚଳିତ ବର୍ଷ ଏମ୍‌ଏସ୍‌ପି ଦର ଧାର୍ଯ୍ୟ ହେବାରୁ ତୁଳାର ମାନ ଅନୁସାରେ ଏହା ୭୦ଟଙ୍କାକୁ ଖସିଆସିଛି। କପା ଉତ୍ପାଦନରେ ବୃଦ୍ଧି ପାଇଲେ ବି ଆମର ସୁତାକଳ ନଥିବା ଦାମ୍ ନ ବଢ଼ିବାର ପ୍ରମୁଖ କାରଣ ବୋଲି କୁହାଯାଉଛି।

# ପୁରୀ ବିମାନବନ୍ଦର ପାଇଁ ହେବ ପକ୍ଷୀଜନିତ ବିପଦର ଅନୁଧ୍ୟାନ

ଭୁବନେଶ୍ୱର,୨୮।୮(ସମିସ): ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଖୁବ୍‌ଶୀଘ୍ର ପକ୍ଷୀ ଜନିତ ବିପଦ ଉପରେ ଅନୁଧ୍ୟାନ କରାଯିବ। ଏହି ପ୍ରକଳ୍ପ ଯୋଗୁଁ ଆବଶ୍ୟକ ଅନୁମୋଦନ ପାଇବା ପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟରେ ଏହି ରିପୋର୍ଟ ଦାଖଲ କରାଯିବ। ପୁରୀର ସିପସରୁବାଲିରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ପାଇଁ ମିଳିତ ସର୍ବେକ୍ଷଣ ସଂସ୍ଥା ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ର ଉପରେ ଏକ ବ୍ୟାପକ ଅଧ୍ୟୟନ କରିଛି। ପ୍ରକଳ୍ପ ଭିତରେ ଏବଂ ଏହାର ଆଖପାଖରେ ପ୍ରବାସୀ ପକ୍ଷୀ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ପରିବେଶ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏଥିରେ ଦର୍ଶାଯାଇଛି। ମାତ୍ର ପକ୍ଷୀ ଜନିତ କେଉଁ ବିପଦ ରହୁଛି ତାହା ଉପରେ ଅଧ୍ୟୟନକୁ ଗୁରୁତ୍ୱ ଦିଆଯାଇଛି। ଏହି ଅଧ୍ୟୟନ ସହିତ

- ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ସୁପାରିସ୍ ଆଧାରରେ ହେବ ଅନୁଧ୍ୟାନ
- ଚୂଡ଼ାନ୍ତ ପରିବେଶ ମଞ୍ଜୁରୀ ପୂର୍ବରୁ ଅନୁଧ୍ୟାନ କରିବେ ସରକାର

ପରିବେଶ ମଞ୍ଜୁରୀ ଏବଂ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ପାଇଁ ଅତିରିକ୍ତ ସର୍ତ୍ତ ଭାବରେ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଏହି ଅଧ୍ୟୟନ ପାଇଁ କହିଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ପକ୍ଷୀ ଜନିତ ବିପଦ ଉପରେ ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିମାନବନ୍ଦର ପ୍ରକଳ୍ପର ପ୍ରସ୍ତାବକ ଭାବେ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ଏହି ଅଧ୍ୟୟନ କରିବ ଏବଂ ଏଥିପାଇଁ ଏ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନକୁ ନିୟୋଜିତ କରିବ ବୋଲି ଜଣାପଡ଼ିଛି।

ବାଣିଜ୍ୟ ଏବଂ ପରିବହନ ବିଭାଗ ପୂର୍ବରୁ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟିକୁ ଜଣାଇଥିଲା ଯେ ଭାରତୀୟ ପ୍ରାଣୀ ବାଣିଜ୍ୟ ଓ ପରିବହନ ବିଭାଗକୁ ଓଡ଼ିଶା ଉପକୂଳ ଅଞ୍ଚଳ ପରିଚାଳନା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସର୍ତ୍ତାବଳୀ ପାଳନ କରିବାକୁ କୁହାଯାଇଛି। ଏହି ଆଧାରରେ ପ୍ରସ୍ତାବିତ ବିମାନବନ୍ଦର ଚାରିପାଖରେ କରାଯିବାକୁ ଥିବା ବୃକ୍ଷ ରୋପଣ ନିମନ୍ତେ ମାର୍ଗଦର୍ଶିକା ପାଇଁ ରାଜ୍ୟ ବନ ବିଭାଗ ସହିତ ବିଚାରବିମର୍ଶ କରିବାକୁ କୁହାଯାଇଛି।

ବର୍ତ୍ତମାନ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ କେବଳ ଚୂଡ଼ାନ୍ତ ପରିବେଶ ମଞ୍ଜୁରୀକୁ ଅପେକ୍ଷା ରହିଛି। ଏହି ମଞ୍ଜୁରୀ ମିଳିବା ପରେ ବିମାନବନ୍ଦନ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ପଥ ପରିଷ୍କାର ହେବ। ନିକଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିମାନବନ୍ଦର ପ୍ରକଳ୍ପକୁ ନୀତିଗତ ଅନୁମୋଦନ ଦେଇଥିଲା। ଏହାପରେ ପୁରୀରେ ପ୍ରସ୍ତାବିତ ବିମାନବନ୍ଦ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି କ୍ଷେତ୍ର ପରିଦର୍ଶନ କରି କିଛି ନିର୍ଦ୍ଦିଷ୍ଟ ପ୍ରଶ୍ନ ଉଠାଇଥିଲା। ଏ ସମ୍ପର୍କରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମନ୍ତ୍ରଣାଳୟ ନିକଟରେ ଜବାବ ଦାଖଲ କରାଯାଇଥିଲା। ସୂଚନା ଥାଉ କି ଏହି କେନ୍ଦ୍ରୀୟ ଟିମ୍ ପରିବେଶ ମଞ୍ଜୁରୀ ସମ୍ପର୍କିତ କିଛି ପଦକ୍ଷେପ ନେବା ଲାଗି ସୁପାରିସ କରିଥିଲେ। ବିମାନବନ୍ଦର ନିର୍ମାଣ ହେଲେ ଶ୍ରୀମନ୍ଦିର ଉପରେ କିମ୍ବା ଚିଲିକା ହ୍ରଦ ତଥା ଅଲିଭ୍‌ରିଡ୍‌ଲେ କଇଁଚଙ୍କ ଅଣ୍ଡାଦାନ ଉପରେ କିଛି କୁପ୍ରଭାବ ପଡିବ କି ନାହିଁ, ବିଦେଶାଗତ ପକ୍ଷୀଙ୍କ ଯିବା ଆସିବା କ୍ଷେତ୍ରରେ ବିମାନ କ୍ଷେତ୍ର ରହୁଛି କି ଆଦି ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ କହିଥିଲେ। ଶ୍ରୀମନ୍ଦିର ଉପରେ ପ୍ରଭାବ ଆଶଙ୍କା କ୍ଷୀଣ ବୋଲି ବିଶେଷଜ୍ଞ ରିପୋର୍ଟ ଦେଇଥିଲେ ସୁଦ୍ଧା ଏଏସ୍‌ଆଇର ମତାମତ ନେବା ପାଇଁ ସୁପାରିସ କରାଯାଇଥିଲା। ଏ ସବୁର ଜବାବ ଗତ ଜୁନ ମାସରେ ପରିବହନ ବିଭାଗ ପକ୍ଷରୁ କେନ୍ଦ୍ର ପରିବେଶ ମନ୍ତ୍ରାଳୟକୁ ପ୍ରଦାନ କରାଯାଇ ଚୂଡାନ୍ତ ଅନୁମୋଦନ ପ୍ରଦାନ ପାଇଁ ନିବେଦନ କରାଯାଇଛି।

# ଆଜିଠୁ ଏସ୍‌ସି, ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ

ଭୁବନେଶ୍ୱର,୨୮।୮(ସମିସ): ଶୁକ୍ରବାରଠାରୁ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ସଂସଦ ଓ ବିଧାନସଭାର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ଦୁଇଦିନିଆ ଜାତୀୟ ସମ୍ମିଳନୀ। ଲୋକସେବା

## ଉଦ୍‌ଘାଟନ କରିବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ଏହି ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦଘାଟନ କରିବେ। ଏ ସମ୍ପର୍କରେ ବାଚସ୍ପତି ସୁରମା ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ଧରଣର ଜାତୀୟ ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ଏହି ସମାବେଶକୁ ସମ୍ବୋଧିତ କରିବେ। ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ



ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟ ଓ ସାଂସଦମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଯୋଗଦେବେ। ଚଳିତ ସମ୍ମିଳନୀର ବିଷୟବସ୍ତୁ ରହିଛି "ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା'। ୩୦ ତାରିଖ ଦିନ ଉଦ୍‌ଯାପନୀ ଉତ୍ସବ ଅବସରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍‌ପାଟି, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକଫର ଫଗନ ସିଂହ କୁଲସ୍ତେ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଉଦ୍‌ବୋଧନ ଦେବେ।

ଏହି ସମ୍ମିଳନୀ ଅବସରରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକୁ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟଙ୍କ ଚାଲିଚଳଣି, ପୋଷାକ ପରିଧାନ, କାର୍ଯ୍ୟକୁଶଳତା, କାରିଗରୀ ବିଦ୍ୟା, ହସ୍ତଶିଳ୍ପ ସଂପର୍କରେ ଅବଗତ କରାଇବା ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଉଛି ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ସୂଚନା ଦେଇଛନ୍ତି।

# ଏମ୍‌ସରେ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା ଆରମ୍ଭ

ଭୁବନେଶ୍ୱର, ୨୮।୮ (ସମିସ): ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏମ୍‌ସ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ ହୋଇଛି। ଅତ୍ୟାଧୁନିକ ନନ୍-ଇନ୍ଭେସିଭ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି ଔଷଧ ପ୍ରତିରୋଧୀ ଓ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀ?ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବ। ନ୍ୟୁରୋମଡ୍ୟୁଲେସନ୍ ସେବାକୁ ଉଦଘାଟନ କରିବା ସହ ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍‌ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକାରୀହୋଇଥିବା ନୂତନ କେନ୍ଦ୍ରଟି ଉନ୍ନତ ନ୍ୟୁରୋମଡ୍ୟୁଲେସନ୍ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଯେଉଁଥିରେ ରିପିଟିଟିଭ୍ ଟ୍ରାନ୍ସକ୍ରାନିଏଲ୍ ମ୍ୟାଗ୍ନେଟିକ୍ ଷ୍ଟିମୁଲେସନ୍(ଆର୍‌ଟିଏମ୍‌ଏସ) ୟୁନିଟ୍, ଅଲ୍ଟ୍ରା-ବ୍ରିଫ୍ ପଲ୍ସ ଇସିଟି ୟୁନିଟ୍ ଓ ଟ୍ରାନ୍ସକ୍ରାନିଏଲ୍ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍ (ଟିଇଏସ୍) ଅନ୍ତର୍ଭୁକ୍ତ। ଏହି ନନ୍-ଇନ୍ଭେସିଭ



କୌଶଳଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରେନ୍ ସର୍କିଟରେ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରି କାର୍ଯ୍ୟ କରେ। ଏହି କେନ୍ଦ୍ର ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି, ମାଦକ କିମ୍ବା ନିଶା ଦ୍ରବ୍ୟ ସେବନଜନିତ ବ୍ୟାଧି ଏବଂ ନ୍ୟୁରୋସାଇକିଆଟ୍ରିକ୍ ଅବସ୍ଥା ପାଇଁ ବିଶେଷ ଚିକିତ୍ସା ପ୍ରଦାନ କରିବ। କେବଳ ମସ୍ତିଷ୍କର ପ୍ରଭାବିତ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ, ଏହି ଚିକିତ୍ସା ପ୍ରଣାଳୀ ପାରମ୍ପରିକ ଚିକିତ୍ସା ପଦ୍ଧତି ଅପେକ୍ଷା ଅଧିକ ସଠିକ୍ ଏବଂ ଗ୍ରହଣୀୟ ବିକଳ୍ପ ପ୍ରଦାନ କରେ। ଯାହା ଦ୍ରୁତ ଆରୋଗ୍ୟ ଓ ଉତ୍ତମ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିଭିନ୍ନ ମାନସିକ ବ୍ୟାଧିରୁ ଆରାମ ପାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ହେବ ବୋଲି ବିଭାଗୀୟ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରି?ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁଂଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା, ବରିଷ୍ଠ ଅଧିକାରୀ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ଗଛରେ ପିଟିହେଲା ବାଇକ୍; ଦୁଇ ନାବାଳକ ମୃତ

ବାରିପଦା, ୨୮।୮ (ସମିସ): ଛୁଟିଦିନରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ଲୁଲୁଙ୍ଗ ପର୍ଯ୍ୟଟନସ୍ଥଳକୁ ବାଇକରେ ବୁଲିବାକୁ ଯାଉଥିବାବେଳେ ରାସ୍ତାକଡରେ ଥିବା ଏକ ଗଛକୁ ଧକ୍କା ଦେବାରୁ ଦୁଇ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବାଙ୍ଗିରିପୋଷି ଅଞ୍ଚଳର ଶୁଭମ ନାଏକ (୧୭) ଓ ରାକେଶ ନାଏକ (୧୭)।

ଗୁରୁବାର ସକାଳେ ୪ ଜଣ ସାଙ୍ଗ ଦୁଇଟି ବାଇକରେ ଲୁଲୁଙ୍ଗକୁ ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ଘରକୁ ଫେରୁଥିବାବେଳେ ବାରିପଦା ସଦର ଥାନା ଅନ୍ତର୍ଗତ କୋଚିଲାଘାଟି ଗ୍ରାମ ନିକଟରେ ଗୋଟିଏ ବାଇକ ଭାରସାମ୍ୟ ହରାଇ ରାସ୍ତାକଡର ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ଦୁଇଜଣ ନାବାଳକ ରାସ୍ତାରେ ଖସି ପଡିବାରୁ ମୁଣ୍ଡରେ ଜୋର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେମାନଙ୍କ ସାଙ୍ଗରେ ଥିବା ଅନ୍ୟ ଦୁଇଜଣ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ; ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚିଥିଲେ। ଡାକ୍ତରଖାନାରେ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

PARADEEP PARIVAHAN LIMITED

**PARADEEP PARIVAHAN LIMITED**

(CIN: L63090OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India
Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:info@paradeepparivahan.com
Web Site: www.paradeepparivahan.com

**NOTICE OF 25TH ANNUAL GENERAL MEETING AND REMOTE E-VOTING**

NOTICE IS HEREBY GIVEN THAT THE 25TH ANNUAL GENERAL MEETING (AGM) OF THE MEMBERS OF PARADEEP PARIVAHAN LIMITED WILL BE HELD ON FRIDAY, SEPTEMBER 19, 2025, AT 12.30 P.M.(IST) AT THE EMPIRES HOTEL PARADIP AT MARINE DRIVE ROAD, PARADIP PORT, JAGATSINGHPUR-754142, ODISHA, INDIA.

Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2025 have been sent in electronic mode on August 28, 2025 to the members whose e-mail IDs are registered with the Company or Depository Participant(s).

Members are hereby informed that the notice of the 25th Annual General Meeting and 25th Annual Report of the company are available on the website of the company www.paradeepparivahan.com . The Notice & Annual Report are also available for inspection at the registered office of the company on all working days during business hours of the Company.

Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2024-25.

All members are hereby informed that:

1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: August 28, 2025;
3. The remote e-voting shall commence on Monday, September 15, 2025 at 9:00 a.m. (IST) and end on Thursday, September 18, 2025 at 5.00 p.m. (IST);
4. The remote e-voting shall not be allowed beyond Thursday, September 18, 2025 at 5.00 p.m. (IST);
5. The cut-off date for determining the eligibility to vote through remote e-voting or at the AGM will be Friday, September 12, 2025;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at www.evoting.nsdl.com and https://ivote.bigshareonline.com . However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Friday, September 12, 2025 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:
a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self-attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.
b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com
11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call us at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

By Order of the Board of Directors
For PARADEEP PARIVAHAN LIMITED
SD/- Khalid Khan
Managing Director
DIN: 06432054

Place: Bhubaneswar
Date: 20.08.2025

# ଭାଇରାଲ୍ ଜ୍ୱର କବଳରେ ଓଡ଼ିଶା

ଭୁବନେଶ୍ୱର, ୨୮।୮(ସମିସ): ଘରେ ଘରେ ଏବେ ଜ୍ୱର, କାଶ, ଥଣ୍ଡା। ଡେଙ୍ଗୁ, ମ୍ୟାଲେରିଆ ଆଦି ପରୀକ୍ଷା କଲେ ରିପୋର୍ଟ ନେଗେଟିଭ୍ ଆସୁଛି; କିନ୍ତୁ ୫ରୁ ୭ ଦିନ ପର୍ଯ୍ୟନ୍ତ ତଣ୍ଟି ଦରଜ ଓ ଗଳା ବସିବା ଭଳି ଲକ୍ଷଣ ଦେଖାଯାଉଛି। ଶରୀରରେ ତାପମାତ୍ରା କିଛି ଦିନ ଯାଏଁ ଲାଗି ରହୁଛି। ରାଜଧାନୀରେ ପ୍ରତି ୫ଜଣରେ ଜଣେ ଏବେ ଏହି ଜ୍ୱରରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଦୈନିକ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଶହ ଶହ ରୋଗୀ ଆସୁଛନ୍ତି। ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଘରୋଇ ଚିକିତ୍ସାଳୟରେ ମଧ୍ୟ ରୋଗୀଙ୍କ ଲମ୍ବା ଧାଡ଼ି ଲାଗୁଛି। କେବଳ ରାଜଧାନୀ ନୁହେଁ, ସାରା ରାଜ୍ୟରେ ଅର୍ଦ୍ଧାଧିକ ଲୋକ ଏବେ ଏପରି ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ସୂଚନା ଅନୁସାରେ ଏହି ଜ୍ୱର ଓ ଥଣ୍ଡାରେ ଛୋଟ ପିଲା ଏଥିରେ ଅଧିକ ମାତ୍ରାରେ ସଂକ୍ରମିତ ହେଉଛନ୍ତି। ପିଲାଙ୍କଠାରୁ ବଡ଼ ଲୋକମାନଙ୍କୁ ବ୍ୟାପୁଛି। ପରିବାରର କୌଣସି ସଦସ୍ୟଙ୍କୁ ଏହି ଜ୍ୱର ହେଲେ ଧୀରେ ଧୀରେ ସମସ୍ତେ ସଂକ୍ରମିତ ହେଉଛନ୍ତି। କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ଏଚ୍-୧ ଏନ୍-୧ ଭୂତାଣୁ କହୁଥିବା ବେଳେ କିଛି ଏହାକୁ ଭାଇରାଲ୍ ଫିଭର୍(ଜ୍ୱର) ବୋଲି କହୁଛନ୍ତି। ହେଲେ ସରକାରୀ ଭାବେ ଏହି ଜ୍ୱରକୁ ନେଇ କୌଣସି ସ୍ୱଷ୍ଟ କରାଯାଇନାହିଁ। ତେଣୁ ଏହା କେଉଁ ପ୍ରକାର ଭୂତାଣୁ ବୋଲି କିଛି ସ୍ୱଷ୍ଟ ହୋଇପାରୁନି। ରୋଗୀ ଡାକ୍ତରଖାନାରୁ ଓ ଔଷଧ ଦୋକାନରୁ ଥଣ୍ଡା ଓ ସାଧାରଣ ଜ୍ୱର ପାଇଁ ଉଦ୍ଦିଷ୍ଟ ପାରାସିଟାମଲ୍ ଔଷଧ ଖାଇ ସୁସ୍ଥ ଅନୁଭବ କରୁଥିବା କହୁଛନ୍ତି। ଖରା-ବର୍ଷା ସାଙ୍ଗକୁ ଗରମ ଗୁଳୁଗୁଳିରୁ ରକ୍ଷା ପାଇଁ ଲୋକମାନେ ପଙ୍ଖା, ଏସି ଆଦି ବ୍ୟବହାର କରୁଛନ୍ତି।

- କରୋନା ଭଳି ଘରକୁ ଘର ବ୍ୟାପୁଛି ସଂକ୍ରମଣ
- ପାଣିପାଗ ପରିବର୍ତ୍ତନକୁ ଦାୟୀ କଲେ ବିଶେଷଜ୍ଞ

ତେଣୁ ଶରୀର ହଠାତ୍ ଥଣ୍ଡା ଓ ଗରମ ଅନୁଭବ କରିବା ଯୋଗୁଁ ଏଭଳି ରୋଗ ଦେଖାଦେଉଥିବା ବିଶେଷଜ୍ଞମାନେ କହିଛନ୍ତି।

ଭାଇରାଲ୍ ଜ୍ୱର ଅତି ସହଜରେ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ହେଉଛି। ବିଶେଷକରି ରୋଗୀ ମାସ୍କ ନ ପିନ୍ଧିଥିବା ବେଳେ ରୋଗୀର ପାଖରେ ବସିବା ଓ ରୋଗୀ ବ୍ୟବହାର କରୁଥିବା ଜିନିଷ ପତ୍ରକୁ ବ୍ୟବହାର କରିବା ଦ୍ୱାରା ହିଁ ସଂକ୍ରମଣ ବୃଦ୍ଧି ପାଉଛି। ତେଣୁ କରୋନା ମହାମାରୀ ସମୟରେ ଯେଉଁଳି ସାମାଜିକ ଦୂରତା ଓ ମାସ୍କ ବ୍ୟବହାର ବାଧ୍ୟତାମୂଳକ ହୋଇଥିଲା, ଏବେ ସେହି ପନ୍ଥା ଆପଣାଇବା ସହ ଆକ୍ରାନ୍ତ ବ୍ୟକ୍ତି ଥଣ୍ଡା ଓ ପାରାସିଟାମଲ୍ ଭଳି ଔଷଧ ଖାଇବା ଉଚିତ୍ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଏହାସହ ଗରମ ବାମ୍ଫ ନେବାକୁ ଡାକ୍ତରମାନେ କହିଛନ୍ତି। ଛୋଟ ଶିଶୁଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତେ ଏହି ଚିକିତ୍ସା ପଦ୍ଧତିକୁ ଆପଣାଇବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଭେଷଜ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ବେହେରା କହିଛନ୍ତି, ସାଧାରଣତଃ ପାଗରେ ପରିବର୍ତ୍ତନ ଆସିବା କାରଣରୁ ଥଣ୍ଡା ଜ୍ୱର ହେବା ସ୍ୱାଭାବିକ। ଏହାକୁ ନେଇ ଆଦୌ ଚିନ୍ତିତ ହେବା ଉଚିତ ନୁହେଁ। ଏହା ସଂକ୍ରମିତ ଜ୍ୱର ହୋଇଥିବାରୁ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ନ ବ୍ୟାପିବା ନେଇ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିରେ ବରିଷ୍ଠ ନାଗରିକମାନେ ଟିକେ ଅଧିକ ସର୍ତକ ହୋଇ ଚଳିବା ଉଚିତ। କାରଣ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ସାଧାରଣତ କମ୍ ରହିଥାଏ। ତେଣୁ ଥରେ ଜ୍ୱରରେ ଆକ୍ରାନ୍ତ ହେଲେ ସୁସ୍ଥ ହେବା ପାଇଁ ମାତ୍ରାଧିକ ସମୟ ଲାଗିପାରେ। ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ପାଖାପାଖି ୨୦ ଦିନ ସମୟ ଲାଗିବ ବୋଲି ସେ କହିଛନ୍ତି।

## ବର୍ଷାରେ ବୁଡ଼ିଲା କୁଇଗୁରୁ ପୋଲ

# ମୋଟୁ ଦେଇ ଆନ୍ଧ୍ର ଓ ତେଲେଙ୍ଗାନା ଯାତାୟାତ ଠପ୍



ମାଲକାନଗିରି, ୨୮ ।୮ (ସମିସ): ମାଲକାନଗିରି ଜିଲ୍ଲା ସମେତ ଆଖପାଖ ଜିଲ୍ଲା ଓ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଥିବା ହେତୁ ବିଭିନ୍ନ ସ୍ଥାନରେ ସ୍ଥିତି ବେହାଲ ହେବାରେ ଲାଗିଛି । ମାଲକାନଗିରି ଜିଲ୍ଲାର ବିଭିନ୍ନ ଗ୍ରାମରେ ପାଣି ପଶି ସ୍ଥିତି ଅଣାୟତ କରିଥିବା ବେଳେ ବର୍ତ୍ତମାନ ସାବେରୀ ଓ ସିଲେରୁ ନଦୀର ଜଳସ୍ତର ବୃଦ୍ଧି ପାଇ କୋଇଗୁରୁ ପୋଲ ଉପରେ ପାଣି ଆସିବାରୁ ମୋଟୁ ଦେଇ ୩୨୬ ନଂ ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଛି । ମାଲକାନଗିରିର ମୋଟୁ ଦେଇ ଆନ୍ଧ୍ର-ତେଲେଙ୍ଗାନା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହା ସହ ମାଲକାନଗିରିରୁ ଛତିଶଗଡର ସୁକୁମାକୁ ସଂଯୋଗ କରୁଥିବା ରାସ୍ତାରେ ଝାପରା ପୋଲକୁ ମଧ୍ୟ ପାଣି ଛୁଇଁଥିବା ସହ ପ୍ରାୟ ୨ଫୁଟ ଉଚ୍ଚର ପଣି ପ୍ରବାହିତ ହେବାରୁ ସୁକୁମା ଦେଇ ଛତିଶଗଡ଼ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପୋଲାଭରମ ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ହେତୁ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି । ମୋଟୁ ଓ ଆଖପାଖ ଗ୍ରାମ ଜଳମଗ୍ନ ହେବାର ଭୟ ସ୍ଥାନୀୟ ଲୋକଙ୍କୁ ଘାରିଛି । ତେବେ ଆଗକୁ ଯଦି ଅଧିକ ବର୍ଷା ହୁଏ, ଏହି ନଦୀର ଜଳସ୍ତର ଆହୁରି ଅଧିକ ବଢିବାର ଆଶଙ୍କା ରହିଛି । କେବଳ ମାଲକାନଗିରି ଜିଲ୍ଲା ନୁହେଁ, ଆଖପାଖ ଜିଲ୍ଲାରେ ବର୍ଷା ହେଲେ ଏହି ନଦୀ ଗୁଡିକର ଜଳସ୍ତର ବୃଦ୍ଧି ପାଉଛି । ପୂର୍ବରୁ ପୋଲାଭରମ ବନ୍ଧ ନିର୍ମାଣ ହୋଇ ନଥିବା ବେଳେ ନଦୀର ଜଳସ୍ତର ବୃଦ୍ଧି ହେଲେ ମଧ୍ୟ ଜଳ ନିଷ୍କାସନ ସଠିକ ଭାବେ ହେଉଥିବାରୁ ବିଶେଷ ସମସ୍ୟା ଉପୁଜି ନଥିଲା । କିନ୍ତୁ କିଛି ବର୍ଷ ଧରି ପୋଲାଭରମ କାର୍ଯ୍ୟ ଯୋଗୁଁ ସିଲେରୁ ଓ ସାବେରୀ ନଦୀରେ ଜଳ ନିଷ୍କାସନ ନ ହୋଇ ପଛୁଆ ଜଳ ଆସିବାରୁ ଅଞ୍ଚଳରେ ବର୍ଷା ଦିନ ହେଲେ ଚିନ୍ତା ବଢିବାରେ ଲାଗୁଛି ।

● ସରକାରୀ ବସ୍‌ରୁ ଗଞ୍ଜେଇ ଜବତ

# ଚାଲାଣକାରୀ ଚମ୍ପଟ



ଜୟପୁର, ୨୮ । ୮(ସମିସ) : ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡ ଠାରେ ଟାଉନ୍ ଥାନା ପୁଲିସ ସରାକାରୀ ବସ୍‌ରୁ ପ୍ରାୟ ୫ କିଲୋ ଗଞ୍ଜେଇ ଜବତ କରିଛି । କିନ୍ତୁ ଏହାକୁ କିଏ ଚାଲାଣ କରୁଥିବା ଜଣାପଡିନଥିବା ବେଳେ ବସ କର୍ମଚାରୀଙ୍କୁ ପୁଲିସ ପଚରାଉଚରା କରିଛି । ରାଜ୍ୟ ପରିବହନ ନିଗମର ଏକ ବସ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାତ୍ରା କରୁଥିବା ବେଳେ ବସ୍ ଭିତରେ ଏକ ବ୍ୟାଗ ରହିଥିବା ନେଇ ଜଣେ ସ୍ଥାନୀୟ ମହିଳାଙ୍କ ଠାରୁ ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟାଗକୁ ଯାଞ୍ଚ କରିଥିଲା । କିଛି ପ୍ୟାଣ୍ଟ, ସାର୍ଟ ସହ ପ୍ୟାକେଟ ହୋଇଥିବା ପ୍ରାୟ ୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି । କିନ୍ତୁ ପୁଲିସ ପହଞ୍ଚିବା ପୂର୍ବରୁ ଉକ୍ତ ବ୍ୟାଗକୁ ମହିଳା ଜଣକ ଖୋଲିବା ସହ ଯାଞ୍ଚ କରିଥିଲେ ଏବଂ ଏହା ଭିତରେ ଗଞ୍ଜେଇ ରହିଥିବା ଜାଣିବା ପରେ ପୁଲିସକୁ ସୂଚନା ଦେଇଥିଲେ । ଟାଉନଥାନା ପୁଲିସ ଉକ୍ତ ବ୍ୟାଗ ସମେତ ଗଞ୍ଜେଇ ପ୍ୟାକେଟକୁ ଜବତ କରିଛନ୍ତି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ଏହିପରି ପୁଲିସ ସିସି ଟିଭି ଯାଞ୍ଚ କରୁଥିବା ବେଳେ ଅନ୍ୟାନ୍ୟ ବିଷୟ ଏବଂ ସୂଚନାକୁ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି ।

# ଜିଲ୍ଲା ପରିଷଦ ସଭ୍ୟାଙ୍କ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ





ମାଥିଲି, ୨୮ ।୮ (ସମିସ):

ମାଥିଲି ବ୍ଲକର ବିଭିନ୍ନ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଗୁରୁବାର ଦିନ ପରିଦର୍ଶନ କରିଥିଲେ । ସେ କିଆଙ୍ଗ, ସାଲିମି, ଟେମ୍ପୁରୁପାଲ୍ଲି, ମହୁପଦର ଓ କମାରପାଲି ପଞ୍ଚାୟତର ଅନେକ ବନ୍ୟା ପୀଡ଼ିତ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଲଗାଣ ବର୍ଷାରେ ପାଣି ଘେରରେ ଥିବା ଦୁର୍ଗମ ଅଞ୍ଚଳର କିଛି ଘର ଭାଙ୍ଗିବା ସହ ଚାଷ ଜମିରେ ପାଣି ପ୍ରବାହିତ ହୋଇ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖି ତୁରନ୍ତ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଥିଲେ । ତୁରନ୍ତ କେମିତି ଲୋକମାନେ ସରକାରୀ ସୁବିଧା ପାଇପାରିବେ, ସେ ସମ୍ପର୍କରେ ଅବଗତ କରିଥିଲେ । ବର୍ଷାଜଳ ଘେରି ରହିଥିବା କିଛି ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ହୋଇଥିବା ଚାଷ ଜମି ଗୁଡିକ ବୁଲି ଦେଖିଥିଲେ । ଜିଲ୍ଲା ପରିଷଦଙ୍କ ସହ ସ୍ଥାନୀୟ ସରପଞ୍ଚ ଏବଂ ଅନ୍ୟାନ୍ୟ କର୍ମୀ ମାନେ ଉପସ୍ଥିତି ରହି ବ୍ଲକର ବିଭିନ୍ନ ବନ୍ୟା କ୍ଷୟକ୍ଷତି ହୋଇଥିବା ଅଞ୍ଚଳ ଗୁଡ଼ିକୁ ପରିଦର୍ଶନ କରିଥିଲେ । ସେଥିରେ ପୀଡ଼ିତ ଲୋକଙ୍କ ସହିତ ଆଲୋଚନା କରି, ସେମାନଙ୍କ ସମସ୍ୟା ସମାଧାନ ଓ ଆବଶ୍ୟକତା ବିଷୟରେ ଅଧିକାରୀଙ୍କୁ ଅବଗତ କରାଇବାକୁ ଆଶ୍ୱାସନା ଦେଇଥିଲେ ।

■ ଚିତ୍ରକୋଣ୍ଡା ବିଧାୟକଙ୍କ ମହୁପଦର, କମାରପାଲି ପଞ୍ଚାୟତ ଗସ୍ତ

# ବର୍ଷା କ୍ଷତିଗ୍ରସ୍ତ ପରିବାରକୁ ଭେଟିଲେ ବିଧାୟକ



ମାଲକାନଗିରି, ୨୮ ।୮ (ସମିସ): ଲଗାଣ ବର୍ଷାରେ ମାଥିଲି ବ୍ଲକ ମହୁପଦର ଏବଂ କମାରପାଲି ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି । ଏହି ଖବର ପାଇଁ ଲୋକଙ୍କ ପାଖରେ ପହଞ୍ଚିଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ । ବିଧାୟକଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ମାଥିଲି ବ୍ଲକର ଦୁର୍ଗମ ଅଞ୍ଚଳ କୁହାଯାଉଥିବା ମହୁପଦର ଏବଂ କମାରପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲଗାଣ ବର୍ଷା ହେତୁ କିଛି ଘର ଭାଙ୍ଗିବା ସହ ଚାଷ ଜମିରେ ପାଣି ପଶି ବହୁ କ୍ଷୟକ୍ଷତି ହୋଇଛି । ବିଧାୟକ ଲୋକଙ୍କ ଅସୁବିଧା ସୁବିଧା ପଚାରି ବୁଝିବା ସହ ତୁରନ୍ତ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଥିଲେ । ସେ ବର୍ଷା ଜଳ ଘେରି ରହିଥିବା କିଛି ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷ ଜମିଗୁଡିକ ବୁଲି ଦେଖିଥିଲେ । ବିଧାୟକଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀଙ୍କ ସମେତ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ବାଲିମେଳାରେ ବ୍ରାହ୍ମଣ ସମାଜର ବୈଠକ



ବାଲିମେଳା/କୋରୁକୋଣ୍ଡା,୨୮ ।୮ (ସମିସ):

ମାଲକାନଗିରି ଜିଲ୍ଲା ବାଲିମେଳାରେ ସ୍ଥାନୀୟ କାଳୀ ମନ୍ଦିର ପ୍ରାଙ୍ଗଣରେ ଉତ୍କଳୀୟ ବୈଦିକ ବ୍ରାହ୍ମଣ ସମାଜର ପାରିବାରିକ ବୈଠକ ହୋଇଯାଇଛି । ଏହି ବୈଠରେ ବାଲିମେଳା ଓ ନିଳାକାମ୍ବେରୁର ୧୫୦ରୁ ଅଧିକ ପରିବାର ଏହି ବୈଠକରେ ଯୋଗ ଦେଇଥିଲେ । ବୈଠକ ଆରମ୍ଭରେ ଦୁର୍ଗାମାଧବଙ୍କ ତୈଳଚିତ୍ରରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବୈଠକରେ ଅସ୍ଥାୟୀ ଭାବରେ ସଭାପତି ଶାରଦା ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପଦ୍ମନାଭ ପଣ୍ଡା, ବାଲିମେଳା ବରିଷ୍ଠ ପୁରୋହିତ ରଙ୍ଗନିଧି ରଥଶର୍ମା , ଗଜେନ୍ଦ୍ର ମହାନ୍ତି, ପୁରୋହିତ ବାସୁଦେବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ପୁରୋହିତ ରଥଶର୍ମା ନିଜ ବକ୍ତବ୍ୟରେ ଆସିଥିବା ସମସ୍ତ ବ୍ରାହ୍ମଣ ପରିବାରକୁ ଧନ୍ୟବାଦ ଦେବା ସହ ବେଦଧ୍ୱନୀ ମାଧ୍ୟମରେ ବ୍ରାହ୍ମଣର ପ୍ରକୃତ ପରିଚୟର ବ୍ୟାଖ୍ୟା କରିଥିଲେ । ଏଥିସହିତ ସମ୍ପାଦକ ନିଜ ବକ୍ତବ୍ୟରେ ପରିବାରକୁ ଏକ ଶୃଙ୍ଖଳିତ ପରିବାର ଭାବେ ଗଢ଼ିବା ନିମନ୍ତେ ଉପଦେଶ ଦେଇଥିଲେ । ଏହାପରେ ଆସିଥିବା ସମସ୍ତ ପରିବାର ଏହି ସମାଜ ଗଠନ ନିମନ୍ତେ ଖୁସି ବ୍ୟକ୍ତ କରିବା ସହିତ ଆଗାମୀ ଦିନରେ ସମସ୍ତ ପରିବାର ପାଇଁ ସୁଖଦୁଃଖର ସାଥି ହୋଇ ରହିବେ ବୋଲି ସଭାପତି ଶ୍ରୀ ଦାସ କହିଥିଲେ । ଉତ୍ତମ ସମାଜ ଗଠନ ଓ ନୀତି ନିୟମକୁ ସମସ୍ତ ବ୍ରାହ୍ମଣ ପରିବାର ପାଳନ କରିବା ପାଇଁ ଶପଥ ନେଇଥିଲେ । ବୈଠକରେ ବ୍ରାହ୍ମଣ କେବଳ ଖାଲି ଜାତି ଗୋଟିଏ ଜାତି ନୁହେଁ, ବ୍ରାହ୍ମଣ ହେଉଛି ସୃଖଳିତ ସମାଜର ସଂସ୍କାରକ ବୋଲି ଆଲୋଚନା କରାଯାଇଥିଲା । ସଭା ଶେଷ ହେବାପରେ ସମସ୍ତେ ଅନ୍ନଭୋଗ ସେବନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ଭାବଗ୍ରାହୀ ତ୍ରିପାଠୀ, ବାସୁଦେବ ପଣ୍ଡା, ବରିଷ୍ଠ ବ୍ରାହ୍ମଣ ଶ୍ୟାମସୁନ୍ଦର ପଣ୍ଡା, ଶିବପ୍ରସାଦ ଖାଡଙ୍ଗା, ବଦ୍ରୀ ପ୍ରସାଦ ମିଶ୍ର, ଅନ୍ତର୍ଯ୍ୟାମୀ ପଣ୍ଡା, ପ୍ରଶାନ୍ତ ପାଢ଼ୀ, ଆଲୋକ ମହାପାତ୍ର ,ଟୁକୁନା ପ୍ରସାଦ ବଡୁ, ପ୍ରମୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ବ୍ରାହ୍ମଣ ପରିବାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ପୁରୋହିତ ଶୁଭାଶିଷ କର ।

# ବିଦ୍ୟୁତ୍ ବିଭାଗରେ ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ଦାବି



କୁନ୍ଦୁରା, ୨୮ ।୮ (ସମିସ): କୁନ୍ଦୁରା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ନାହାନ୍ତି ସ୍ଥାୟୀ କନିଷ୍ଠ ଯନ୍ତ୍ରୀ । ଏଥିଲାଗି ନାହିଁ ନଥିବା ଅସୁବିଧା ଭଗୁଛନ୍ତି ଅଞ୍ଚଳବାସୀ । ଏଣୁ ସ୍ଥାନୀୟ ମହିଳା ବିକାଶ ସଂଗଠନର ସମ୍ପାଦିକା ସାବିତ୍ରୀ ଦୁରୁଆଙ୍କ ନେତୃତ୍ୱରେ କର୍ମକର୍ତା ମାନେ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ବାଗଦେରୀ, କୁନ୍ଦୁରା ଅଞ୍ଚଳର ଶତାଧିକ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ । ଦାବି ଅନୁଯାୟୀ ସବ୍ ଷ୍ଟେସନରେ ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନ ଥିବାରୁ ନୂତନ ଭାବେ ବିଦ୍ୟୁତ ସଂଯୋଗ ଗୁଡିକ ଅହେତୁକ ବିଳମ୍ବ ହେଉଛି । ବିନା କାରଣରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଛି । ପାଟ୍ରୋଲିଂର ଅଭାବ ରହୁଛି । ରାତ୍ରି ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ହେବା ଦ୍ୱାରା ଅସାମାଜିକଙ୍କ ଦୌରାତ୍ମ୍ୟ ବଢ଼ୁଛି । ଏ ନେଇ ଏକ ସ୍ଥାୟୀ ଜେଇ ନିଯୁକ୍ତିର ବହୁ ଆବଶ୍ୟକତା ରହିଛି । ଏଣୁ କୁନ୍ଦୁରା ଭଳି ଏକ ଉପାନ୍ତ ଅଞ୍ଚଳରେ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ଦେବା ସମୟରେ ସଂଘ ଉପଦେଷ୍ଟା ଚନ୍ଦ୍ର ସଗରିଆ, ସମାଜସେବୀ ରାଧା ପ୍ରସାଦ ପାତ୍ର, ନାରାୟଣ ଭତରା ପ୍ରମୁଖ ଉପସ୍ଥିତ ଥିଲେ ।

# ହସ୍ତେରୁଆ ଗ୍ରୁପ୍‌ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ



ବୈପାରୀଗୁଡ଼ା, ୨୮ ।୮ (ସମିସ): ବୈପାରୀଗୁଡା ସହିଦ ଲକ୍ଷ୍ମଣ ନାୟକ ପାଠାଗାର ଠାରେ ହସ୍ତେରୁଆ ଗ୍ରୁପ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବରେ ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ହସ୍ତେରୁଆ ଗ୍ରୁପ୍ ତରଫରୁ ଜନ୍ମାଷ୍ଟମୀ ଉତ୍ସବରେ ବିଭିନ୍ନ ବେଶ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବେଶ ଯଥା ରାଧାକୃଷ୍ଣ, ରାଧାକୃଷ୍ଣ ଯୁଗଳ, ନନ୍ଦ ଯଶୋଦା, ନନ୍ଦ ପରିବାର ଭଳି ମୋଟ ପଚାଶରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ବୈପାରୀଗୁଡାର ମଧୁସୂଦନ ରାଉତଙ୍କ ପୁତ୍ର ଦିବ୍ୟାଂସୁ ରାଉତ କୃଷ୍ଣବେଶରେ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଇସାଂଭି ତ୍ରିପାଠୀ ଓ ରଧାବେଶରେ କମଳା ମହାପାତ୍ରଙ୍କ ଝିଅ ସମ୍ୟାଶ୍ରୀ ମହାପାତ୍ର ୩ୟ ସ୍ଥାନ ଅଧିକାର କରିଥିଲେ । ବିଜେତା ମାନଙ୍କୁ ପୁରସ୍କାର, ପ୍ରମାଣ ପତ୍ର ସହ ଅନ୍ୟ ପ୍ରତିଯୋଗୀଙ୍କୁ ମଧ୍ୟ ପ୍ରଶଂସା ପତ୍ର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରୁପ୍ ପ୍ରତିଷ୍ଠାତା ରାମନାଥ ତ୍ରିପାଠୀଙ୍କ ସହ ଗ୍ରୁପର ସଦସ୍ୟ ମଧ୍ୟରୁ ପଙ୍କଜ ପାତ୍ର, ଦିଲ୍ଲୀପ ବଡ଼ତୀୟା ଓ ବିଜୟ ମିଶ୍ର, ବସନ୍ତ କୁମାର ଦାସ, ବଳରାମ ଯାନୀ, ସୁଶୀଲ କୁମାର ବେହେରା, ସଞ୍ଜୀବ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରୁପ୍ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯକ୍ରମ ଯଥା ବୃକ୍ଷ ରୋପଣ, ପୀଡ଼ିତାଙ୍କୁ ସହାୟତା କରିବା ସହିତ ପ୍ରତିଦିନ ଲୋକଙ୍କୁ ବିଭିନ୍ନ ମାଧ୍ୟମରେ ସହଯୋଗ କରିଥାନ୍ତି ।

# କୋଷାଗୁମୁଡ଼ାରେ ଗଣେଶ ପୂଜା



କୋଷାଗୁମୁଡ଼ା,୨୮ ।୮ (ସମିସ):

କୋଷାଗୁମୁଡ଼ା ସଦରରେ ବୁଧବାର ଦିନ ଗଣେଶ ଚତୁର୍ଥୀ ପୂଜା ବହୁ ଆଡମ୍ବରରେ ପାଳିତ ହେଉଛି । ଏଥିପାଇଁ ବିଭିନ୍ନ ଆଲୋକସଜା କରାଯାଇଛି । ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ସ୍ଥାନୀୟ ହାଇସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉତ୍କଳ କଳା ସଂଘ ଓ ବିନାୟକ ୟୁଥ କ୍ଲବ୍‌ରେ ଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇଛି । ବିନାୟକ ୟୁଥ କ୍ଲବ୍‌ର ୨୫ତମ ଶ୍ରୀ ଗଣେଶ ପୂଜା ଅନୁଷ୍ଠିତ ହେଉଥିବା ବେଳେ, ଉତ୍କଳ କଳା ସଂଘର ୧୮ ତମ ଶ୍ରୀ ଗଣେଶ ପୂଜା ଅନୁଷ୍ଠିତ ହେଉଛି । ବିନାୟକ ୟୁଥ କ୍ଲବର ସମ୍ପାଦକ ନରେନ୍ଦ୍ର କୁମାର ପାତ୍ର ଓ ସଭାପତି ଡମ୍ବରୁ ପୂଜାରୀ,ଉପ ସଭାପତିଦେବାନନ୍ଦ ପନକା, ଟୁନା ଆରଖୁ, ବିକାଶ ସ୍ୱାଇଁ, ରଶ୍ମି ରଞ୍ଜନ ପ୍ରଧାନ, ସତ୍ୟବ୍ରତ ସ୍ୱାଇଁ, ସନ୍ତୋଷ କୁମାର, ଏ-ଅନନ୍ତ କୁମାର, ବିଷ୍ଣୁ ଦଳେଇ, ଲଛମନ ପୂଜାରୀ, ଲକ୍ଷ୍ମଣ ପୂଜାରୀ, ଜଗବନ୍ଧୁ ମାଝୀ, ପ୍ରକାଶ ପରିଡା, ବିରଞ୍ଚି ସାହୁ ଓ ବଣ୍ଟି ଉପସ୍ଥିତ ରହି ପୁଜାବିଧି କାର୍ଯ୍ୟ ସମ୍ପାଦନ କରିଥିଲେ । ଉତ୍କଳ କଳା ସଂଘର ନକୁଳ ନାୟକ, ସତ୍ୟଜିତ ତ୍ରିପାଠୀ, ଭାସ୍କର ଭତ୍ରା, ବାବୁଲି ନାୟକ, ସନ୍ତୋଷ ଅଗ୍ରୱାଲ, ଖଗପତି ଗୌଡ଼, ପ୍ରମୋଦ ମେହେର, ଗୁଡୁ ଦଳେଇ, ଭଗବାନ ଗୌଡ଼, ପୂର୍ଣ୍ଣ ଦଳେଇ, ହେମନ୍ତ ରେଲି ପ୍ରମୁଖ ଉପସ୍ଥିତ ରହି ପୂଜାବିଧି କାର୍ଯ୍ୟ ସମ୍ପାଦନ କରିଛନ୍ତି ।

# ଜଙ୍ଗଲ ଜମି ପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



କୁନ୍ଦୁରା, ୨୮ ।୮ (ସମିସ): ଜଙ୍ଗଲ ଜମି ପଟ୍ଟା ପାଇଁ କୁନ୍ଦୁରା ତହସିଲଦାରଙ୍କୁ ଦାବି ଜଣାଇଛନ୍ତି ଅଞ୍ଚଳବାସୀ । ଜଙ୍ଗଲ ଜମି ଆଇନ ଅନୁସାରେ ୧୩ ଡିସେମ୍ବର ୨୦୨୫ ପୂର୍ବରୁ ଜମି ଗୁଡ଼ିକୁ ତିନି ପିଢ଼ିରୁ ଅଧିକ ବର୍ଷ ଧରି ଚାଷ କରି ଆସୁଛନ୍ତି । ଭୋଗ ଦଖଲ କରି ଆସୁଥିବା ସେହି ଜଙ୍ଗଲ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି । ନିୟମ ଅନୁସାରେ ସମସ୍ତେ ପଟ୍ଟା ପାଇବାକୁ ଆବେଦନ କରିଥିଲେ । ଇତିମଧ୍ୟରେ ବହୁ ବର୍ଷ ବିତିଗଲାଣି । ସେଥିରୁ ବହୁ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ଅନେକ ହିତାଧିକାରୀ ଏଥିରୁ ବଞ୍ଚିତ ରହିଛନ୍ତି । ସେଥି ମଧ୍ୟରୁ କଟନିକୁଣ୍ଡ, ବାଗଦେରୀ, ଜାମକନାଡ଼ି, ମୁଣ୍ଡାପୁଟ, କୃପାକୋଟ .ଇନ୍ଦରଗୁଡ଼ା, ରେକ୍ସାକନାଡ଼ି, ଝୋଲାଗୁଡ଼ା ଓ ପୁରୁଷୁତିଗୁଡ଼ା ଆଦି ଆଠ ଖଣ୍ଡ ଗ୍ରାମବାସୀ ଆଜି ପର୍ଯ୍ୟନ୍ତ ପଟ୍ଟା ପାଇନାହାନ୍ତି । ତେଣୁ ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି । ଏ ନେଇ ଅତିରିକ୍ତ ତହସିଲଦାର ଅଶୋକ କୁମାର ପାଲଙ୍କୁ ପଚାରିବାରୁ ଦାବିପତ୍ର ଗ୍ରହଣ କରାଯାଇଛି । ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଅଞ୍ଚଳବାସୀଙ୍କ ସହ ପ୍ରଗତି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଚନ୍ଦ୍ର ସଗରିଆ, ନାରାୟଣ ଭତରା ଏବଂ ସାବିତ୍ରୀ ଦୁରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରି ଜିଲ୍ଲାରେ ୟୁରିଆ ସାରର ସଙ୍କଟ

# ଆବଶ୍ୟକ ୧୫ ହଜାର ମେଟ୍ରିକ୍ ଟନ୍, ମିଳିଛି ୮ ୯୩୦ ଟନ୍

ମାଲକାନଗିରି, ୨୮ ।୮ (ସମିସ): ମାଲକାନଗିରି ଜିଲ୍ଲାରେ ୟୁରିଆ ସାରର ଘୋର ସଙ୍କଟ ଦେଖାଦେଇଛି । ଜିଲ୍ଲାରେ ୧୫ ହଜାର ମାଟ୍ରିକ ଟନ୍ ସାର ଆବଶ୍ୟକ ଥିବା ସ୍ଥଳେ ମିଳିଛି ମାତ୍ର ୮ ୯୩୦ ମେଟ୍ରିକ୍ ଟନ୍ ସାର । ସେଥିପାଇଁ ଜିଲ୍ଲାରେ ୟୁରିଆ ସାରର ସଙ୍କଟ ଦେଖାଦେଇଛି । ନିଜ ଜମିରେ ମୁଠାଏ ସାର ପକାଇବା ପାଇଁ ବାରମ୍ବାର ଲ୍ୟାମ୍ପସ ଓ ଡିଲର ନିକଟକୁ ଦୌଡ଼ି ଦୌଡ଼ି ହତାଶ ହୋଇ ଚାଷୀ ଚିନ୍ତିତ ହୋଇପଡ଼ିଛି । ବିଗତ ଦିନରେ ସାର ସମସ୍ୟା ପାଇଁ ମାଲକାନଗିରି ଜିଲ୍ଲାର ଶିଖପାଲୀ ଛକ ଓ ମାଥିଲି ଲ୍ୟାମ୍ପସ ସମ୍ମୁଖରେ ହଜାର ହଜାର ଚାଷୀ ଏକତ୍ରିତ ହୋଇ ଲ୍ୟାମ୍ପସରେ ତାଲା ପକାଇ ରାଜ ରାସ୍ତା ଅବରୋଧ କରିଥିଲେ । ଜମିରେ ଧାନ ଚାଷରେ ଏହି ସମୟରେ ୟୁରିଆ ସାରର ଆବଶ୍ୟକତା ପଡୁଥିବା ବେଳେ ଚାଷୀ ମାନେ ଉପଯୁକ୍ତ ପରିମାଣରେ ସାର ପାଇପାରୁ ନାହାନ୍ତି, । ସାରର କଳାବଜାର ହେଉଥିବାର ଚାଷୀ ମାନେ ଅଭିଯୋଗ କରିଛନ୍ତି । ଜିଲ୍ଲାରେ ୟୁରିଆ ସାରର ସଙ୍କଟ ସମ୍ପର୍କରେ ଆମେ ଜିଲ୍ଲା କୃଷି ଅଧିକାରୀ ଦିଲ୍ଲୀରଞ୍ଜନ ମହାଳିକଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତ ଖରିଫ ଚାଷ ପାଇଁ ଜିଲ୍ଲାରେ ୭୫୬୭୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ୩ ହଜାର ହେକ୍ଟରରୁ ଅଧିକ ଜମିରେ ଅଧିକ ଧାନ ଚାଷ କରାଯାଇଛି । ଜିଲ୍ଲାକୁ ୧୦ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଯୋଗାଯିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାକୁ ୮୯୩୦ ମେଟ୍ରିକ୍ ଟନ ସାର ମିଳିଛି । ସେଥିମଧ୍ୟରୁ ମାଲକାନଗିରି, କାଲିମେଳା, ପଡିଆ, ଶିଖପାଲି, କୋରକୁଣ୍ଡା, କୁଡୁମୁଲୁଗୁମ୍ମା, ଗୋବିନ୍ଦପାଲି ୮ଟି ଲ୍ୟାମ୍ପସ ଜରିଆରେ ଇତି ମଧ୍ୟରେ ୩୬୫୯ ମେଟ୍ରିକ୍ ଟନ ୟୁରିଆ ସାର ଚାଷୀ ମାନଙ୍କୁ ବଣ୍ଟା ସରିଛି । ମାଲକାନଗିରି ଜିଲ୍ଲା ପାଇଁ ଆଉ ଅଧିକ ୫ ମେଟ୍ରିକ୍ ଟନ ସାର ଯୋଗାଇବା ପାଇଁ ରାଜ୍ୟ କୃଷି ବିଭାଗକୁ ଚିଠି ପଠାଯାଇଛି । ଖୁବ୍‌ଶୀଘ୍ର ଜିଲ୍ଲାରେ ୟୁରିଆ ସାର ସଙ୍କଟ ଦୂର ହେବ । ଚାଷୀ ମାନେ ଆବଶ୍ୟକୀୟ ପରିମାଣର ସାର ପାଇ ପାରିବେ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ମହାଳିକ କହିଛନ୍ତି ।

# ବୋରିଗୁମ୍ମା ଏନ୍‌ଏସି ଘୋଷଣା ନ ହେଲେ ଆନ୍ଦୋଳନ: ତାରା ବାହିନୀପତି



ବୋରିଗୁମ୍ମା, ୨୮।୮ (ସମିସ): କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହରକୁ ଆସନ୍ତା ୩୧ ତାରିଖ ସ୍ୱାୟତ ଶାସନ ଦିବସ ଦିନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ସରକାର ଘୋଷଣା ନ କଲେ କଂଗ୍ରେସ ଜୋରଦାର ଆନ୍ଦୋଳନ କରିବ ବୋଲି ଜୟପୁର ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ତାରାପ୍ରସାଦ ବାହିନୀପତି ରାଜ୍ୟ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ଏନେଇ ବୋରିଗୁମ୍ମା ସ୍ଥିତ ଡାକବଙ୍ଗଳା ଠାରେ ବିଧାୟକ ତାରା ବାହିନୀପତି ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବେ ସୂଚନା ଦେଇଛନ୍ତି କି ଗତ ସରକାର ସମୟରେ ପାଞ୍ଚ ବର୍ଷରେ ବୋରିଗୁମ୍ମା ଏନଏସି ଘୋଷଣା ନେଇ ବିଧାନସଭାରେ ସେ ୨୧ ଥର ପ୍ରଶ୍ନ କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାର ବୋରିଗୁମ୍ମାକୁ ଏନ୍‌ଏସି ଘୋଷଣା ନେଇ ବିଧାନସଭାରେ ପାଞ୍ଚ ଥର ପ୍ରଶ୍ନ କରାଯାଇଛି ।ତଥାପି ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭ ଜିଲ୍ଲାର ୧୨ଟି ସହରକୁ ଏନଏସି ଘୋଷଣା କଲେ। କିନ୍ତୁ ସେଥିରେ ବୋରିଗୁମ୍ମା ସହରର ନାଁ ନାହିଁ। ବୋରିଗୁମ୍ମା ସହର ଏନ୍‌ଏସି ପାଇଁ ସମସ୍ତ ମାପଦଣ୍ଡ ପୂରଣ କରିଛି ଏବଂ ପୂର୍ବ ସରକାର ଓ ବର୍ତ୍ତମାନ ସରକାର ଅମଳରେ କୋରାପୁଟ ଜିଲ୍ଲାପାଳ ବୋରିଗୁମ୍ମା ଏନ୍‌ଏସି ପ୍ରସଙ୍ଗ ନେଇ ନଗର ଉନ୍ନୟନ ବିଭାଗକୁ ସମସ୍ତ ନଥିପତ୍ର ପ୍ରଦାନ କରିଛନ୍ତି। ଏଥି ସହ ବୋରିଗୁମ୍ମା ନାଗରିକ ମଞ୍ଚର ବନ୍ଦ ଡାକରାକୁ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରିଥିଲା। ସ୍ୱାୟତ ଶାସନ ଦିବସ ଦିନ ଯଦି ରାଜ୍ୟ ସରକାର ବୋରିଗୁମ୍ମାକୁ ଏନଏସି ଘୋଷଣା କରିବାରେ କୌଣସି ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ କଂଗ୍ରେସ ଜୋରଦାର ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ବିଧାୟକ ତାରା ରୋକ୍‌ଠୋକ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ସହ ବ୍ଲକ୍ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ, କୋରାପୁଟ ସାଂସଦଙ୍କ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ଭାନୁ ଦୋରା, ଲାଲୁ ଗୁପ୍ତା ଓ ଯୁବ ନେତା ବିଜୟ ନାରାୟଣ ସାହୁ ଉପସ୍ଥିତ ଥିଲେ।

## ସରିଲାଣି ଅଗଷ୍ଟ

# ଫୁଲୁନି କୋଲାବ ଜଳଭଣ୍ଡାର

କୋରାପୁଟ,୨୮।୮(ସମିସ): ଲଘୁଚାପ ଜନିତ ବର୍ଷାରେ ବେହାଲ ଦକ୍ଷିଣ ଓଡ଼ିଶା। କୋରାପୁଟ ଜିଲ୍ଲାରେ ମଧ୍ୟ ଅଗଷ୍ଟ ମାସ ସାରା ଲାଗିରହିଛି ତୁହାକୁ ତୁହା ଲଗାଣ ବର୍ଷା। ନଈ, ନାଳ ଫୁଲିବା ସହ ଅନେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପାହାଡ ଧସି ରାସ୍ତା ଉପରକୁ ପାଣି ମାଡି ଆସିଥିବା ବେଳେ ଲଗାଣ ବର୍ଷାରେ ଏକର ଏକର ଜମିରେ ବାଲିଚର ମାଡ଼ି ଯାଇଛି। ତେବେ ଆଉ କିଛି ଦିନ ପରେ ମୌସୁମୀ ବିଦାୟ ନେଇ ପାରେ। କିନ୍ତୁ କୋରାପୁଟ କୋଲାବ ଜଳଭଣ୍ଡାରର ଜଳସ୍ତର ଗତବର୍ଷ ତୁଳନାରେ ବଢ଼ିଲାନି। ଅଧା କୋରାପୁଟ ଜିଲ୍ଲାର ଶୋଷ ମେଣ୍ଟାଉଥିବା ଏହି ଜଳଭଣ୍ଡାରରେ ୪ଟି ବ୍ଲକର କଳସେଚନ ହେବା ସହ ହେଉଛି ବିଦ୍ୟୁତ୍ ଉତ୍ପାଦନ। ଏପର୍ଯ୍ୟନ୍ତ ଗତବର୍ଷ ତୁଳନାରେ ଜଳଭଣ୍ଡାରରେ ୩ ମିଟର ତଳେ ରହିଛି ଜଳସ୍ତର। ଗତବର୍ଷ ଆଜିର ଦିନରେ ଜଳଭଣ୍ଡାରର ଜଳସ୍ତର ୮୫୫.୦୬ ମିଟର ଥିବା ବେଳେ ଚଳିତ ବର୍ଷ ୮୫୪.୮୯ ମିଟର ରହିଛି। ପ୍ରକାଶଯୋଗ୍ୟ,



ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୮୫୮.୦୦ ମିଟର। ଆଜି ସୁଦ୍ଧା ଜଳଭଣ୍ଡାରରେ ୬୮.୭୪ ପ୍ରତିଶତ ଜଳ ଗଚ୍ଛିତ ଅଛି।

### ● ୩ ମିଟର କମ୍ ଜଳସ୍ତର

ବର୍ତ୍ତମାନ ଜଳଭଣ୍ଡାର ଭିତରକୁ ୪୨୪.୫୫୩ କ୍ୟୁବିକ୍ ମିଟର ଜଳ ପ୍ରବେଶ କରୁଥିବା ବେଳେ ୩୦.୫୯୦ କ୍ୟୁବିକ୍ ମିଟର ଜଳ ଜଳ ଭଣ୍ଡାରରୁ ନିଷ୍କାସନ ହେଉଛି। ଗତବର୍ଷ ଆଜିର ଦିନରେ ୬୫୬.୬୮୯ ମିଲିୟନ କ୍ୟୁବିକ୍ ମିଟର ଜଳ ଜଳଭଣ୍ଡାରରେ ଗଚ୍ଛିତ ଥିଲା । ଯାହାକି ୭୦.୨୩୪ ଶତକଡା ଅଟେ। ଆଗାମୀ ଦିନରେ ଯଦି ଜଳଭଣ୍ଡାରର ଉପର ମୁଣ୍ଡ ବା କ୍ୟାଚ୍‌ମେଣ୍ଟ ଏରିଆ ଯାହାକି ସେମିଳିଗୁଡା, ନନ୍ଦପୁର, ଲମତାପୁଟ, ସୁନାବେଡା ଭଳି ଅଞ୍ଚଳରେ ଭଲ ବର୍ଷା ନହେଲେ ବିଦ୍ୟୁତ ଉତ୍ପାଦନ, ଜଳସେଚନ, ପାନୀୟ ଜଳ ଯୋଗାଣ ସହ ଶିଳ୍ପ ଚାହିଦା ପାଇଁ ଜଳ ସଙ୍କଟ ଦେଖା ଦେବ ବୋଲି ଜଳଜଳ ଦିଶୁଛି। ଜିଲ୍ଲା ଜରୁରୀକାଳୀନ ବିଭାଗ ତରଫରୁ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ଚଳିତ ମାସ ୨୬ ତାରିଖ ଦିନ ୪୭୨.୨ ମି.ମି ବର୍ଷା, ୨୭ ତାରିଖ ଦିନ ୧୬୧୮ ମି.ମି ବର୍ଷା ଓ ୨୮ ତାରିଖ ଦିନ ୪୦୮.୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏତେ ବର୍ଷା ସତ୍ତ୍ୱେ ଉପରମୁଣ୍ଡରେ କମ୍ ବର୍ଷା ହେଉଥିବାରୁ ଜଳଭଣ୍ଡାରକୁ ଜଳପ୍ରବେଶ କରୁନଥିବା ଆଶଙ୍କା ପ୍ରକାଶ କରାଯାଇଛି। ଲଗାଣ ବର୍ଷାରେ କୋରାପୁଟ ଜିଲ୍ଲାର ଜଳାପୁଟ ଡ୍ୟାମର ଗେଟ ଖୋଲାଯାଇଥିବା ବେଳେ କୋଲାବ ଜଳଭଣ୍ଡାରର ନିଅଣ୍ଟିଆ ଜଳସ୍ତର ପାଇଁ ବଢୁଛି ଚିନ୍ତା।

# ବର୍ଷା କ୍ଷୟକ୍ଷତି ସମୀକ୍ଷା, ସହାୟତା ପ୍ରଦାନ

ଜୟପୁର, ୨୮ । ୮(ସମିସ) : ଗତ ମଙ୍ଗଳବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ଜୟପୁର ସହର ଏବଂ ଗ୍ରାମାଞ୍ଚଳରେ ବର୍ଷା ଜଳ ପ୍ରବେଶ କରିବା ସହ ମାଟି ଘର ଗୁଡିକ ଆଂଶିକ ଭାବେ ଭାଙ୍ଗିଥିଲା। ଏହିପର ଘରଗୁଡିକ ଭିତରେ ଜଳ ପ୍ରବେଶ ଯୋଗୁଁ ରନ୍ଧନ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥିଲା। ଏହିପରି ଗତକାଲି ରାଜସ୍ୱ ଏବଂ ବିପର୍ଯ୍ୟନ୍ତ ପରିଚାଳନା ବିଭାଗ ପକ୍ଷରୁ ଜୟପୁର ପୌରସଂସ୍ଥା ଏବଂ ଗ୍ରାମାଞ୍ଚଳରେ ୨୧ଟି ପୀଡିତଙ୍କ ଘର ଆଂଶିକ ଭାଙ୍ଗିଥିବା ନେଇ ପଲିଥିନ ପ୍ରଦାନ କରିଥିବା ବେଳେ ଆଜି ପୁଣି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ସମୁଦାୟ ୧୦ ଜଣ ପୀଡିତଙ୍କ ଘର ଆଂଶିକ ଭାଙ୍ଗିଥିବା ନେଇ ପଲିଥିନ ପ୍ରଦାନ କରାଯାଇ ସହାୟତା ଦିଆଯାଇଛି। ଏଥିରେ ବ୍ଲକର ହରଡାପୁଟ, ଛତର୍ଲା, ଉଦ୍ଦାଛିଞ୍ଚି, ହାଡିଆ ଓ ଫାମ୍ପୁଣିର ଜଣେ ଲେଖାଏଁ ପୀଡିତଙ୍କୁ ଏବଂ ଆମ୍ବାଗୁଡା ଏବଂ ପୂଜାରିପୁଟ ଗ୍ରାମର ୨ ଜଣ ଲେଖାଏଁ ପୀଡିତଙ୍କୁ ପଲିଥିନ ପ୍ରଦାନ କରାଯାଇଛି। ସେହିପରି ଜୟପୁର ପୌରସଂସ୍ଥାର ଖ୍ରୀଷ୍ଟିଆନ ସାହିର ବିଜୁରାଜ ନଗରର ଜଣେ ପୀଡିତଙ୍କୁ ସହାୟତା ପ୍ରଦାନ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ଲଗାଣ ବର୍ଷା, କେକେ ଲାଇନ୍‌ରେ ଟ୍ରେନ ବାତିଲ

କୋରାପୁଟ,୨୮।୮(ସମିସ): ଗତ କିଛି ଦିନର ଲଗାଣ ବର୍ଷା ଏବଂ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ରେଡ୍ ଆଲର୍ଟ ଜାରି କରା ଯାଇଥିବାରୁ କେକେ ଲାଇନର କିରଣ୍ଡୁଲ ଜଗଦଲପୁର ମଧ୍ୟରେ ରେଳ ଧାରଣାରେ ପାଣି ଜମି ରହିବା ଓ ପଥର ପଡ଼ିବା ଯୋଗୁଁ କେତେକ ଟ୍ରେନକୁ ବାତିଲ କରାଯାଇଛି। ଆଉ କିଛି ଟ୍ରେନ୍‌ର ଗନ୍ତବ୍ୟ ପଥ ପରିବର୍ତ୍ତନ କରାଯାଇଛି। ବିଭାଗୀୟ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ କେ ସନ୍ଦୀପ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇ ଜଣାଇଛନ୍ତି ଯେ, ଅଗଷ୍ଟ ୩୦, ୩୧ ଓ ସେପ୍ଟେମ୍ବର ୧ରେ ବିଶାଖାପାଟଣା ଠାରୁ କିରଣ୍ଡୁଲ ଯିବାକୁ ଥିବା ପାସେଞ୍ଜର ଟ୍ରେନ୍ କୋରାପୁଟ ପର୍ଯ୍ୟନ୍ତ ଯାଇ ସମାନ ଦିନରେ କୋରାପୁଟ ଠାରୁ ବିଶାଖାପାଟଣା ଫେରି ଯିବ। ଅନ୍ୟ ପକ୍ଷରେ ୨୯ ଏବଂ ୩୧ରେ ବିଶାଖାପାଟଣା କିରଣ୍ଡୁଲ ନାଇଟ୍ ଏକ୍ସପ୍ରେସ ବାତିଲ ହୋଇଥିବାବେଳେ ୨୮, ୩୦ ଓ ସେପ୍ଟେମ୍ବର ୧ରେ କିରଣ୍ଡୁଲ ଠାରୁ ବିଶାଖାପାଟଣା ଯିବାକୁ ଥିବା ନାଇଟ୍ ଏକ୍ସପ୍ରେସ ଟ୍ରେନ ବାତିଲ ହୋଇଛି। ସେହିପରି ୨୮, ୩୦, ଏବଂ ସେପ୍ଟେମ୍ବର ୧ରେ ବିଶାଖାପାଟଣା ଠାରୁ ବାହାରି କିରଣ୍ଡୁଲ ଯିବାକୁ ଥିବା ଟ୍ରେନ ଜଗଦଲପୁର ପର୍ଯ୍ୟନ୍ତ ଯାଇ ସେଠାରୁ ପର ଦିନ ଜଗଦଲପୁର ଠାରୁ ବାହାରି ବିଶାଖାପାଟଣା ଯିବ ବୋଲି ସୂଚନା ମିଳିଛି।

## ■ ଜାତୀୟମିମ୍‌ଇଣ୍ଡିଆପ୍ରତିଯୋଗିତା

# ଫାଇନାଲ୍ ରାଉଣ୍ଡରେ କୋରାପୁଟର ମୁଗ୍ଧାଶ୍ରୀ ମିଳନିକା

କୋରାପୁଟ,୨୮।୮(ସମିସ):

ଏଲି କ୍ଲବ ପକ୍ଷରୁ ଅୟୋଜିତ ଜାତୀୟ ସ୍ତରର ପ୍ରତିଯୋଗିତା ମିସ୍ ଆଣ୍ଡ ମିଷ୍ଟର ଟିନି ଇଣ୍ଡିଆ ଫାଇନାଲ ରାଉଣ୍ଡରେ କୋରାପୁଟର ଝିଅ ସୁଶ୍ରୀ ମୁଗ୍ଧାଶ୍ରୀ ମିଳନିକା ପହଞ୍ଚିଛନ୍ତି। ମୁଗ୍ଧାଶ୍ରୀ କୋରାପୁଟ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ରଶ୍ମିତା ଦାସଙ୍କ କନ୍ୟା। ବର୍ତ୍ତମାନ ସେ ଗାନ୍ଧୀ ଇଞ୍ଜିନିଅର କଲେଜ ଭୁବନେଶ୍ୱରରେ ବି.ଟେକ୍ ପଢୁଛନ୍ତି। ଏଲି କ୍ଲବ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଟିନ୍ ମିସ୍ ଇଣ୍ଡିଆ ଅଡିସନରେ



ମୁଗ୍ଧାଶ୍ରୀ ଅଂଶ ଗ୍ରହଣ କରିଥିଲେ। ବର୍ତ୍ତମାନ ଫାଇନାଲ ରାଉଣ୍ଡରେ ୧୮ ଜଣ ଝିଅଙ୍କ ମଧ୍ୟରେ ମୁଗ୍ଧାଶ୍ରୀ ଓଡିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ସ୍ଥାନ ପାଇଛନ୍ତି। ସ୍ଥାନୀୟ ପ୍ରତିଭା, ସୌନ୍ଦର୍ଯ୍ୟ ଓ ସଂସ୍କାରରେ ଅଦ୍ଭୁତ ସମନ୍ୱୟର ପରିଚୟ ଦେଇ ମୁଗ୍ଧାଶ୍ରୀ ମିଳନିକା କୋରାପୁଟ ପାଇଁ ଗୌରବ ଆଣିଛନ୍ତି। ମୁଗ୍ଧାଶ୍ରୀଙ୍କୁ ଏହି ବିଶିଷ୍ଟ ପ୍ଲାଟଫର୍ମରେ ସର୍ବୋଚ୍ଚ ସଫଳତା ପାଇବାରେ ଆର୍ଶୀବାଦ ଓ ସମର୍ଥନ ନିମନ୍ତେ ଏସଏମ୍‌ଏସ ମାଧ୍ୟମରେ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରାଇ ଓଡିଶା ଏବଂ କୋରାପୁଟକୁ ଜାତୀୟ ସ୍ତରରେ ଗର୍ବିତ କରିବା ନିମନ୍ତେ ମୁଗ୍ଧାଶ୍ରୀ ସମଗ୍ର ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି।

# ମା’ ଭଣ୍ଡାରଘରଣୀଙ୍କ ଶାରଦୀୟ ଯାତ୍ରା ନେଇ ପ୍ରସ୍ତୁତି ବୈଠକ



ନବରଙ୍ଗପୁର,୨୮।୮ (ସମିସ): ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା ବା ନବଦିନାତ୍ମକ ଯାତ୍ରା ଏବଂ ଦଶହରା ପୂଜା ପାଳନ ନେଇ ମାଁ ଭଣ୍ଡାରଘରଣୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ମାଁ ଭଣ୍ଡାର ଘରଣୀ ମନ୍ଦିର ପରିଚାଳନା କମିଟି ସଭାପତି ଉମାକାନ୍ତ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅଶ୍ୱନୀ ପ୍ରତିପଦା ଠାରୁ ବିଜୟା ଦଶମୀ ବା ଦଶହରା ପୂଜା ପର୍ଯ୍ୟନ୍ତ କିଭଳି ମାଁଙ୍କ ପ୍ରତ୍ୟେକ ନିତି କାନ୍ତି ବିଧି ଅନୁଯାୟୀ ଏବଂ ଶାନ୍ତି ଶୃଙ୍ଖଳାର ସହିତ ଅତି ସୁରୁଖୁରରେ ଶେଷ ହେବ ସେ ନେଇ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଏଥିସହିତ ଚଳିତ ବର୍ଷ ମାଁଙ୍କ ନବଦିନାତ୍ମକ ଯାତ୍ରା ସମୟରେ ମନ୍ଦିର ନିକଟ ଅର୍ଥାତ୍ ଶ୍ରୀଜଗନ୍ନାଥ ମନ୍ଦିର ଛକ ଏବଂ ନୂଆଁବନ୍ଧ ସାହି ଛକ ନିକଟରେ ଦୁଇଟି ବଡ ତ୍ୱରଣ ହେବା ସହିତ ମନ୍ଦିର ଚତୁପାଶ୍ୱର୍ରେ ଅଲୋକୀକରଣ ସହିତ ମନ୍ଦିର ସମ୍ମୁଖ ଏବଂ ଜଗନ୍ନାଥ ମନ୍ଦିର ଛକ ଠାରୁ ନୂଆଁ ବନ୍ଧ ସାହି ଛକ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆଲୋକିକରଣ କରାଯିବ। ଏଥି ସହିତ ଚଳିତ ନବରାତ୍ର ବା ନବଦିନାତ୍ମକ ଯାତ୍ରାର ସପ୍ତମୀ, ଅଷ୍ଟମୀ ଏବଂ ନବମୀ ତିନି ଦିନ ଧରି ମନ୍ଦିର ସମ୍ମୁଖରେ ଜିଲ୍ଲା ବାହାର ଏବଂ ଜିଲ୍ଲା ଓ ସହର ମଧ୍ୟରେ ଥିବା କଳାକାର ମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଶେଷରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କିଭଳି ମାଁଙ୍କ ନବଦିନାତ୍ମକ ଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ସୁଚାରୁରୂପେ ତୁଲାଇବେ ସେ ନେଇ ସମସ୍ତଙ୍କୁ ଅବଗତ କରାଇଥିଲେ। ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ଶ୍ରୀ ଷଡ଼ଙ୍ଗୀଙ୍କ ସମେତ ନବରଙ୍ଗପୁର ବରିଷ୍ଠ ଆଇନଜୀବୀ ତଥା ନବରଙ୍ଗପୁର ଦେବୋତ୍ତର ବିଭାଗ ସଭାପତି ଝାଡେଶ୍ୱର ଖାଡଙ୍ଗା, ପରେଶ୍ କୁମାର ମିଶ୍ର (ଟନି) , ୱାଇ ଜଗନ୍ନାଥ ରାଓ, ମଧୁ ତ୍ରିପାଠୀ, ଅମିତାଭ ତ୍ରିପାଠୀ, କାଳୀ କିଙ୍କର ପଟ୍ଟନାୟକ, ଚନ୍ଦନ ପାତ୍ର, ଗୌରୀ ଶଙ୍କର ପଟ୍ଟନାୟକ, ବରୁ ପାତ୍ର, ନୁନୁ ଦାସ, ବାଲାଜୀ ବେହେରା,ପି ଗୁପ୍ତେଶ୍ୱର ରାଓ, ଅନିଲ, କୈଳାସ ନାୟକ ପ୍ରମୁଖଙ୍କ ସମେତ ମାଁ ଭଣ୍ଡାର ଘରଣୀ ମନ୍ଦିର ପରିଚାଳନା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଆଜି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

## ମୁଖ୍ୟ ଅତିଥି ହେବେ ବିଳାଶପୁର ସିୟୁ କୁଳପତି

କୋରାପୁଟ,୨୮।୮(ସମିସ):

ଶୁକ୍ରବାର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ୧୭ତମ ପ୍ରତିଷ୍ଠା ଦିବସ ପାଳନ ହେବ। ସୁନାବେଡ଼ା ମୁଖ୍ୟ କ୍ୟାମ୍ପସ ପରିସରରେ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ମଧ୍ୟ ପ୍ରଦେଶର ବିଲାସପୁର ସ୍ଥିତ ଗୁରୁ ଘାସୀଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଲୋକ କୁମାର ଚକ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଓଡ଼ିଆ ଶାସ୍ତ୍ରୀୟ ଅଧ୍ୟୟନ ଉତ୍କୃଷ୍ଟତା କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରତିଷ୍ଠା ଦିବସ ବ୍ୟାଖ୍ୟାନ ପ୍ରଦାନ କରିବେ ବୋଲି ଲୋକ



ସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। ୨୦୦୯ ମସିହାର ଆଜିର ଦିନରେ ଡ. ମନମୋହନ ସିଂଙ୍କ ନେତୃତ୍ୱରେ ତତ୍କାଳୀନ ଉପା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ୧୫ଟି ସ୍ନାତକୋତ୍ତର କାର୍ଯ୍ୟକ୍ରମ, ଗୋଟିଏ ଏକୀକୃତ ଏମଏସସି କାର୍ଯ୍ୟକ୍ରମ, ବିଏଡ୍ କାର୍ଯ୍ୟକ୍ରମ, ୩ଟି ଚାରି ବର୍ଷୀୟ ବିଏସସି ପାଠ୍ୟ କାର୍ଯ୍ୟକ୍ରମ ସହିତ ୧୭ଟି ବିଷୟରେ ପିଏଚ୍‌ଡି କାର୍ଯ୍ୟକ୍ରମ ରହିଛି। ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ୫୦ ଜଣ ନୂତନ ଅଧ୍ୟାପକ ବିଶ୍ୱବିଦ୍ୟାଳୟରେ ଯୋଗଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଏହି ଅଞ୍ଚଳ ଓ ରାଜ୍ୟବାସୀଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ନିଜର ଶିକ୍ଷାନୁଷ୍ଠାନିକ ଓ ଭିତ୍ତିଭୂମିର ଉନ୍ନତି ପ୍ରତି ସଙ୍କଳ୍ପବଦ୍ଧ ଅଟୁଟ ରହିଛି। କିଛି ଦିନ ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରି ଏହାର ବିକାଶ ନିମନ୍ତେ ଅଧିକ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱବିଦ୍ୟାଳୟ ଏହାର ୧୬ ବର୍ଷର ଯାତ୍ରା ସଫଳ ଭାବେ ସମାପ୍ତ କରିଛି ଓ ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ ୧୭ତମ ପ୍ରତିଷ୍ଠା ଦିବସକୁ ଉତ୍ସାହରେ ପାଳନ କରିବା ନିମନ୍ତେ ପ୍ରସ୍ତୁତ ରହିଥିବା ଡ. ଫଗୁନାଥ ଭୋଇ କହିଛନ୍ତି।

# ଜଳ ଭଣ୍ଡାରରୁ ନିଷ୍କାସନ ହେଲା ଜଳ

ଲମତାପୁଟ,୨୮।୮(ସମିସ): ଲମତାପୁଟରେ ବର୍ଷା ଲାଗିରହିଥିବା ବେଳେ ଜଳାପୁଟ ଜଳ ଭଣ୍ଡାରରେ ଜଳସ୍ତର ବଢ଼ିବାରେ ଲାଗିଛି। ଜଳସ୍ତର ବିପଦ ସଂକେତ ଛୁଇଁବାରୁ ଗତ କାଲି ଠାରୁ ୩ଟି ଗେଟ ଖୋଲାଯାଇଛି। ବର୍ତ୍ତମାନ ୧୩ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଥିବା ବେଳେ ମାଛକୁଣ୍ଡ ଡି ଡ୍ୟାମରୁ ମଧ୍ୟ ୩ଟି ଗେଟ୍ ୬ ଫୁଟ ଖୋଲା ଯାଇଛି ଏବଂ ୧୮ ହଜାର କ୍ୟୁସେକ ପାଣି ନିଷ୍କାସିତ କରାଯାଉଛି। ବନ୍ୟା ଆଶଙ୍କା ରହିଥିବାରୁ ତଳିଆ ଅଞ୍ଚଳ ଲୋକଙ୍କୁ ସତର୍କ କରାଇବା ସହ ପ୍ରଶାସନ ସଜାଗ ରହିଛି।



# ଲଗାଣ ବର୍ଷା, ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି

ମାଥିଲି, ୨୮।୮(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବିଏଲକେ ଅନ୍ତର୍ଗତ କାଳିଆଗୁଡା ଠାରେ ଲଗାଣ ବର୍ଷା ଯୋଗୁଁ ନିକଟରେ ଥିବା କୋଲାବ ଓ ପାଙ୍ଗାମା ନଦୀର ମିଶ୍ରଣ ସ୍ଥାନ ତଥା ତ୍ରିବେଣୀ ସଂଗମ କୁହ ଯାଉଥିବା ନଦୀରୁ ପାଣି ଆସି ବିଭିନ୍ନ ଘର ଓ ଦେବାଳୟ ନିକଟରେ ଜମୁଥିବା ଜଣା ପଡିଛି। ସୂଚନା ଅନୁଯାୟୀ ଜିଲ୍ଲାରେ ଲଗାଣ ବର୍ଷା ହେତୁ ବିଭିନ୍ନ ନଦୀର ଜଳସ୍ତର ବଢିବାରେ ଲାଗିଛି। କିଛି ସ୍ଥାନରେ ଜଳସ୍ତର ବଢି ରାସ୍ତା ଉପରକୁ ମଧ୍ୟ ଚାଲି ଆସିଥିବା ବେଳେ ଜିଲ୍ଲାର ମାଥିଲି ବ୍ଲକ ଅଧୀନରେ ଥିବା କାଳିଆଗୁଡା ଗ୍ରାମ ନିକଟରେ ଥିବା ତ୍ରିବେଣୀ ସଂଗମ ନଦୀରୁ ପାଣି ଆସି ଗ୍ରାମ ମଧ୍ୟରେ ଥିବା କିଛି ଘର ଓ ଜଗନ୍ନାଥ ମନ୍ଦିରଟି ଜଳ ଘେର ମଧ୍ୟରେ ଥିବା ଜଣାପଡିଛି। ଯାହାକୁ ନେଇ ଲୋକେ ମଧ୍ୟ ଭୟଭୀତ ହୋଇ ପଡିଛନ୍ତି। କାରଣ ଜଳସ୍ତର ବଢିଲେ ବିଭିନ୍ନ ଘର ମଧ୍ୟରେ ଜଳ ପସିବାର ଭୟ ରହିଛି।


# ଶିକ୍ଷାଦୂତଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୮।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ଜଣେ ଶିକ୍ଷାଦୂତଙ୍କୁ ହତ୍ୟା କରିଛନ୍ତି ମାଓବାଦୀ। ସୂଚନା ଅନୁଯାୟୀ ସୁକୁମା ଜିଲ୍ଲା ଅନ୍ତର୍ଗତ ଜଗରଗୁଣ୍ଡା ଥାନା ଅଞ୍ଚଳର ସିଲଗେର ଗ୍ରାମରେ ଗତକାଲି ରାତିରେ କିଛି ସଶସ୍ତ୍ର ମାଓବାଦୀ ଆସି ଲକ୍ଷ୍ମଣ ବାରସେଙ୍କ ଘରକୁ ଯାଇ ଲକ୍ଷ୍ମଣଙ୍କୁ ଘରୁ ଉଠାଇ ଆଣି ନିସ୍ଥୁକ ମାଡ ମାରିବା ସହ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ସମୟରେ ଲକ୍ଷ୍ମଣଙ୍କୁ ବଞ୍ଚାଇବା ପାଇଁ ପରିବାର ଲୋକେ ଉଦ୍ୟମ କରିଥିବା ବେଳେ ସେମାନେ ମଧ୍ୟ ଆହତ ହୋଇଥିଲେ। ଖବର ପାଇ ଆଜି ସକାଳେ ଘଟଣାସ୍ଥଳରେ ଜଗରଗୁଣ୍ଡା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ସୂଚନା ଦାତା ସନ୍ଦେହରେ ଲକ୍ଷ୍ମଣଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି।

## ଜଳ ନିଷ୍କାସନ ପାଇଁ ପୌରସଂସ୍ଥାର ତତ୍ପରତା

# ବିଜୁ ରାଜନଗରରୁ ନିଷ୍କାସନ ହେଲା ବର୍ଷା ଜଳ

ଜୟପୁର, ୨୮ । ୮(ସମିସ) : ଜୟପୁର ସହରରେ ଗତ ମଙ୍ଗଳବାର ରାତି ଠାରୁ ବୁଧବାର ପୂର୍ବାହ୍ନ ପର୍ଯ୍ୟନ୍ତ ଯେଉଁଭଳି ଭାବେ ପ୍ରବଳ ବର୍ଷା ହୋଇଥିଲା , ଏଥିରେ ଜୟପୁର ସହରର ବିଭିନ୍ନ ସାହି, ବସ୍ତି ଗୁଡିକରେ ଡ୍ରେନ୍ ପାଣି ରାତିରେ ଘର ଭିତରେ ପ୍ରବେଶ କରିଥିଲା। ଏଥିରେ ଲୋକମାନେ ହଇରାଣ ହୋଇଥିଲେ। ସାରା ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। ସହର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଡ୍ରେନ୍ ନିର୍ମାଣ ବ୍ୟବସ୍ଥା ଏବଂ ବର୍ଷା ଦିନ ପୂର୍ବରୁ ଡ୍ରେନ୍ ଗୁଡିକର ସଫେଇକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏଥିନେଇ ପୌରସଂସ୍ଥା ଏବଂ ପ୍ରଶାସନକୁ ସମାଲୋଚନା କରାଯାଇଥିଲା। ଏହିପରି ବିଜୁରାଜ ନଗର, ଏନ୍‌କେଟି ରୋଡ ବସ୍ତି ଅଞ୍ଚଳ, ବେଲ୍ ରୋଡ ଗୁଡିକରେ ବର୍ଷା ଜଳ ଜମା ହୋଇ ନିଷ୍କାସିତ ହୋଇପାରିନଥିଲା। ଗତକାଲି ଠାରୁ ପୌରସଂସ୍ଥା ପକ୍ଷରୁ



ତତ୍ପରତା ପ୍ରକାଶ ପାଇଥିଲା। ଗତକାଲି ରାତି ୮ଟା ସମୟରେ ବିଜୁରାଜ ନଗର ପଛପାଖରେ ରହିଥିବା ହୁଡା ଭାଙ୍ଗି ମତ୍ସ୍ୟ ବିଭାଗର ପୋଖରୀ ଗୁଡିକରେ ପ୍ରବେଶ କରାଯିବା ପରେ ନୂଆ ସାହି ୫ମ ଲାଇନ୍ ନିକଟସ୍ଥ ଡ୍ରେନ୍‌କୁ ଛଡ଼ାଯାଇଥିଲା। ସେହିପରି ସହରର ବେଲ୍ ରୋଡ, ଡ୍ରେନକୁ ସଫେଇ କରାଯାଇ ଶୁଭମ କଲ୍ୟାଣ ମଣ୍ଡପ ପଛପାଖ ବଡ଼ ଡ୍ରେନ୍ ଦେଇ ଚିକିଟି ନାଳକୁ ପାଣି ନିଷ୍କାସିତ ହୋଇଥିଲା। ଏନ୍‌କେଟି ରୋଡର ସିନେମାନ ସାହି ବସ୍ତିରେ ପାଣି ଜମା ହୋଇରହିଥିଲା। ଏହାକୁ ମଧ୍ୟ ନିଷ୍କାସନ କରାଯାଇ ଚିକିଟି ନାଳକୁ ସଂଯୋଗ କରୁଥିବା ଡ୍ରେନ୍‌ରେ ଛଡ଼ା ଯାଇଥିଲା। ଆଜି ପୂର୍ବାହ୍ନରେ ସହରର ବିଭିନ୍ନ ଡ୍ରେନ୍ ଗୁଡିକର ଘୋଡ଼ଣି ବାହାର କରାଯାଇ ଜମା ହୋଇଥିବା ଅଳିଆ ଆବର୍ଜନା ସଫା କରିବା ପରେ ଜଳ ନିଷ୍କାସିତ ହୋଇଥିଲା। ସହରର ବର୍ଷା ଜଳ ନିଷ୍କାସନ ନେଇ ପୌରସଂସ୍ଥା ପକ୍ଷରୁ ଗତକାଲି ଏବଂ ଆଜି ପୌରସଂସ୍ଥା ପକ୍ଷରୁ ସଫେଇ ଏବଂ ଡ୍ରେନ୍ ସଫେଇ କରାଯାଇଛି। ଆଜି ପୂର୍ବାହ୍ନରେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ସହରର ବୁଲି ସଫେଇ କାର୍ଯ୍ୟର ତଦାରଖ କରିବା ସହ ଘର ଭାଙ୍ଗିଥିବା ଲୋକମାନଙ୍କୁ ପଲିଥିନ ପ୍ରଦାନ କରିବାକୁ ପୌରସଂସ୍ଥା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ହିଣ୍ଡାଲ୍‌କୋ ସହଯୋଗରେ ଚାରାରୋପଣ




ସେମିଳିଗୁଡ଼ା,୨୮।୮(ସମିସ):କୋରାପୁଟ ଜିଲ୍ଲା ସେମିଳିଗୁଡା ର ହିଣ୍ଡାଲ୍‌କୋ ସହଯୋଗରେ ଚଳିତ ମାସରେ କଣ୍ଟାଗୁଡା ଓ କୋକିରିଗୁଡା ଗ୍ରାମର ସ୍ଥାନୀୟ ଯୁବକମାନେ ମିଶି ୫୦୦୦ଟି ଚାରାରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ୟୁନିଟ୍ ହେଡ୍ ମନୋଜ ନାୟକ, ମାନବ ସମ୍ବଳ ମୁଖ୍ୟ ଅମିତ ସର, ସିଏସଆର୍ ମୁଖ୍ୟ ପ୍ରକାଶ ସାହୁ ଅଂଶ ଗ୍ରହଣ କରିଥିଲେ। ଜଣ୍ଟାଗୁଡ଼ାର ସୁନିଲ କୁଲଦୀପ, ଅମିତ ଖୋସଲା, ପୁଣ୍ଡା ତୁରୁକ୍ ଏବଂ କୋକିରିଗୁଡ଼ା ଗ୍ରାମର ପୂର୍ଣ୍ଣ ଜାନି, ଆପାନା ଜାନି, ମୁକୁନ୍ଦ ଜାନି କାଯ୍ୟକ୍ରମର ନେତୃତ୍ୱ ନେଇଥିଲେ।। ଗାଁରପତିତ ଜମିକୁ ଚିହ୍ନଟ କରାଯାଇ ମାଟିରେ ନିର୍ଦ୍ଦିଷ୍ଟ ପରିମାଣରେ ଆମ୍ବ, ପଣସ, କାଜୁ, ଜାମୁକୋଳି, ତେନ୍ତୁଳି, ଜାମୁଡାଳ ଇତ୍ୟାଦି ଫଳ ଓ ଫୁଲ ଗଛ ରୋପଣ କରାଯାଇଛି। ଗ୍ରାମର ଯୁବକମାନେ ମିଶି ଏହି ଚାରାର ରକ୍ଷା ଓ ପାଳନ କରିବାର ଦାୟିତ୍ୱ ନେବେ ବୋଲି ପ୍ରତିଜ୍ଞା କରିଛନ୍ତି।

# ଯୁବକଙ୍କ ଅକାଳ ବିୟୋଗ



କୋଷାଗୁମୁଡା,୨୮।୮(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାର ଦିଲ୍ଲୀପ ନାୟକ(୪୩)ଙ୍କର ଅକାଳ ବିୟୋଗ ଘଟିଛି। ଗତ ରାତିରେ ଦିଲୀପ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଯକୃତ ଜନିତ ରୋଗରେ ସେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ବିଭାଗରେ ଚାକିରୀ ଛାଡି ନିଜ ଗାଁରେ ଏକ ମେଡ଼ିକାଲ ଷ୍ଟୋର ଖୋଲି ସେ ଲୋକଙ୍କ ସେବା କରି ଆସୁଥିଲେ। ତାଙ୍କ ବିୟୋଗରେ କୋଷାଗୁମୁଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସମ୍ପାଦକୀୟ



ଯେତେବେଳେ ଦ୍ୱନ୍ଦ୍ୱ ମୋ ମନକୁ ବିଦୀର୍ଣ୍ଣ କରେ, ହତାଶା ବିଷଣ୍ଣ କରେ, ଦିଗବଳୟରୁ ଆଶାର କିରଣ ଅସ୍ତ ହୋଇଯାଏ, ସେତେବେଳେ ମୁଁ ଭଗବତ୍ ଗୀତାର ବାଣୀକୁ ସ୍ମରଣ କରି ସ୍ଥିତପ୍ରଜ୍ଞ ହୋଇଯାଏ।

-ମହାତ୍ମା ଗାନ୍ଧୀ

ସକାଳ THE SAKALA

## ବିକଳ୍ପ ସନ୍ଧାନର ସୁଯୋଗ

ଭାରତ ବିରୋଧରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇସାରିଥିବା ଆମେରିକାର ବାଣିଜ୍ୟ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ବୟନ, ରତ୍ନପଥର, ଅଳଙ୍କାର, ସାମୁଦ୍ରିକ ଖାଦ୍ୟ, ଅଟୋଯନ୍ତ୍ରାଂଶ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଛି। ସବୁଠାରୁ ଅଧିକ ଓ ତତ୍କାଳ ପ୍ରଭାବିତ ହୋଇଛି ବୟନଶିଳ୍ପ। ଭାରତର ବୟନଶିଳ୍ପ ପେଣ୍ଠ କୁହାଯାଉଥିବା ଗୁଜରାଟର ସୁରତ, ତାମିଲ୍‌ନାଡୁର ତିରିପୁର ଓ ନୋଇଡ଼ାରେ କାରଖାନାମାନ ବନ୍ଦ ହୋଇଯାଇଛି। ଲକ୍ଷ ଲକ୍ଷ କାରିଗର ଚାକିରି ହରାଇଛନ୍ତି। କୋଭିଡ୍ ମହାମାରୀ ଜନିତ ଲକ୍‌ଡାଉନ୍ ଘୋଷଣା ପରେ ସୃଷ୍ଟି ହୋଇଥିବା ପରିସ୍ଥିତିର ଏକପ୍ରକାର ପୁନରାବୃତ୍ତି ଘଟିଛି। ଏବେ ବୟନ ଶିଳ୍ପ କ୍ଷେତ୍ରରେ ଅନୁଭୂତ ପ୍ରଭାବ ଖୁବ୍‌ଶୀଘ୍ର ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ସଂଚରିଯିବା ସ୍ୱାଭାବିକ ଥିବାରୁ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ହ୍ରାସ ପାଇବା ଏକପ୍ରକାର ସୁନିଶ୍ଚିତ। ସାମଗ୍ରିକ ଭାବେ ଆମେରିକାର ବାଣିଜ୍ୟ ଶୁଳ୍କ ବୃଦ୍ଧି ଯୋଗୁଁ ଭାରତୀୟ ନିଯୁକ୍ତି ବଜାରରେ ପ୍ରାୟ ୩୦ ଲକ୍ଷ ଛଟେଇ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶାର ସର୍ବାଧିକ ପ୍ରବାସୀ ଶ୍ରମିକ ସୁରତର ବୟନଶିଳ୍ପରେ ନିୟୋଜିତ ଥିବାରୁ ସେଠାରେ କାମଧନ୍ଦା ବନ୍ଦ ହେଲେ ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ଓଡ଼ିଶାରେ ଆଉ ଏକ ସଙ୍କଟକୁ ଜନ୍ମ ଦେବ। ତେଣୁ ରାଜ୍ୟ ସରକାର ଏଥିପ୍ରତି ସତର୍କ ଓ ସଜାଗ ହେବା ଆବଶ୍ୟକ।

ରୁଷ୍‌ରୁ ଭାରତ ତୁଳନାରେ ଚୀନ୍ ଅଧିକ ତୈଳ ଆମଦାନୀ କରୁଛି। କିନ୍ତୁ ଚୀନ୍ ଉପରେ ଟ୍ରମ୍ପ ସେଭଳି କଠୋର ହୋଇନାହାନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ ଭାରତୀୟ ଉତ୍ପାଦ ଉପରେ ଟ୍ରମ୍ପଙ୍କ ବର୍ଦ୍ଧିତ ଶୁଳ୍କ ଲାଗୁ ବା ବାଣିଜ୍ୟ ଯୁଦ୍ଧ ଘୋଷଣା ପଛରେ କେବଳ ରୁଷ୍‌ରୁ ତୈଳ ଆମଦାନୀ ଏକମାତ୍ର କାରଣ ନୁହେଁ। ଏହି କାରଣକୁ ଭାରତ ସାମ୍ନାକୁ ଆଣି ବିଶ୍ୱ ଦରବାରରେ ସ୍ୱାର୍ଥପର ଆମେରିକାର ମୁଖା ଖୋଲିବା ଉଚିତ। ଭାରତୀୟ ଉତ୍ପାଦର ଅନୁପସ୍ଥିତିରେ ଆମେରିକାର ଖାଉଟି ମଧ୍ୟ ପ୍ରଭାବିତ ହେବେ, ଯାହା ଚୀନ୍ ଦ୍ୱାରା ତତ୍କାଳ ପୂରଣ ହେବା ସମ୍ଭବ ନୁହେଁ। ତେଣୁ ଯେସାକୁ ତେସା ନୀତିରେ ଭାରତ ଆମେରିକାକୁ ଔଷଧ ରପ୍ତାନୀକୁ କାଣ୍ଟଛାଣ୍ଟ କରି ଆମ ବଜାରରେ ଆମେରିକା ଉତ୍ପାଦ ଉପରେ ଦ୍ୱିଗୁଣା ଶୁଳ୍କ ଲାଗୁ କରିବା ଉଚିତ ହେବ।

ସର୍ବୋପରି ଆମେରିକାର ଶୁଳ୍କ ବୃଦ୍ଧିର ଅଲଂଘ୍ୟ ପ୍ରଭାବ ଭାରତୀୟ ଅର୍ଥନୀତିର ଅନ୍ୟାନ୍ୟ ଦିଗକୁ ସଞ୍ଚରିଯିବା ପୂର୍ବରୁ ଭାରତ ସରକାର ଆଶୁ ପଦକ୍ଷେପ ନେବା ଜରୁରୀ। ଭାରତୀୟ ଉତ୍ପାଦ ପାଇଁ ଆମେରିକା ଏକମାତ୍ର ବିକଳ୍ପ ନୁହେଁ। କିନ୍ତୁ ଆମେରିକା ବଜାର ଉପରେ ଆମର ମାତ୍ରାଧିକ ନିର୍ଭରଶୀଳତା ଏବଂ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ରର ସହାଚାର୍ଯ୍ୟର ଆସକ୍ତି ଯୋଗୁଁ ଆଜି ଆମ ରପ୍ତାନୀ ଶିଳ୍ପକୁ ଏ ଦଶା ଭୋଗିବାକୁ ପଡୁଛି। ଯଦି ବେଳ ଥାଉଁ ବିକଳ୍ପ ବଜାର ଖୋଜିବାର ଚେଷ୍ଟା କରିଥା'ନ୍ତେ ତେବେ ଆଜି ଆମେ ମଧ୍ୟ ଆମେରିକାକୁ ଚୀନ୍ ସୁଲଭ ନାଲି ଆଖି ଦେଖାଇ ନମନୀୟ କରିପାରିଥା'ନ୍ତେ। ଏବେ ମଧ୍ୟ ବେଶୀ ବିଳମ୍ବ ହୋଇନାହିଁ। ଆମର ବାଣିଜ୍ୟ-ଅର୍ଥନୀତିକୁ ନିଜ ଗୋଡ଼ରେ ଠିଆ ହେବାର ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାରେ ଆମେରିକାର ବାଣିଜ୍ୟ ଯୁଦ୍ଧ ଆମକୁ ଏକ ସୁଯୋଗ ଦେଇଛି। ଓଡ଼ିଶା ମଧ୍ୟ ଦାଦନ-ଶ୍ରମିକ ରଣନୀତିରେ ଯୁଗୋପଯୋଗୀ ପରିବର୍ତ୍ତନ ଆଣିବା ଲାଗି ମାନସ ମନ୍ଥନ ଆରମ୍ଭ କରିବାର ଅବକାଶ ସୃଷ୍ଟି ହୋଇଛି। ଏହି ସମୟର ସଦୁପଯୋଗ କରି ସୁଯୋଗର ସନ୍ଧାନ ଆମେ ଯେତେଶୀଘ୍ର କରିପାରିବା ଆମେରିକାକୁ ଉଚିତ ଶିକ୍ଷା ତ ମିଳିବ, ଭାରତୀୟ ଅର୍ଥନୀତି ମଧ୍ୟ ଅଦମନୀୟ ହୋଇପାରିବ। ●

## ଅରଣ୍ୟର ରୋଦନ

ବିକାଶ ଆଳରେ ବ୍ୟାପକ ବୃକ୍ଷଚ୍ଛେଦନର ପରିବେଶ ଉପରେ ପ୍ରତ୍ୟକ୍ଷ ପ୍ରଭାବ ବିଷୟରେ ପରିବେଶବିତ୍‌ମାନେ ସପ୍ରମାଣ ଚେତାବନୀ ଦେଇ ଆସୁଛନ୍ତି। ଜଙ୍ଗଲକ୍ଷୟ ପ୍ରାଣୀମାନଙ୍କ ଜୀବନଚକ୍ରକୁ ପରୋକ୍ଷ ପ୍ରଭାବିତ କରୁଥିବା ଅନେକ ଗବେଷଣାରୁ ଜଣାପଡ଼ିଛି। ଏବେ କିନ୍ତୁ ଜଙ୍ଗଲକ୍ଷୟର ମଣିଷମାନଙ୍କ ଉପରେ ପ୍ରତ୍ୟକ୍ଷ ପ୍ରଭାବର ପ୍ରମାଣ ମିଳିଛି। ବିଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର୍'ର ଗତ ୨୭ ତାରିଖରେ ପ୍ରକାଶିତ ସଂଖ୍ୟାରେ ଉଲ୍ଲେଖିତ ଏକ ଗବେଷଣାଲବ୍ଧ ସନ୍ଦର୍ଭର ତଥ୍ୟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଜଙ୍ଗଲ କ୍ଷୟ ଯୋଗୁଁ ବାର୍ଷିକ ହାରାହାରି ୨୮ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି ଦକ୍ଷିଣ-ଏସିଆରେ। ଉକ୍ତ ସନ୍ଦର୍ଭର ଦାବି ଅନୁଯାୟୀ ଚଳିତ ଶତାବ୍ଦୀର ଦୁଇ ଦଶନ୍ଧି ମଧ୍ୟରେ କୃଷି ଓ ବାସସ୍ଥାନ ନିର୍ମାଣ ପାଇଁ ୧୬୦ ଲକ୍ଷ ବର୍ଗ କିମି ଜଙ୍ଗଲ ନଷ୍ଟ ହୋଇଛି। ଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ଏବଂ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିଛି, ଯାହାର ସିଧାସଳଖ ପ୍ରଭାବ ମଣିଷ ଜୀବନ ଉପରେ ପଡ଼ିଛି।

ଏକପକ୍ଷରେ ବିଶ୍ୱ ତାପମାତ୍ରାକୁ ଶିଳ୍ପ ବିପ୍ଳବ ପୂର୍ବବର୍ତ୍ତୀ ସମୟର ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବାକୁ ପରିବେଶ ଶିଖର ସମ୍ମିଳନୀମାନଙ୍କରେ ସଂକଳ୍ପ ପାରିତ ହେଉଛି। ଅପରପକ୍ଷରେ ପରିବେଶର ସୁରକ୍ଷାର କବଚ ଜଙ୍ଗଲକୁ ଅତି ନିଷ୍ଠୁର ଭାବେ ନଷ୍ଟ କରାଯାଉଛି। ବିକାଶର ମାୟାଜାଲରେ ମଣିଷ ଏତେ ଅନ୍ଧ ହୋଇଯାଇଛି ଯେ ନିଜ ସହିତ ମାନବ ସଭ୍ୟତାକୁ ବିଲୟ ଆଡ଼କୁ ନେଇଯାଉଛି, ତାହା ସେ ନିଜେ ଜାଣିପାରୁନାହିଁ। ବିକାଶ ପାଇଁ ଆଇନକାନୁନ୍‌କୁ ଦଳିଚକଟି ଚାଲିଛି। ନୂତନ ବନାଞ୍ଚଳ ଯେ ସୃଷ୍ଟି ହେଉନାହିଁ ତା' ନୁହେଁ। କିନ୍ତୁ ବନୀକରଣ ତୁଳନାରେ ଅରଣ୍ୟ ଉଭାନ୍‌ର ପରିମାଣ ବଢ଼ି ଚାଲିଛି। ଭିତ୍ତିଭୂମି ବିକାଶ ନାମରେ ଶହଶହ ବର୍ଷ ପୁରୁଣା ଗଛ ବଦଳରେ କାଗଜଫୁଲ, କନିଅର ଫୁଲ ଗଛ ଶୋଭା ପାଉଛି। ପରିସଂଖ୍ୟାନରେ ଯେଉଁ ସବୁଜ ବଳୟ ଅଞ୍ଚଳ ବୃଦ୍ଧି ପାଇଥିବା ଦର୍ଶାଯାଇଛି ତାହା କେବଳ ଉପଗ୍ରହ ମାଧ୍ୟମରେ ଉତ୍ତୋଳିତ ଚିତ୍ର ଆଧାରରେ ପ୍ରସ୍ତୁତ ହେଉଥିବାରୁ ଯାହା କିଛି ଉପଗ୍ରହ କ୍ୟାମେରାରେ ସବୁଜ ଚିତ୍ରିତ ହେଉଛି ତାହାକୁ ପରିସଂଖ୍ୟାନବିତ୍‌ମାନେ ବନାଞ୍ଚଳ ବା ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୋଲି ଦର୍ଶାଉଛନ୍ତି। କିନ୍ତୁ ଗୋଟିଏ ବଡ଼ ଗଛର ବିକଳ୍ପ ଲକ୍ଷେ ଫୁଲଗଛ ଚାରା ନୁହେଁ, ଏହି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ।

ଅରଣ୍ୟ ଆମକୁ ବହୁବର୍ଷ ହେଲା ଆକୁଳ ନିବେଦନ କରୁଛି - ମୋତେ ମାର ନାହିଁ; ନଚେତ୍ ତୁମେ ମରିଯିବ। କିନ୍ତୁ ନିଷ୍ଠୁର ମଣିଷ ଅରଣ୍ୟର ସେହି ରୋଦନ ଶୁଣିବାର ଧୈର୍ଯ୍ୟ ଓ ଆନ୍ତରିକତା ହରାଇଛି। ●

# ବାଣିଜ୍ୟ-ଯୁଦ୍ଧ ଓ ଚିରସ୍ଥାୟୀ କୃଷିବିକାଶ

**ବିଦ୍ୟାଧର ମହାରଣା**

ଆମେରିକା ସହିତ ଭାରତର ବାଣିଜ୍ୟ ଯୁଦ୍ଧର ବିଗୁଲ୍ ବାଜିସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ରପ୍ତାନି ଶିଳ୍ପ ଗୁରୁତର ବାଧାପ୍ରାପ୍ତ ହୋଇଥିବା ବେଳେ ଆଗାମୀ ଦିନରେ କୃଷି ଆମଦାନୀ ଓ ଖାଦ୍ୟ ନିରାପତ୍ତା ଉପରେ ଏହାର ପ୍ରଭାବକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି। ତେଣୁ ଏବେଠାରୁ ଭାରତ କୃଷି ଓ ଖାଦ୍ୟ ନିରାପତ୍ତାରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଭାରତ ଆଜି ବିଶ୍ୱର ସବୁଠାରୁ ଅଧିକ ଜନବହୁଳ ରାଷ୍ଟ୍ରରୂପେ ଉଭା ହୋଇଛି। ଦେଶର ବିଶାଳକାୟ ଜନସମାଜକୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରା ନ ଗଲେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଭାରତ ବିଶ୍ୱରେ ସର୍ବାଧିକ ଡାଲି, କପା, ଝୋଟ ଓ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ଚାଉଳ, ଆଖୁ, ଫଳ ଓ ପନିପରିବା ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ରେ ଦେଶରେ ଖାଦ୍ୟଶସ୍ୟ(ଶସ୍ୟ ଓ ଡାଲି) ଉତ୍ପାଦନ ୩୫୩ ନିୟୁତ ଟନ୍‌ରୁ ଅଧିକ ହେଲେ ମଧ୍ୟ ବିଶ୍ୱ କ୍ଷୁଧା ଅନୁକ୍ରମଣିକାରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ବ୍ୟଥିତ କରିଛି। ବିଶ୍ୱର ତାଲିକାଭୁକ୍ତ ୧୨୭ ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୫ ଓ କ୍ଷୁଧା ସୂଚକାଙ୍କ ମାତ୍ର ୨୭.୩, ଯାହାକି ସାଂଘାତିକ। ଦେଶରେ ପ୍ରାୟ ୨୦ କୋଟି ଲୋକ ଖାଲି ପେଟରେ ଶୋଇବାକୁ ଯାଆନ୍ତି। ୧୯୫ ନିୟୁତ ଲୋକ ଅପପୁଷ୍ଟି ପ୍ରପୀଡ଼ିତ, ଯାହାକି ବିଶ୍ୱର ଏକ-ଚତୁର୍ଥାଂଶ। ତେଣୁ ଏବେଠାରୁ ଯୁଦ୍ଧକାଳୀନ ଭିତ୍ତିରେ କୃଷି ଯୋଜନା ପ୍ରସ୍ତୁତ ହେବା ଆବଶକ୍ୟକ।

ଆଗାମୀ ଦିନରେ ଭାରତର ଖାଦ୍ୟ ଦ୍ରବ୍ୟଗୁଡ଼ିକର ଆବଶ୍ୟକତା କେତେହେବ ତାକୁ ବୈଜ୍ଞାନିକ ଓ ନିତି ଆୟୋଗ ହିସାବ କରିଛନ୍ତି। ନାବାର୍ଡ ୨୦୨୩ ମସିହାରେ ଏକ ପୁସ୍ତକ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ପ୍ରସପେକ୍ଟସ୍ ଅଫ୍ ଇଣ୍ଡିଆସ୍ ଡିମାଣ୍ଡ ଆଣ୍ଡ ସପ୍ଲାଇସ୍ ଅଫ୍ ଏଗ୍ରିକଲ୍‌ଚର କୋମୋଡିଟିଜ୍ ଟୁଆର୍ଡସ୍ ୨୦୩୦'। ଦେଶରେ ଜନସଂଖ୍ୟା ବୃଦ୍ଧି ହାର ବାର୍ଷିକ ୦.୯ ଶତାଂଶ ହେବ ବୋଲି ଜାତିସଂଘ ଆକଳନ କରିଛି। ଏହି ସମୟ ମଧ୍ୟରେ ଭାରତର ମୁଣ୍ଡପିଛା ଆୟ ବାର୍ଷିକ ୪.୧, ୫.୧ ଓ ୬.୧ ଶତାଂଶ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇ ତଦନୁଯାୟୀ ଖାଦ୍ୟର ଆବଶ୍ୟକତା ହିସାବ କରାଯାଇଛି। ଅଧିକ ରୋଜଗାର ଯୋଗୁଁ ଲୋକମାନଙ୍କ ଚାହିଦା ନିଶ୍ଚିତ ଭାବରେ ଖାଦ୍ୟଶସ୍ୟ ସହିତ ଖାଇବା ତେଲ, ଫଳ, ପନିପରିବା, କ୍ଷୀର, ମାଛ, ମାଂସ ଓ ଅଣ୍ଡା ଆଡ଼କୁ ଯିବ। ଆମେ ଯଦି ବାର୍ଷିକ ମୁଣ୍ଡପିଛା ଆୟ ବୃଦ୍ଧିକୁ ୫.୧ ଶତାଂଶ ଧରିବା ତାହାହେଲେ ଆମ ଦେଶର ଲୋକଙ୍କ ପାଇଁ ୨୦୩୦-୩୧ ରେ ବାର୍ଷିକ ୧୧୩.୮ ନିୟୁତ ଟନ୍ ଚାଉଳ, ୧୧୧.୮ ନିୟୁତ ଟନ୍ ଗହମ, ମୋଟା ଶସ୍ୟ ୪୭.୧ ନିୟୁତ ଟନ୍, ଡାଲି ୩୪.୫ ନିୟୁତ ଟନ୍, ତୈଳବୀଜ ୪୧ ନିୟୁତ ଟନ୍, ଚିନି ୩୦.୯ ନିୟୁତ ଟନ୍, ଫଳ ୧୩୪.୬ ନିୟୁତ ଟନ୍, ପନିପରିବା ୨୩୫.୧ ନିୟୁତ ଟନ, କ୍ଷୀର ୨୬୪.୩ ନିୟୁତ ଟନ୍ ଓ ମାଛ ମାଂସ ୧୧.୭ ନିୟୁତ ଟନ୍ ଆବଶ୍ୟକ ପଡ଼ିବ।

ଏତିକି ଖାଦ୍ୟ ଦ୍ରବ୍ୟ ଆମକୁ ଉତ୍ପାଦନ କରିବାକୁ ହେବ କିମ୍ବା ନିଅଣ୍ଟ ଭରଣା କରିବା ପାଇଁ ବିଦେଶରୁ ଆମଦାନୀ କରିବାକୁ ହେବ। ବର୍ତ୍ତମାନ ଆମ ଦେଶର ଚାଉଳ ଓ ଗହମ ଉତ୍ପାଦନ ଯଥାକ୍ରମେ ୧୪୯ ଓ ୧୧୭ ନିୟୁତ ଟନ୍ ହୋଇଥିବାରୁ ଏହା ଆବଶ୍ୟକତା ଅପେକ୍ଷା ଅଧିକ ଅଛି। କିନ୍ତୁ ଆମେ ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ପଛରେ ପଡ଼ିଛୁ। ଆମ ଦେଶରେ ଯେଉଁ ହାରରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉଛି ତାହାକୁ ବିଚାରକୁ ନେଲେ ୨୦୩୦-୩୧ ବେଳକୁ ଶସ୍ୟ ଉତ୍ପାଦନ ୩୪୨.୩ ନିୟୁତ ଟନ୍, ଡାଲି ୩୫ ନିୟୁତ ଟନ୍, ଫଳ ୧୪୫.୨ ନିୟୁତ ଟନ୍ ଓ ପନିପରିବା ୨୫୩.୫ ନିୟୁତ ଟନ୍ ହେବାର ଆଶା କରାଯାଏ। ସୁତରାଂ ଅଭାବ ପଡ଼ିବ ଡାଲି, ତୈଳବୀଜ, କ୍ଷୀର, ମାଛ ଓ ମାଂସ। କହିବାରେ ଦ୍ୱିଧା ନାହିଁ ଯେ ୧୯୬୬ ପରେ ଦେଶରେ ସବୁଜ ବିପ୍ଳବର ସଫଳ ରୂପାୟନ ଆମକୁ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିପାରିଛି। ୧୯୫୧ ମସିହାରେ ମୁଣ୍ଡପିଛା ଖାଦ୍ୟ ଶସ୍ୟ ବାର୍ଷିକ ମାତ୍ର ୧୪୪ କିଲୋଗ୍ରାମ ଥିବା ବେଳେ ୧୯୭୧ ରେ ଏହା ୧୭୧ କିଲୋଗ୍ରାମକୁ ବୃଦ୍ଧି ପାଇଥିଲା। ଏବେତ ଏହା ୨୦୭ କିଲୋଗ୍ରାମରେ ପହଞ୍ଚିଲାଣି। କିନ୍ତୁ ଡାଲି, ତୈଳବୀଜ, କ୍ଷୀର, ଅଣ୍ଡା ଓ ମାଛ ମାଂସ ସେହି ଅନୁପାତରେ ବୃଦ୍ଧି ପାଉ ନ ଥିବା କାରଣରୁ ଅପପୁଷ୍ଟିର ଚିତ୍ର ସାମ୍ନାକୁ ଆସୁଛି।

ଖାଲି ଉତ୍ପାଦନ ହୋଇଗଲେ ଯେ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ହାସଲ ହେବ ଏହା ଭାବିବା ଭୁଲ। କାରଣ ଏପରି ନିରାପତ୍ତା ପାଇଁ ଉପଲବ୍ଧତା, କ୍ରୟଶକ୍ତି, ଖାଦ୍ୟ ଗ୍ରହଣୀୟତା ଓ ସ୍ଥାୟିତ୍ୱ ଆବଶ୍ୟକ। ରୋଜଗାର ଅଭାବରୁ ଗରିବ ଲୋକେ ଉପଯୁକ୍ତ ଖାଦ୍ୟ ପ୍ରାପ୍ତିରୁ ବଞ୍ଚିତ ହୁଅନ୍ତି। ଆଉ କେତେକ ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭାବରୁ ଖାଦ୍ୟକୁ ଭଲ ଭାବେ ଗ୍ରହଣ କରି ନ ପାରି ଅପପୁଷ୍ଟିର ଶିକାର ହୁଅନ୍ତି। ସୁତରାଂ ଖାଦ୍ୟ ନିରାପତ୍ତା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଜଡ଼ିତ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଶର ଖାଦ୍ୟ ଉତ୍ପାଦନ ଅସ୍ଥିର ହେବା ସହିତ ଏହାର ପ୍ରତିକୂଳ ପ୍ରଭାବ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି। ତେଣୁ ଦୀର୍ଘମିଆଦୀ କୃଷି ଯୋଜନା ପ୍ରଣୟନ ହେବା ବେଳେ ଏ ବିଷୟକୁ ମଧ୍ୟ ବିଚାରକୁ ନିଆଯିବା ଜରୁରୀ।

ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ରାସନ ଦିଆ ଯାଉଛି, ଯାହାର ମୁଖ୍ୟ ଆଧାର ଧାନ ଓ ଗହମ। ତେଣୁ ଧାନ ଓ ଗହମ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଇ ଉତ୍ପାଦ ସଂଗ୍ରହଣ କରାଯାଉଛି। ଅଣଧାନ ଫସଲ ପାଇଁ କିଛି ପ୍ରୋତ୍ସାହନ ବ୍ୟବସ୍ଥା ଓ ଅଧିକ ସହାୟକ ମୂଲ୍ୟ ସ୍ଥିର କରାଯାଇଥିଲେ ମଧ୍ୟ ସଂଗ୍ରହଣ ଅଭାବରୁ ଚାଷୀ ଏହି ଫସଲ ପାଇଁ ବିଶେଷ ଆଗ୍ରହୀ ନୁହନ୍ତି। ପନିପରିବା, ଫଳ, କ୍ଷୀର, ମାଛ, ମାଂସ ଓ ଅଣ୍ଡା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇ ନାହିଁ। ୨୦୨୧-୨୨ ବର୍ଷରେ ଧାନ ଉତ୍ପାଦନର ୩୭ ଶତାଂଶ ଓ ଗହମ ଉତ୍ପାଦନର ୧୭ ଶତାଂଶ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରାଯାଇଥିଲା ଏବଂ ମାତ୍ର ୬ ଶତାଂଶ କୃଷକ ଏହି ଫାଇଦା ହାସଲ କରିଥିଲେ। ଏଥିରୁ ସନ୍ଦେଶ ମିଳୁଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟ କେବଳ ବଡ଼ ଚାଷୀଙ୍କୁ ଉପକୃତ କରୁଛି ଏବଂ ପଞ୍ଜାବ, ହରିଆଣା ଓ ଉତ୍ତରପ୍ରଦେଶ ପରି ଅଧିକ ଉତ୍ପାଦନ କରୁଥିବା ରାଜ୍ୟ ବିଶେଷ ଲାଭବାନ୍ ହେଉଛନ୍ତି। ଏପରି ବ୍ୟବସ୍ଥା ଯୋଗୁଁ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅବଶ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଫସଲ ବିବିଧିକରଣ ପାଇଁ କୃଷକମାନଙ୍କୁ କେତେକ ପ୍ରୋତ୍ସାହନ ଦେଉଛନ୍ତି। ଉଦାହରଣ ସ୍ୱରୂପ ଭାରତ ସରକାର ଖାଇବା ତେଲ ଓ ପାମ୍ ତେଲ ମିସନ୍ ବାବଦରେ ୧୧୦୪୦ କୋଟି ଟଙ୍କାର ବ୍ୟୟବରାଦ କରି ୨୦୩୦-୩୧ ସୁଦ୍ଧା ୨.୮ ନିୟୁତ ଟନ୍ ପାମ୍ ତେଲ ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି।

ଧାନ ଓ ଗହମ ଫସଲରେ ଅଧିକ ସାର ଓ ଜଳ ବ୍ୟବହାର ଯୋଗୁଁ ପରିବେଶ ଉପରେ କୁପ୍ରଭାବ ପଡୁଥିବାରୁ ଏ କ୍ଷେତ୍ରରେ ରିହାତି ପରିମାଣ ସୀମିତ କରିବା ଉଚିତ ମନେହୁଏ। ବରଂ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା, ସେଚନ ଜଳର ଉତ୍ପାଦକତା ବୃଦ୍ଧି, ଧାରଣକ୍ଷମ କୃଷି ବିକାଶ, ଗବେଷଣା ଓ ଉନ୍ନୟନ ଉପରେ ଅଧିକ ବ୍ୟୟ ବରାଦ ହେବା ଆବଶ୍ୟକ। ଯଥାସମ୍ଭବ ଜୈବିକ କୃଷି, ପ୍ରାକୃତିକ କୃଷି ଓ ସମନ୍ୱିତ କୃଷିକୁ ପ୍ରାଧାନ୍ୟ ଦେବାକୁ ହେବ। କୃଷି ଭିତ୍ତିଭୂମି ବିକାଶ (ଜଳସେଚନ, ଭଣ୍ଡାରଣ, ରାସ୍ତା, ବିଜୁଳି ଶକ୍ତି), ସଂରକ୍ଷଣ, ପ୍ରକ୍ରିୟାକରଣ ଓ ବିପଣନରେ ସରକାରୀ-ଘରୋଇ ସହଭାଗିତାରେ ଅଧିକ ପୁଞ୍ଜି ନିବେଶ ଜରୁରୀ। ବିଶେଷ କରି ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଏହି ସହଭାଗିତା ଅତ୍ୟନ୍ତ ଜରୁରୀ।

ଉତ୍ପାଦନଠାରୁ ପରିବହନ ଓ ଯୋଗାଣ ସହିତ ଉପଭୋକ୍ତାଙ୍କ ନିକଟରେ ପହଁଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମୂଲ୍ୟ ସଂଯୋଗ ଓ ଦକ୍ଷତାର ଆବଶ୍ୟକତା ଉପଲବ୍ଧି କରି ଯୋଜନା ପ୍ରଣୟନ କରିବାକୁ ହେବ। ସ୍ୱଚ୍ଛଳ ବର୍ଗର କୃଷକ ଡ୍ରୋନ, ରୋବୋଟ୍, ସେନସର ଏଆଇ, ମେସିନ୍ ଲର୍ଣ୍ଣିଂ, ହାଇଡ୍ରୋପୋନିକ, ଜୈବ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ହାଇଟେକ୍ ଓ ପରିଶୁଦ୍ଧ କୃଷି ପଦ୍ଧତି ଗ୍ରହଣ କରିବା ଆବଶ୍ୟକ। କୃଷି ପରିବେଶ ଉନ୍ନତିକରଣ, କାର୍ବନ ଫାର୍ମିଙ୍ଗ, ସଂରକ୍ଷଣ କୃଷି, ଜୈବିକ କୃଷି, ପାରିବାରିକ କୃଷି ଓ ଧାରଣକ୍ଷମ କୃଷି ପଦ୍ଧତି ଅନୁସରଣ କଲେ ପରିବେଶ ସୁରକ୍ଷା ସହିତ ଆମର ଆବଶ୍ୟକତା ଅନୁସାରେ ଖାଦ୍ୟ ଉତ୍ପାଦନ ହୋଇପାରିବ। କୃଷି ସହିତ ପଶୁପାଳନ, ମହୁଚାଷ, ଟସର ଚାଷ, ମତ୍ସ୍ୟ ଚାଷ ଓ ଦ୍ୱିତୀୟକ କୃଷି (ପ୍ରକ୍ରିୟାକରଣ) ଉପରେ ଧ୍ୟାନ କେନ୍ଦ୍ରିତ ମଧ୍ୟ ହେବା ଆବଶ୍ୟକ। ସଘନ କୃଷି ବିକାଶ ପାଇଁ ପିପିପି ମୋଡ୍‌ରେ ଆବଶ୍ୟକ ଏକ ଦକ୍ଷ ସମ୍ପ୍ରସାରଣ ସେବା ଓ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ସହାୟତା। ଏହାହିଁ ହେବ ଭବିଷ୍ୟତ ପାଇଁ ଆମ ଦେଶର କୃଷି ଯୋଜନା। ଭାରତ କୃଷିରେ ଆତ୍ମନିର୍ଭର ହେବାର ଏହା ହିଁ ସର୍ବୋତ୍ତମ ପନ୍ଥା। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ବିଷାଦ ଓ ବିଷାଦମନସ୍କତା

**ପ୍ରଫେସର ଫକୀର ମୋହନ ସାହୁ**

ବିଷାଦ(ଡିପ୍ରେସନ୍) ଓ ବିଷାଦମନସ୍କତା ଏକାକଥା ନୁହେଁ। ଅବଶ୍ୟ ବିଷାଦ ବା ଡିପ୍ରେସନ୍ ଶବ୍ଦଟି ଆମ ଦୈନନ୍ଦିନ ଜୀବନର ଏକ ନିତ୍ୟବ୍ୟବହୃତ ପରିଭାଷାର ରୂପ ନେଇଛି। ଆମର ଶାରୀରିକ ଅସୁସ୍ଥତା ପରିପ୍ରେକ୍ଷୀରେ ଥଣ୍ଡା, କାଶ ପରି ମାନସିକ ସ୍ୱାସ୍ଥ୍ୟ ଇଲାକାରେ ବିଷାଦ ସେପରି ଏକ ନକାରାତ୍ମକ ଅନୁଭବ। ବିଷାଦର ଲକ୍ଷଣ ଓ ନିରାକରଣ ଜାଣିବା ପୂର୍ବରୁ ଏହାର ସଂଜ୍ଞା ସଂପର୍କରେ ପରିଚିତ ରହିବାକୁ ପଡ଼ିବ। ବିଷାଦର ବିଭାଗୀକରଣ ମଧ୍ୟ ବୁଝିବାକୁ ହେବ।

ପ୍ରଥମେ ମନେରଖିବାକୁ ହେବ ଯେ ବିଷାଦ ହେଉଛି ଏକ ମାନସିକ ବିକୃତି। ବିଶ୍ୱର ଯେଉଁ ମାର୍ଗଦର୍ଶକ ପୁସ୍ତିକା ଅନୁଯାୟୀ ବିଷାଦକୁ ମାନସିକ ବିକୃତିର ଆଖ୍ୟା ଦିଆଯାଇଛି, ସେହି ମାନଦଣ୍ଡ ଅନୁଯାୟୀ ବିଷାଦ ହେଉଛି ମିଜାସର ବିପର୍ଯ୍ୟୟ। ପ୍ରଶ୍ନ ଉଠିପାରେ ମାନସିକ ବିପର୍ଯ୍ୟୟ କ'ଣ? ଅତି ସରଳ ଭାଷାରେ କୁହାଯିବ ଯେ ଗୋଟିଏ ପରିସ୍ଥିତି ବା ପରିବେଶ ଯେଉଁ ମାତ୍ରାର ପ୍ରତିକ୍ରିୟା ଦର୍ଶାଇବା ଆବଶ୍ୟକ କରୁଛି, ତାହାଠାରୁ ମାତ୍ରାଧିକ ପ୍ରତିକ୍ରିୟା ଦର୍ଶାଇବା ହେଉଛି ମାନସିକ ବିପର୍ଯ୍ୟୟ। ଧରାଯାଉ ଜଣେ ବ୍ୟକ୍ତି ରାସ୍ତାରେ ଯାଉଥିବା ସମୟରେ ଗୋଟିଏ ଲୋକ ଦୁର୍ଘଟଣାଗ୍ରସ୍ତ ହୋଇ କ୍ଷତବିକ୍ଷତ ହୋଇଥିବାର ଦେଖିଲେ। ଏ କ୍ଷେତ୍ରରେ ସେ ଦୁଃଖ ଅନୁଭବ କରିବା ଏବଂ କିଛି ପରିମାଣରେ ବିଷାଦଗ୍ରସ୍ତ ହେବା, ମାନବୋଚିତ ନୁହେଁ କି? ଏ କ୍ଷେତ୍ରରେ ତାଙ୍କର ଦୁଃଖାନୁଭୂତି ପୂରାପୂରି ସ୍ୱାଭାବିକ ବିଚାର କରାଯିବ। କିନ୍ତୁ ସେ ଯଦି ଘରକୁ ଆସି ନିଜର ଖାଦ୍ୟପାନୀୟ ତ୍ୟାଗ କରନ୍ତି, ସ୍ନାନାଦି କର୍ମ ତ୍ୟାଗ କରନ୍ତି ଏବଂ ନିଜର ଯତ୍ନ ନ ନିଅନ୍ତି ତେବେ ବ୍ୟବହାରଟି ଅସ୍ୱାଭାବୀ ଧରାଯିବ। ଏପରି ମାନସିକ ସ୍ଥିତି ବିକୃତିସମ୍ପନ୍ନ ବିଚାର କରାଯିବ।

ସ୍ଥୂଳତଃ ପରିସ୍ଥିତିକୁ ଚାହିଁ ପ୍ରତିକ୍ରିୟା ମାତ୍ରାଧିକ ରହିବା ବିକୃତିର ମୁଖ୍ୟ ଚିହ୍ନ। ବିଷାଦ ବା ଡିପ୍ରେସନ୍ ପରିପ୍ରେକ୍ଷୀରେ ଯେଉଁ ବିଭାଗୀକରଣ ପରିକଳ୍ପନା କରାଯାଇଛି, ତାହା ଦୁଇଟି ଉପାଦାନ ଉପରେ ପର୍ଯ୍ୟବସିତ। ଗୋଟିଏ ଉପାଦାନ ହେଉଛି ବିଷାଦର ତୀବ୍ରତା। ଏହା ବେଶୀ କିମ୍ବା କମ୍ ହୋଇପାରେ। ମନୋବୈଜ୍ଞାନିକ ଭାଷାରେ ପ୍ରଥମଟିକୁ ବୃହତ୍ ବା ମେଜର୍ ଡିପ୍ରେସନ୍ କୁହାଯିବା ସ୍ଥଳେ ଅଳ୍ପମାତ୍ରାର ବିଷାଦକୁ ବିଷାଦମନସ୍କତା ବା ଡିସ୍‌ଥେମିଆ କୁହନ୍ତି। ଦ୍ୱିତୀୟ ଉପାଦାନଟି ହେଉଛି ବିଷାଦର ଦିଗ। ଦିଗ ବିଚାରରେ କେତେକ ବିଷାଦ ଏକପ୍ରାନ୍ତୀୟ ହେବା ସ୍ଥଳେ ଅନ୍ୟପ୍ରକାରର ବିଷାଦ ହେଉଛି ଦୁଇପ୍ରାନ୍ତୀୟ। ଏକପ୍ରାନ୍ତୀୟ ପରିଭାଷା ତାତ୍ପର୍ଯ୍ୟ ହେଉଛି ଯେ ଏପରି ବିଷାଦଗ୍ରସ୍ତ ବ୍ୟକ୍ତିମାନେ ହୁଏତ ଅତିଶୟ ଦୁଃଖର ମାନସିକତା ଦର୍ଶାନ୍ତି କିମ୍ବା ଉନ୍ମତ୍ତ ଅବସ୍ଥା (ଚିତ୍କାର କରିବା, ପାଟିକରିବା ମନୋଭାବ) ଦେଖାନ୍ତି; କିନ୍ତୁ ଦୁଇଟିଯାକ ଲକ୍ଷଣ ଦେଖାନ୍ତି ନାହିଁ। ଅନ୍ୟପକ୍ଷରେ ଦୁଇପ୍ରାନ୍ତୀୟ ବିଷାଦରେ ମାନସିକ ରୋଗୀ ବେଳେବେଳେ ଉନ୍ମତ୍ତଭାବ ଦର୍ଶାଇବା ସ୍ଥଳେ ଅନ୍ୟ ସମୟରେ ବିଷଣ୍ଣତା ଦର୍ଶାନ୍ତି। ମିଜାସର ଦୋଳନ ଗୋଟିଏ ପଟରୁ ଅନ୍ୟପଟକୁ ଯାଉଥିବାରୁ ଏହାକୁ ଦୁଇପ୍ରାନ୍ତୀୟ ବିଷାଦ କୁହାଯାଏ। ଗୋଟିଏ ସଂକ୍ଷିପ୍ତ ଲେଖାର କଳେବର ମଧ୍ୟରେ ସବୁପ୍ରକାର ବିଷାଦର ଆଲୋଚନା ସମ୍ଭବପର ନୁହେଁ। ଏଠାରେ କେବଳ ବିଷାଦମନସ୍କତାର ଆଲୋଚନା କରାଯାଉଛି। ବାରାନ୍ତରେ ଅନ୍ୟଗୁଡ଼ିକ ଆଲୋଚିତ ହୋଇପାରେ।

ପୂର୍ବରୁ ସୂଚନା ଦିଆଯାଇଛି ଯେ ବିଷାଦମନସ୍କତାର ପୂରାପୂରି ବଡ଼ ଧରଣର ବିଷାଦ ବା ଡିପ୍ରେସନ୍ ନୁହେଁ। ଏଥିରେ ବିଷାଦର ଲକ୍ଷଣସବୁ ଥାଏ; ମାତ୍ର କମ୍ ମାତ୍ରାରେ ରହିଥାଏ। କିନ୍ତୁ ଏହା ଦୀର୍ଘକାଳୀନ। ଶିଶୁ ଓ କିଶୋର କିଶୋରୀ ପ୍ରାୟ ଏକବର୍ଷ ଏପରି ଲକ୍ଷଣ ଦର୍ଶାନ୍ତି। ଯୁବକଯୁବତୀ ଏବଂ ବର୍ଷୀୟାନ୍ ବ୍ୟକ୍ତି ଦୁଇବର୍ଷ କିମ୍ବା ତତୋଧିକ ସମୟ ଏପରି ଅସ୍ୱାଭାବୀ ବ୍ୟବହାର ଦର୍ଶାନ୍ତି। ମନ ସଦାସର୍ବଦା ଉଦାସିଆ ରହିବା, ମୁଖ୍ୟକାର୍ଯ୍ୟରେ ଆଗ୍ରହହୀନତା, ଅସ୍ଥିରତା, ଶୀଘ୍ର କ୍ଳାନ୍ତ ହୋଇପଡ଼ିବା, ନିଦ୍ରାହୀନତା କିମ୍ବା ବେଶୀ ନିଦ୍ରାଳୁତା ଏବଂ ଏକାଗ୍ରତାର ଅଭାବ ଓ ନିଷ୍ପତ୍ତି ଗ୍ରହଣର ଅସୁବିଧା ଏ ମାନସିକ ରୋଗ ଲକ୍ଷଣ। ପୁନଶ୍ଚ କୁହାଯିବ ଯେ ଏପରି ଲକ୍ଷଣସବୁର ତୀବ୍ରତା ଖୁବ୍ ବେଶୀ ନ ଥାଏ। ଅବଶ୍ୟ ମଝିରେ ମଝିରେ ବ୍ୟକ୍ତିର ଜୀବନ ସ୍ୱାଭାବିକ ହୋଇଉଠେ ଏବଂ ସେ ସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରନ୍ତି। ବିଷାଦକବଳିତ ଜୀବନ ମଧ୍ୟରେ ମଝିରେ ମଝିରେ ସ୍ୱାଭାବିକ ଜୀବନଯାତ୍ରାର ଘଟଣାଟି ବିଷାଦମନସ୍କତାର ଏକ ବିଶେଷ ଲକ୍ଷଣ। ମଝିରେ ମଝିରେ ସ୍ୱାଭାବିକତା ସତ୍ତ୍ୱେ ବିଷାଦର ବାଦଲ ଦୀର୍ଘସ୍ଥାୟୀ ହେଉଥିବାରୁ ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନରେ କିଛି କ୍ଷତିସାଧିତ ହୁଏ। ଏତଦ୍‌ବ୍ୟତୀତ ମଝିରେ ମଝିରେ ଆସୁଥିବା ସ୍ୱାଭାବିକତା ଅଳ୍ପସ୍ଥାୟୀ(ଅଳ୍ପ କିଛିଦିନରୁ ଆରମ୍ଭ କରି ସର୍ବାଧିକ ଦୁଇମାସ ପର୍ଯ୍ୟନ୍ତ) ହୋଇଥାଏ।

ବିଷାଦମନସ୍କତାର ତୀବ୍ରତା ଓ ପରିଣତି ଭୟାନକ ହୋଇ ନ ଥିବାରୁ ଏ ଦିଗରେ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି। ନିଜର ପ୍ରିୟକାର୍ଯ୍ୟରେ ମନୋନିବେଶ କରିବା ଏବଂ କର୍ମବ୍ୟସ୍ତ ରହିବା ସ୍ୱାଭାବିକ ଜୀବନ ପାଇଁ ଖୁବ୍ ସହାୟକ। ଅବଶ୍ୟ ମାନସିକ ଚାପ ବିଷାଦ ମନସ୍କତାକୁ ବୃଦ୍ଧି କରୁଥିବାରୁ ଚାପ ଏଡ଼ାଇବା ପାଇଁ ମନୋରଞ୍ଜନ, ଶାରୀରିକ ବ୍ୟାୟମ, ଯୋଗ ଓ ଧ୍ୟାନର ସକାରାତ୍ମକ ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

## ଲଙ୍କିନୀ ମନ୍ଦିର

**ବିଚିତ୍ର ବିଶ୍ୱାସ**

**ଓଜସ୍ୱିନୀ**

ଦେବୀ ଲଙ୍କିନୀ ଥିଲେ ରାବଣଙ୍କ ସୁବର୍ଣ୍ଣ ଲଙ୍କାର ରକ୍ଷାକର୍ତ୍ତ୍ରୀ। ପୌରାଣିକ କାହାଣୀ ଅନୁଯାୟୀ ଦେବୀ ଲଙ୍କିନୀ ପୂର୍ବଜନ୍ମରେ ବ୍ରହ୍ମଲୋକର ମୁଖ୍ୟ ଦ୍ୱାରପାଳ ଥିଲେ। ଅସୀମ ବଳଶାଳୀ କାରଣରୁ ଗର୍ବ ଓ ଅହଂକାର ବଶତଃ ସେ ବ୍ରହ୍ମଲୋକର ଅନ୍ୟ ପାରିଷଦମାନଙ୍କୁ ହତାଦର କରିବାକୁ ଲାଗିଲେ। ସୃଷ୍ଟିକର୍ତ୍ତା ବ୍ରହ୍ମା ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଅଭିଶାପ ଦେଇ କହିଲେ - 'ବ୍ରହ୍ମଲୋକରେ ରହି ରହି ମଧ୍ୟ ତୁମ ମନରେ ଅହଂକାର ଭଳି ଆସୁରିକ ପ୍ରବୃତ୍ତି ଜନ୍ମ ନେଇସାରିଛି। ତେଣୁ ତୁମେ ଅସୁର ରାଜ୍ୟର ରକ୍ଷାକର୍ତ୍ତ୍ରୀ ଭାବେ ରହିବ।' ଦେବୀ ଲଙ୍କିନୀ ନିଜର ଭୁଲ୍ ବୁଝିପାରି ପ୍ରାୟଶ୍ଚିତ କରିବାକୁ ଚାହିଁଲେ। ବ୍ରହ୍ମା କହିଲେ, 'ତ୍ରେତୟା ଯୁଗରେ ଜଣେ ବାନର ତୁମକୁ ପରାସ୍ତ କରିବ। ସେହିଦିନ ତୁମେ ପୁଣିଥରେ ବ୍ରହ୍ମଲୋକକୁ ଫେରିଆସିବ।' ବ୍ରହ୍ମବାକ୍ୟ ଅନୁସାରେ ସୁବର୍ଣ୍ଣ ଲଙ୍କାର ଦ୍ୱାରପାଳ ଭାବେ ଲଙ୍କିନୀ ରହିଲେ ଏବଂ ମାତାସୀତାଙ୍କୁ ଠାବ କରିବାକୁ ଯାଇଥିବା ହନୁମାନଙ୍କ ଦ୍ୱାରା ପରାସ୍ତ ହୋଇ ବ୍ରହ୍ମଲୋକକୁ ଗମନ କରିଥିଲେ। ତେଣୁ ପୁରାଣ କଥା ଅନୁସାରେ ଲଙ୍କିନୀଙ୍କୁ ବ୍ରହ୍ମଲୋକ ନିବାସୀ, ଦିବ୍ୟଗୁଣରେ ପରିପୂର୍ଣ୍ଣା ଦେବୀ ଭାବେ ଭାରତର କେତେକ ସ୍ଥାନରେ ପୂଜା କରାଯାଉଛି।

ଛତିଶଗଡ଼ ଗରିଆବନ୍ଧ ଜିଲ୍ଲାର ଦେବଭୋଗ ଅଞ୍ଚଳରେ ଥିବା ଗାନ୍ଧୀ ଚୌକ୍‌ରେ ରହିଛି ଲଙ୍କିନୀ ଦେବୀଙ୍କ ମନ୍ଦିର। ବର୍ଷକୁ ଥରେ, କେବଳ ବିଜୟାଦଶମୀ ଦିନ ଏହି ମନ୍ଦିର ଖୋଲାଯାଏ। ଅନ୍ୟ ଦିନମାନଙ୍କରେ ଶ୍ରଦ୍ଧାଳୁମାନେ ମା'ଙ୍କ ମନ୍ଦିର ବାହାରେ ଭୋଗ ଲଗାଇ ପୂଜାର୍ଚ୍ଚନା କରିଥା'ନ୍ତି। ବିଶେଷଭାବେ ମଙ୍ଗଳବାର ଦିନ ଏଠାରେ ଅଧିକ ଭିଡ଼ ହୋଇଥାଏ। ଭାରତରେ ଲଙ୍କିନୀଙ୍କୁ ଦୁର୍ଗା ଓ ମା'କାଳୀଙ୍କ ସ୍ୱରୂପରେ ପୂଜା କରାଯାଉଛି। ଅନନ୍ୟ ପରମ୍ପରା ପାଇଁ ବିଖ୍ୟାତ ଛତିଶଗଡ଼ରେ ରାବଣ ପୋଡ଼ିକୁ 'ଶାହି ଦଶହରା' ଭାବେ ମାନ୍ୟତା ମିଳିଛି। ବିଜୟାଦଶମୀ ଦିନ ଦେବୀ ଲଙ୍କିନୀ ରାବଣଙ୍କ ବିଶାଳକାୟ କୁଶପୁତ୍ତଳିକାକୁ ପରିକ୍ରମା କରିବା ପରେ ରାବଣଙ୍କ ଦହନ ହୋଇଥାଏ। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ପରମ୍ପରାରେ ପ୍ରଥମେ ବିଜୟାଦଶମୀ ଦିନ ଆଖପାଖ ଗାଁରେ ବିରାଜିତ ଦେବଦେବୀଙ୍କୁ ରାବଣ ଦହନର ସୂଚନା ଦିଆଯାଏ। ତା'ପରେ ବିଗ୍ରହଙ୍କ ପ୍ରତୀକ ସ୍ୱରୂପ ଗାଁର ମୁଖିଆମାନେ ପତାକାକୁ ଆଣି ଦେବଭୋଗରେ ପହଞ୍ଚିଥା'ନ୍ତି। ମୁଖ୍ୟ ଦେବୀ ଭାବରେ ଲଙ୍କିନୀଙ୍କ ସ୍ୱରୂପ ପତାକା ସହିତ ଅନ୍ୟ ପତାକା ବହନ କରିଥିବା ମୁଖିଆମାନେ ରାବଣଙ୍କ ପୁତ୍ତଳିକାକୁ ପରିକ୍ରମା କରନ୍ତି। ଏହାପରେ ଜମିଦାରମାନଙ୍କର ଇଷ୍ଟଦେବ କଞ୍ଚନା ଧ୍ରୁବାଙ୍କ ପ୍ରତିନିଧି ଭାବେ ଜଣେ ବ୍ୟକ୍ତି ନିଜର ପତାକା ଦ୍ୱାରା ରାବଣଙ୍କ ଶରୀରରେ ଅଗ୍ନି ସଂଯୋଗ କରନ୍ତି। ଦେବୀ ଲଙ୍କିନୀଙ୍କ ଅନୁମତି ମିଳିବା ପରେ ହିଁ ରାବଣ ଦହନ କରାଯାଏ। 'ଦାଉ' ନାମକ ଜମିଦାରଙ୍କ ବଂଶଜ ପରିବାର ଏହି ଦାୟିତ୍ୱ ବହନ କରିଥା'ନ୍ତି।

ଜନଶ୍ରୁତି ଅନୁଯାୟୀ, ନାରାୟଣ ଅବସ୍ତି ନାମକ ଜଣେ ବ୍ୟକ୍ତି ତାଙ୍କର ପୁତ୍ର ଜୀବନଲାଲ୍‌ଙ୍କ ନାମରେ ଦେବଭୋଗର ମୁଖ୍ୟ ସ୍ଥାନ (ଗାନ୍ଧୀ ଚୌକ୍)ରେ ୨ ଏକର ଜାଗା କିଣିଥିଲେ। ଏହାର କିଛିଦିନ ଭିତରେ ପରିବାରର ସମସ୍ତ ସଦସ୍ୟ ରୋଗଗ୍ରସ୍ତ ହେବାକୁ ଲାଗିଲେ। ପ୍ରତି ଦଶହରା ଦିନ ଘରର ବଡ଼ବୋହୂର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଥିଲା। ଏକଦା ବଡ଼ବୋହୂକୁ ସ୍ୱପ୍ନ ଦେଖିଲେ ଯେ, ସେହି ଜମିରେ ପୂର୍ବରୁ ଜମିଦାରମାନଙ୍କର ଜମିଦାରୀ ଥିଲା। ତେଣୁ ସେହି ସ୍ଥାନରେ ଦେବୀ ଲଙ୍କିନୀଙ୍କ ମନ୍ଦିର ପ୍ରତିଷ୍ଠା ହେବା ଉଚିତ। ବଡ଼ବୋହୂଙ୍କ ପୁଅଙ୍କ ଉଦ୍ୟମରେ ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ପାଇଁ ମୂଳଦୁଆ ଖୋଳିବା ସମୟରେ ଦେଖାଗଲା ଯେ, ପୂର୍ବରୁ ସେଠାରେ ଗୋଟିଏ ମନ୍ଦିରର ନକ୍ସା ବା ଢାଞ୍ଚା ପ୍ରସ୍ତୁତ ହୋଇ ରହିଛି। ସେହି ଢାଞ୍ଚା ଅନୁସାରେ ମନ୍ଦିର ନିର୍ମାଣ କରାଯାଇ ମା' ଲଙ୍କେଶ୍ୱରୀଙ୍କୁ ସ୍ଥାପନା କରାଗଲା।

ଲୋକକଥା ଅନୁସାରେ ଦଣ୍ଡକାରଣ୍ୟ କ୍ଷେତ୍ର ବସ୍ତର ଅଞ୍ଚଳର ଗୋଟିଏ ବଡ଼ ଅଂଶରେ ଏବଂ ଏଠାରୁ ପ୍ରାୟ ୧୫୦ କିଲୋମିଟର ଦୂର ଦେବଭୋଗ ଅଞ୍ଚଳରେ ରାବଣ ସେନାର ଦୁଇ ପରାକ୍ରମୀ ଅସୁର ଖର ଓ ଦୁଷଣଙ୍କ ଆଧିପତ୍ୟ ଥିଲା। ତେଣୁ ଦେବଭୋଗ ଏବଂ କାଦାଡୋଙ୍ଗା ନାମକ ଅଞ୍ଚଳରେ ମଧ୍ୟ ଏଭଳି ଅନନ୍ୟ ପରମ୍ପରା ସହିତ ଦଶହରା ପାଳିତ ହୋଇଥାଏ। ଦେବୀଙ୍କ ଅନ୍ୟ ଏକ ଆସ୍ଥାନ ବରହୀ ଗାଁରେ ମଧ୍ୟ ରହିଛି ବୋଲି ବିଶ୍ୱାସ କରାଯାଏ। ପୂର୍ବରୁ ବରହୀ ମନ୍ଦିରେ ବଳିପ୍ରଥା ଥିଲା। ତେଣୁ ଏହି ମନ୍ଦିରକୁ ଜନସାଧାରଣଙ୍କ ପ୍ରବେଶ ନିଷେଧ ଅଛି। ମନ୍ଦିରରେ କବାଟ ନାହିଁ। କେବଳ ଆୟତକାର ଭାବେ ଗୋଟିଏ ଛୋଟ ଦ୍ୱାର ଅଛି, ଯାହା ମଧ୍ୟ ଦେଇ ଜଣେ ପୂଜାରୀ ଯିବାଆସିବା କରିପାରିବେ। ଓଡ଼ିଶାର କଳାହାଣ୍ଡିସ୍ଥିତ ଜୁନାଗଡ଼ ଏବଂ ସୁବର୍ଣ୍ଣପୁରରେ ମଧ୍ୟ ଦେବୀ ଲଙ୍କିନୀ ପ୍ରତ୍ୟକ୍ଷ ଦେବୀ ଲଙ୍କେଶ୍ୱରୀ ଭାବେ ପୂଜା ପାଇ ଆସୁଥିବା ଜନଶ୍ରୁତି ରହିଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗ୍ରହଦୋଷ ଦୂର ପାଇଁ ନାତିକୁ ବଳି



ପ୍ରୟାଗରାଜ, ୨୮ ।୮ (ଏଜେନ୍ସି): ଅନ୍ଧ ବିଶ୍ୱାସ ପାଇଁ ଜଣେ ନିରୀହର ଜୀବନ ଯାଇଛି। ତାନ୍ତ୍ରିକ ପ୍ରରୋଚନାରେ ଶରଣ ସିଂ ନାମକ ଜଣେ ପ୍ରପର୍ଟି ଡିଲର ଜଘନ୍ୟ କାଣ୍ଡ ଘଟାଇଛନ୍ତି। ଗ୍ରହଦୋଷ ଦୂର କରିବାକୁ ସେ ନିଜ ୧୭ ବର୍ଷୀୟ ନାତିକୁ ବଳି ଦେବାକୁ ପଛାଇନାହାନ୍ତି। ପ୍ରୟାଗରାଜର କାରେଲି ଥାନା ଅଞ୍ଚଳରେ ଏହି ଜଘନ୍ୟ କାଣ୍ଡ ଘଟିଛି। ସୂଚନା ଅନୁଯାୟୀ ନାତି ପୀୟୁଷ ମଙ୍ଗଳବାର ସ୍କୁଲ ଯାଉଥିବା ବେଳେ ଜେଜେ ତାଙ୍କୁ ଅପହରଣ କରି ନେଇଥିଲେ। ପରେ ଘରକୁ ନେଇ ତନ୍ତ୍ର- ମନ୍ତ୍ର କରିବା ସହ ବଳି ଦେଇଥିଲେ। ହାତ ଗୋଡ କାଟିବା ସହ ମୁଣ୍ଡଗଣ୍ଡି ଅଲଗା କରି ଦେଇଥିଲେ। ପୀୟୂଷ ନ ଫେରିବାରୁ ମଙ୍ଗଳବାର ନିଖୋଜ ମାମଲା ରୁଜୁ କରାଯାଇଥିଲା। ପୀୟୂଷଙ୍କ ପିତା ଅଜୟ ସିଂ ମୃତ୍ୟୁବରଣ କରିସାଥିବା ବେଳେ ମା କାମିନୀଙ୍କ ସହ ସେ ସାଦିଆପୁରର ଗୁରୁଦ୍ୱାର ନିକଟରେ ରହୁଥିଲେ। ପୀୟୂଷ ସରସ୍ୱତୀ ବିଦ୍ୟାମନ୍ଦିରରେ ଏକାଦଶ ଶ୍ରେଣୀରେ ପଢୁଥିଲା। ସକାଳେ ସ୍କୁଲ୍‌କୁ ଯିବା ପରେ ପୀୟୂଷ ଘରକୁ ଫେରି ନଥିଲା। କିନ୍ତୁ ସେ ସ୍କୁଲକୁ ଯାଇନଥିବା କାମିନୀ ଜାଣିବାକୁ ପାଇଥିଲେ। ଫଳରେ ସେ ପୁଲିସରେ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଶରଣ ସିଂଙ୍କୁ ଗିରଫ କରିଥିଲା। ଶରଣ ନିଜ ଅପରାଧ ସ୍ୱୀକାର କରିଛି। ଅଧିକ ତଦନ୍ତ ପାଇଁ ଶରଣଙ୍କ ସମେତ ତାଙ୍କ ପତ୍ନୀ ଓ ଅନ୍ୟ ଜଣେ ପୁଅକୁ ପୁଲିସ ପଚରାଉଚରା କରୁଛି।

## ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ଶିଶୁ ଗୁରୁତର

### ପଟ୍ଟାମୁଣ୍ଡାଇ ହସ୍‌ପିଟାଲରେ ଉତ୍ତେଜନା ଓ ଧାରଣା

ପଟ୍ଟାମୁଣ୍ଡାଇ,୨୮ ।୮ (ସମିସ): ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲରେ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ଶିଶୁ ଗୁରୁତର ହେବା ଘଟଣାରେ ହସ୍‌ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଧାରଣା ଦିଆଯାଇଥିଲା। ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଗ୍ରାମର ଆନନ୍ଦ ମଲିକ ତାଙ୍କ ୪ ବର୍ଷର ପୁଅ ରୋହନଙ୍କୁ ଥଣ୍ଡା ଜ୍ୱର ହୋଇଥିବାରୁ ଚିକିତ୍ସା ପାଇଁ ୨୩ ତାରିଖରେ ପଟ୍ଟାମୁଣ୍ଡାଇ ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ରୋହନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଓ ଇଞ୍ଜେକ୍ସନ ନେବା ପାଇଁ ପ୍ରେସକ୍ରିପସନ ଲେଖିଥିଲେ। ଏହା ପରେ ରୋହଙ୍କୁ ଇଞ୍ଜେକ୍ସନ ଦେବାରୁ ସେ ହଠାତ ଅସୁସ୍ଥ ହୋଇପଡ଼ିବା ସହିତ ବାମ ଗୋଡ଼ ତଳେ ଲାଗି ନ ଥିଲା। ଏ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଡାକ୍ତରଙ୍କ ଭୁଲ ଔଷଧ ଓ ଇଞ୍ଜେକ୍ସନ ଦ୍ୱାରା ରୋହନର ଏଭଳି ଅବସ୍ଥା ହୋଇଥିବା ରୋହନଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ରୋହନର ପରିବାର ଲୋକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲଠାରୁ ଆରମ୍ଭ କରି ଥାନା ଓ ଜିଲ୍ଲାସ୍ତରୀୟ ହସ୍ପିଟାଲ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ କେହି ଶୁଣି ନ ଥିଲେ। ଉପଯୁକ୍ତ ତଦନ୍ତ ଓ ନ୍ୟାୟ ଦାବିରେ ଆଜି ରୋହନଙ୍କ ପରିବାର ସହିତ ମାଟିଆ ଗ୍ରାମର ଶତାଧିକ ଲୋକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପରିସରରେ ଧାରଣା ଦେଇଥିଲେ। ଫଳରେ ସବଡିଭିଜନ ହସ୍‌ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣ୍ଡଗୋଳ ଆଶଙ୍କାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସବଡିଭିଜନ ହସ୍‌ପିଟାଲ ପରିସରରେ ପୁଲିସ ମୃତୟନ କରାଯାଇଥିଲା। ଶେଷରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ଡାକ୍ତର ଚନ୍ଦ୍ରଶେଖର ଦାଶ ଧାରଣାସ୍ଥଳକୁ ଆସି ରୋହନଙ୍କୁ ଦୁଇଜଣ ମେଡିକାଲ ଷ୍ଟାଫଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ କଟକ ଶିଶୁ ଭବନକୁ ପଠାଇବା ଓ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ମତ୍ସ୍ୟଜୀବୀଙ୍କ ପାଇଁ କାଳ ସାଜିଛି ପଥର ବନ୍ଧ

## ଋଷିକୁଲ୍ୟା ମୁହାଣରେ ଓଲଟିଲା ଡଙ୍ଗା; ଜଣେ ମୃତ

**ଅଲେଶ୍ୱର ବେଳାଭୂମିରୁ ମିଳିଲା ମୃତଦେହ**

ଛତ୍ରପୁର/ଗଞ୍ଜାମ,୨୮ ।୮ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ନିକଟରେ ଅବସ୍ଥିତ ଋଷିକୁଲ୍ୟା ମୁହାଣରେ ଡ଼ଙ୍ଗା ଓଲଟି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତ୍ରପୁର ବ୍ଲକ ସାନନୋଳିଆ ନୂଆଗାଁର ଏ. କାଲେୟା (୪୯)। ବୁଧବାର ରାତିରୁ ସେ ନିଖୋଜ ଥିବାବେଳେ ଗୁରୁବାର ସନ୍ଧ୍ୟାରେ ଅଲେଶ୍ୱର-ସିଦ୍ଧାନ୍ତନଗର ମଧ୍ୟଭାଗ ବେଳାଭୂମିରୁ ତାଙ୍କ ମୃତଦେହ ମିଳିଛି।

ସୂଚନା ପ୍ରକାରେ ବୁଧବାର ଭୋରରୁ ନୋଳିଆନୂଆଗାଁର ୭ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ଋଷିକୁଲ୍ୟା ମୁହାଣ ଦେଇ ସମୁଦ୍ର ଭିତରକୁ ଯିବାବେଳେ ଏକ ଉଚ୍ଚ ଲହଡ଼ି ମାଡ଼ରେ ଡଙ୍ଗାଟି ଓଲଟି ପଡ଼ିଥିଲା। ପି. ଏରେୟା, ଏମ. ବାବାଜୀ, ପି. କାମେୟା, ପି. ରଘୁନାଥ, ଏମ୍. ମୋହନ ଓ ପି. ରାମେୟା ୬ ଜଣ ପହଁରି ପହଁରି କୂଳକୁ ଚାଲି ଆସିଥିବାବେଳେ କାଲେୟା ଡ଼ଙ୍ଗା ତଳେ ଚାପିହୋଇ ରହି ଯାଇଥିଲେ। ଅନ୍ଧାର ରାତିରେ ତାଙ୍କୁ ଉଦ୍ଧାର କରାଯାଇପାରିନଥିଲା। ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇନଥିଲେ। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅଧିକାରୀଙ୍କୁ କହିବା ସହ ନିଜେ ମତ୍ସ୍ୟଜୀବୀଙ୍କ ସହ ଡଙ୍ଗାରେ ସମୁଦ୍ରକୁ ଯାଇ ଖୋଜାଖୋଜି କରିଥିଲେ। ଗୁରୁବାର ସନ୍ଧ୍ୟାରେ ଅଲେଶ୍ୱର ବେଳାଭୂମିରେ କାଲେୟାଙ୍କ ମୃତଦେହ ଲାଗିଥିବା ସ୍ଥାନୀୟ ଜଣେ ଯୁବକ ଦେଖିଥିଲେ। ଖବର ପାଇ ରମ୍ଭା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର



ମେଡ଼ିକାଲକୁ ପଠାଇଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ହେଲା ଗୋପାଳପୁର ପୋର୍ଟକୁ ସୁରକ୍ଷା ଦେବା ନିମନ୍ତେ ସମୁଦ୍ର ମଧ୍ୟରେ ପଥର ବନ୍ଧ ନିର୍ମାଣ ହୋଇଛି। ଫଳରେ ଦକ୍ଷିଣରେ ରାମେୟାପାଟଣାଠାରୁ ଉତ୍ତରରେ ପ୍ରାୟଗୀ ମଧ୍ୟରେ ଉଚ୍ଚ ଲହଡ଼ି ସୃଷ୍ଟି ହେଉଛି, ଯାହା ଆମ ପାଇଁ କାଳ ସାଜୁଛି ବୋଲି ମତ୍ସ୍ୟଜୀବୀ ଅଭିଯୋଗ କରି ଆସୁଛନ୍ତି। ସ୍ଥାନୀୟ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ରମ୍ଭା ଥାନା ଅଧିକାରୀ କୁମର ମୁଦୁଲି, ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ହୁମ୍ମା ଫାଣ୍ଡି ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ହୀରାକୁଦ ଡ୍ୟାମ୍‌ର ସବୁ ଗେଟ୍ ବନ୍ଦ

ସମ୍ବଲପୁର, ୨୮।୮ (ସମିସ):ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବାରୁ ଆଜି ଅପରାହ୍ଣରେ ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୬୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୬,୮୮୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୧୮୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉନଥିବାବେଳେ ପାୱାର ଚେନାଲ ଦେଇ ୩୧,୯୨୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୩,୬୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୨,୦୭୦ ଘନଫୁଟ୍, ଖଇରମାଲଠାରେ ୧,୨୪,୦୦୦ ଘନଫୁଟ୍, ବାରମୁଲଠାରେ ୧,୨୫,୨୫୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୨,୧୩,୩୪୪ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୮.୩୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୮.୦୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୪୭ ଫୁଟ୍ ରହିଥିଲା।

## ଅଧାରେ ଅଟକିଛି ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା

- ■ ନିର୍ଦ୍ଧାରିତ ସମୟରେ ସରିଲା ନାହିଁ ବଦଳି
- ■ ଏସ୍‌ଆଇଆର୍ ପାଇଁ ବଦଳି ପ୍ରକ୍ରିୟାରେ ଲାଗିଲା ରୋକ୍
- ■ ଆଶା ଓ ଆଶଙ୍କାରେ ଆଶାୟୀ ଶିକ୍ଷକ/ଶିକ୍ଷୟିତ୍ରୀ

ଭୁବନେଶ୍ୱର,୨୮ ।୮ (ସମିସ): ଚଳିତ ଶିକ୍ଷାବର୍ଷ ଅଧା ପୂରିବାକୁ ବସିଥିବାବେଳେ ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ସରୁନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତାରିଖ ପରେ ତାରିଖ ଦିଆଯାଉଛି, ହେଲେ ବଦଳି ପ୍ରକ୍ରିୟା କରାଯାଉ ନାହିଁ। ଆବେଦନ ସରିବାକୁ ତିନିମାସ ବିତିଥିଲେ ମଧ୍ୟ ଆଶାୟୀଙ୍କ ଆଶା ପୂରଣ ହୋଇପାରୁନି। ଅନେକ ଶିକ୍ଷକ/ଶିକ୍ଷୟିତ୍ରୀ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ଅପରପକ୍ଷରେ ରାଜ୍ୟରେ ଏସ୍‌ଆଇଆର୍ ଲାଗୁ ପାଇଁ ବଦଳି ପ୍ରକ୍ରିୟାରେ ରୋକ୍ ଲାଗିଥିବାରୁ ବଦଳି ଆଶା ଆଶଙ୍କାରେ ପରିଣତ ହୋଇଛି।

ବଦଳି ପ୍ରକ୍ରିୟା ପାଇଁ ପ୍ରଥମେ ମେ ୧୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତହିଁରେ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ ଅବଧି ଦିଆଯାଇଥିଲା। ଜୁନ୍ ୩ ତାରିଖରେ ବଦଳି ପାଇଁ ରାଜ୍ୟ ସ୍ତରୀୟ କମିଟି (ଏସ୍‌ଏଲ୍‌ସି) ଚୁଡ଼ାନ୍ତ ନିଷ୍ପତ୍ତି ନେବାପରେ ୧୦ ତାରିଖରେ ତାଲିକା ପ୍ରକାଶ ପାଇବ। ଜୁନ୍ ୧୩ ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ଧାର୍ଯ୍ୟ କରାଯାଇଥିଲା। ଏହାପରେ ମେ ୨୮ ତାରିଖରେ ପୂର୍ବ ବିଜ୍ଞପ୍ତିକୁ ପରିବର୍ତ୍ତନ କରି ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଆବେଦନ ଅବଧିକୁ ବୃଦ୍ଧି କରାଗଲା। ପରିବର୍ତ୍ତିତ ବିଜ୍ଞପ୍ତି ଅନୁଯାୟୀ ସମସ୍ତ ବଦଳି ପ୍ରକ୍ରିୟା ସାରି ଜୁଲାଇ ୨୫ ତାରିଖ ସୁଦ୍ଧା ନୂତନ ବିଦ୍ୟାଳୟରେ ଯୋଗଦେବାକୁ ଧାର୍ଯ୍ୟ କରାଗଲା। ହେଲେ ନିଜର ଟାଇମ୍‌ଲାଇନ୍‌କୁ ନିଜେ ପାଳନ କରିପାରିଲାନି ଗଣଶିକ୍ଷା ବିଭାଗ।

ସବୁଠାରୁ ରୋଚକ କଥା ହେଲା, ପ୍ରଥମ କରି ବିଧାୟକ ଓ ସାଂସଦଙ୍କ ସୁପାରିଶ ଆଧାରରେ ୧୫ ଜଣ ଶିକ୍ଷକଙ୍କୁ ବଦଳି କରବା ପାଇଁ ଗଣଶିକ୍ଷା ବିଭାଗ ନିୟମ କରିଥିଲା। ଏହି ନିଷ୍ପତ୍ତି ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିବ ବୋଲି ବହୁ ବିଧାୟକ ଅଭିଯୋଗ କରିବା ପରେ ବିଭାଗ ହରଡଘଣାରେ ପଡ଼ିଥିଲା। ପୁଣି ଏହି ନିଷ୍ପତ୍ତି ଉପରେ ଉଚ୍ଚ ନ୍ୟାୟାଳୟ ରୋକ୍ ଲଗାଇବା, ବିଭାଗକୁ ଅଠାକାଠିରେ ପକାଇଛି। ଫଳରେ ସମ୍ପୂର୍ଣ୍ଣ ବଦଳି ପ୍ରକ୍ରିୟା ସେହିଠାରେ ହିଁ ଅଟକି ରହିଛି।

ଅପରପକ୍ଷରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପାଇଁ ସ୍ପେସିଆଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ଲାଗୁ ହେଉଥିବାରୁ ଶିକ୍ଷକଙ୍କ ବଦଳି ଉପରେ ରୋକ୍ ଲଗାଯାଇଛି। କାରଣ ବୁଥ୍ ଲେଭେଲ୍ ଅଫିସର୍ (ବିଏଲ୍‌ଓ) ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କ ବଦଳି ହେଲେ ବା ସେହି ସ୍ଥାନ ଖାଲି ରହିଲେ ଏସ୍‌ଆଇଆର୍ ପ୍ରକ୍ରିୟା ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଣୁ ଏସ୍‌ଆଇଆର୍ ସହିତ ଜଡ଼ିତ କୌଣସି ଅଧିକାରୀଙ୍କୁ ବଦଳି ନ କରିବାକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ମୁଖ୍ୟ ସଚିବ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ନିର୍ଦ୍ଦେଶନାମା ଜାରି ହୋଇଥିବାରୁ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ଏକ ପ୍ରକାର ଠପ୍ ହୋଇଯାଇଛି। କେବେ ବଦଳି ପ୍ରକ୍ରିୟା ସରିବ ସେନେଇ କାହା ପାଖରେ ସ୍ପଷ୍ଟ ଉତ୍ତର ନ ଥିବାବେଳେ ବିଏଲ୍‌ଓଙ୍କୁ ବାଦ୍ ଦେଇ ବଦଳି ପ୍ରକ୍ରିୟା ସାରିବାକୁ ବିଭିନ୍ନ ଶିକ୍ଷକ ସଂଗଠନ ଦାବି କରିଛନ୍ତି।

## ଚା' ଦୋକାନକୁ ପଶିଲା ବସ୍; ଜଣେ ମୃତ

### ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ବ୍ରାହ୍ମଣୀଗାଁ, ୨୮।୮ (ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଆଜି ସକାଳେ ଏକ ବସ୍ ଚା' ଦୋକାନକୁ ମାଡ଼ିଯିବାରୁ ଚା' ପିଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରାହ୍ମଣୀ ଗାଁ ଧର୍ମସାହିର ବଣ୍ଠାସା ମାଝୀ(୬୦)। ଗୁରୁତର ମହିଳା ବଣ୍ଠାଗୁଡ଼ି ମାଝୀ(୫୪)ଙ୍କୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଗୁରୁବାର ସକାଳ ପ୍ରାୟ ୬ଟାରେ ପଦ୍ମାଳୟା ନାମକ ଏକ ଯାତ୍ରୀବାହୀ ବସ୍ ଗଦାପୁରରୁ-ବ୍ରହ୍ମପୁର ଯିବାବେଳେ ବ୍ରାହ୍ମଣୀଗାଁ ନିକଟରେ ଅନ୍ୟଏକ ଘରୋଇ ବସ୍‌କୁ ଓଭରଟେକ୍ ବେଳେ ଚାଳକ ଭାରସାମ୍ୟ ହରାଇବାରୁ ରାସ୍ତା କଡ଼ରେ ଥିବା ଏକ କାର୍‌କୁ ଧକ୍କା ଦେଇ ବସ୍‌ଟି ଚା' ଦୋକାନକୁ ମାଡ଼ିଯାଇଥିଲା। ସେଠାରେ ଚା' ପିଉଥିବା ବଣ୍ଠାସାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଚା' ଦୋକାନ ମାଲିକାଣୀ ବଣ୍ଠାଗୁଡ଼ି ଗୁରୁତର ଆହତ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଦୁଇଟି ବସ୍‌କୁ ଭଙ୍ଗାରୁଜା କରିବା ସହ ଦୋକାନ ବଜାର ବନ୍ଦ କରି ରାସ୍ତାରୋକ କରିଥିଲେ। ମୃତକ ଓ ଆହତଙ୍କୁ କ୍ଷତିପୂରଣ ନିମିଳିବା ପର୍ଯ୍ୟନ୍ତ ମୃତଦେହ ଛାଡ଼ିବେ ନାହିଁ ବୋଲି ଅଡ଼ି ବସିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଁ ସମଲେଇଙ୍କୁ...

ଧୋବାପଡ଼ାର ଘିକୁଣ୍ଡି ମନ୍ଦିର ଓ ସୁନାରିପଡ଼ାର ହନୁମାନ ମନ୍ଦିରକୁ କେଇଜଣ ପୂଜକ ଯାଇ ନବାନ୍ନ ଲାଗି କରିଥିଲେ। ଏହାପରେ ମଙ୍ଗଳ ଆଳତୀ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ସମୟରେ ମା' ସମଲେଶ୍ୱରୀଙ୍କ ଅନ୍ନଭୋଗ ଲାଗି ହୋଇଥିଲା। ଏହାପରେ ପ୍ରାୟ ସାଢ଼େ ୧୨ଟାରୁ ଅପେକ୍ଷାରତ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ।

ମା'ଙ୍କ ନୂଆ ଚାଉଳ ଭୋଗ ନେଇ ଲୋକେ ଘରେ ଘରେ ନୂଆଁ ଖାଇଥିଲେ। ନୂଆଁ ଖାଇବା ପରେ ନିଜଠୁ ବଡ଼ ମାନଙ୍କୁ ମୁଣ୍ଡିଆ ମାରି ଜୁହାର ଭେଟ୍ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ବହୁ ସ୍ଥାନରେ ସାମୂହିକ ନୂଆଁଖାଇ ପାଳିତ ହୋଇଯାଇଛି। ଦିନତମାମ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ଆସି ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟା ଆଳତୀ ପାଇଁ ୭ଟା ୪୫ରୁ ୮ଟା ୧୫ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହାପରେ ପୁଣି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ସମଲେଶ୍ୱରୀ ଯୁବକ ସଂଘ, ତ୍ରିଡ୍ରୋପ୍ଳା ଯୁବକ ସଂଘ ଓ ଲକ୍ଷ୍ମୀନାରାୟଣ ସାହିତ୍ୟ ସଂସଦ, ଓଡ଼ିଶା ସାଂସ୍କୃତିକ ସମାଜ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ "ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

### ୪ ମହଲା କୋଠା...

ଆବର୍ଜନା ତଳେ କୌଣସି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଭସାଇ ବିରାର ମ୍ୟୁନିସପାଲ କର୍ପୋରେସନ (ଭିଭିଏମ୍‌ସି)ର ଦମକଳ ବିଭାଗ ଓ ଏନ୍‌ଡିଆରଏଫ୍‌ର ଦୁଇଟି ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଏହି ଘଟଣା ପାଇଁ ସ୍ଥାନୀୟ ଲୋକେ ବିଲ୍ଡର ଓ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି। ଭିଭିଏମ୍‌ସି ପୁଲିସ ସମ୍ପୃକ୍ତ ବିଲ୍ଡରଙ୍କୁ ଗିରଫ କରି ପଚରାଉଚରା କରୁଛି। ଗତ ୩୬ ଘଣ୍ଟା ଧରି ଉଦ୍ଧାରକାର୍ଯ୍ୟ ଜାରି ରହିଥିବା ବେଳେ ଆଉ କେତେ ଘଣ୍ଟା ପରେ ଏହା ଶେଷ ହେବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି।

୨୦୧୨ରେ ଏହି ନିର୍ମିତ ଏହି କୋଠାରେ ୫୦ଟି ଫ୍ଲାଟ ରହିଥିଲା। କିନ୍ତୁ କୋଠାରେ ଯେଉଁ ଅଂଶ ଭୁଶୁଡ଼ିଛି ସେଥିରେ ୧୨ଟି ଫ୍ଲାଟ୍ ଥିଲା। କୋଠାର ଆଖାପାଖ ଅଞ୍ଚଳକୁ ଖାଲି କରିଦିଆଯାଇଛି ଓ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଏବେ ଦୁଇଜଣ ନିଖୋଜ ଅଛନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି। ପ୍ରଭାବିତ ପରିବାରଗୁଡ଼ିକୁ ଏବେ ଚନ୍ଦନସର ସମାଜମନ୍ଦିରରେ ଅସ୍ଥାୟୀରୂପେ ଥଇଥାନ କରାଯାଇଛି। ଏହି ପରିବାରଗୁଡ଼ିକୁ ଖାଇବା, ପିଇବା, ଚିକିତ୍ସା ସହାୟତା ସହ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପ୍ରଦାନ କରାଯାଉଛି।

### ଜେଡିୟୁ ପୁଣି...

କୁ ୨୦ଟି ଆସନ ଦିଆଯାଇଛି। ଗତ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ସ୍ୱାଧୀନ ଭାବେ ଲଢ଼ିଥିବାରୁ ଅତିକମରେ ୩୦ଟି ଆସନର କ୍ଷତି ସହିଥିଲା ଏନ୍‌ଡିଏ। ସେହି ନିର୍ବାଚନରେ ତାଙ୍କ ପାର୍ଟି ଗୋଟିଏ ଆସନ ଜିତିଥିଲେ ମଧ୍ୟ ୩୦ଟିରେ ଏନଡିଏ ପ୍ରାର୍ଥୀଙ୍କ ପାଇଁ ପରାଜୟର କାରଣ ହୋଇଥିଲା। ଏହାବାଦ୍ ଜିତେନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ଓ ଉପେନ୍ଦ୍ର କୁଶୱାହଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲ୍‌ଏମ୍)କୁ ୧୦ଟି ଲେଖାଏଁ ଆସନ ଦିଆଯାଇଛି। କିନ୍ତୁ ଏନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା ହୋଇନାହିଁ। ଖୁବଶୀଘ୍ର ଏନ୍‌ଡିଏ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସ୍ପଷ୍ଟ କରିବ ବୋଲି ଆଶା କରାଯାଉଛି।

୨୦୨୦ ବିଧାନସଭା ନିର୍ବାଚନରେ ଜେଡ଼ିୟୁ ୧୧୫ଟି ଆସନରେ ନିର୍ବାଚନ ଲଢ଼ି ୪୩ଟି ସ୍ଥାନରେ ବିଜୟୀ ହୋଇଥିଲା। ମାତ୍ର ମେଣ୍ଟର ଅନ୍ୟତମ ଅଂଶୀଦାର ବିଜେପି ୧୧୦ଟି ଆସନରେ ନିର୍ବାଚନ ଲଢ଼ିଥିଲଶ ଓ ୭୪ଟି ଆସନରେ ବିଜୟୀ ହୋଇଥିଲା। ହାମ୍ ୭ଟିରେ ଲଢ଼ି ୪ଟି ଓ ଭିଆଇପି ୧୧ଟି ସ୍ଥାନରେ ଲଢ଼ି ୪ଟି ଆସନ ପାଇଥିଲା। ସେତେବେଳେ ଚିରାଗ ପାସ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ମେଣ୍ଟରେ ଅଂଶୀଦାର ନ ଥିଲା ଓ ୧୩୫ଟି ଆସନରେ ଏକାକୀ ନିର୍ବାଚନ ଲଢ଼ି ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିଲା।

### ୫.୮%କୁ ଖସିବ...

ତେବେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ସଂସ୍କାର ଅଣାଗଲେ କିଛି ପରିମାଣରେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ। ବର୍ତ୍ତମାନ ଆମେରିକା ସେମିକଣ୍ଡକ୍ଟର, ଇଲେକ୍‌ଟ୍ରୋନିକ୍ସ, ଔଷଧ, କାଠ, ଶକ୍ତି କ୍ଷେତ୍ରରେ ବର୍ତ୍ତମାନ ପାଇଁ କୌଣସି ଶୁଳ୍କ ଲାଗୁ କରିନାହିଁ। ମାତ୍ର ଅନ୍ୟ କ୍ଷେତ୍ର ଏହାଦ୍ୱାରା ପ୍ରଭାବିତ ହେବ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ଏହାଦ୍ୱାରା କ୍ଷତିଗ୍ରସ୍ତ ହେବ।

ଅନ୍ୟପକ୍ଷରେ ଭାରତ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିବା କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୈଦେଶିକ ବିଭାଗର ଏହି ଅଧିକାରୀଙ୍କ ସୂଚନା ଅନୁସାରେ ଟାରିଫ୍ ଆହ୍ୱାନ ସମ୍ପର୍କରେ ଉଭୟ ଦେଶ ସମାଧାନ ଖୋଜିବା ଆରମ୍ଭ କରିଛନ୍ତି। ଉଭୟ ପକ୍ଷରୁ ଯୋଗାଯୋଗ ପଥ ଖୋଲା ରହିଛି। ଏହାର ଏକ ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ ଚାଲିଛି। ଏହା ଏକ ଦୀର୍ଘକାଳୀନ ସମ୍ପର୍କରେ ଏକ ଅସ୍ଥାୟୀ ପର୍ଯ୍ୟାୟ। ଆଲୋଚନାର ବିକଳ୍ପ ଖୋଲା ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ସଭାପତି ଏସ.ସି. ରାଲହାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ପରିସ୍ଥିତି ଓ ଆହ୍ୱାନ ସମ୍ପର୍କରେ ଅବଗତ କରିଛନ୍ତି। ଅର୍ଥମନ୍ତ୍ରୀ ସେମାନଙ୍କ ସହ ସରକାର ଦୃଢ଼ ଭାବରେ ଠିଆ ହେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଏହା ସହ ଏହି ଶୁଳ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେଉଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ସେପ୍ଟେମ୍ବରରେ ଦିଲ୍ଲୀରେ...

ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ସହମତିକୁ ବୈଠକରେ ସ୍ୱାଗତ କରାଯାଇଛି। ମାତ୍ର ଆପୋସ ଆଲୋଚନାକୁ ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଦୁଇ ସରକାରଙ୍କ ଭିତରେ ଆପୋସ ସମାଧାନକୁ ସୀମିତ ନ ରଖି ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଦୁଇ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ମହାନଦୀ ଏବେ ସଙ୍କଟରେ ଏବଂ ଏହି ସଙ୍କଟରୁ ମୁକ୍ତି ପାଇଁ ଲୋକଙ୍କୁ ନଦୀ ସହିତ ଯୋଡିବା ଆବଶ୍ୟକ ବୋଲି ବିଚାର କରି ଆସନ୍ତା ନୂଆ ବର୍ଷରେ ମହାନଦୀ ମହୋତ୍ସବ ଆୟୋଜନ କରିବାର ନିଷ୍ପତ୍ତି ହୋଇଛି। ଏଥିରେ ଦୁଇ ରାଜ୍ୟର ସଂସ୍କୃତି, ସାହିତ୍ୟ, ଅର୍ଥନୀତି ଓ ସାମାଜିକ ଜୀବନ ସମ୍ପର୍କରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏଥିପାଇଁ ସେପ୍ଟେମ୍ବର ମାସରେ ମହାନଦୀ ଚେତନା ଯାତ୍ରା ମଧ୍ୟ ଆୟୋଜିତ ହେବ। ମହାନଦୀ ଜଳ ବିବାଦର ଆପୋସ ସମାଧାନ ସମ୍ପର୍କରେ ଦିଲ୍ଲୀଠାରେ ମହାନଦୀ ସଂସଦ ଅନୁଷ୍ଠିତ ହେବ। ସେପ୍ଟେମ୍ବର ଶେଷ ସପ୍ତାହରେ ଏଥିରେ ଓଡ଼ିଶା, ଛତିଶଗଡ଼ ସମେତ ଦେଶର ନଦୀ ବିଶେଷଜ୍ଞମାନେ ଯୋଗ ଦେବେ। କେନ୍ଦ୍ର ତଥା ଦୁଇ ରାଜ୍ୟ ସରକାରଙ୍କ ପ୍ରତିନିଧିମାନଙ୍କୁ ମଧ୍ୟ ଏହି ସଂସଦକୁ ଆମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଆଜିର ବୈଠକକୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ନଦୀ ଘାଟି ମୋର୍ଚ୍ଚାର ଆବାହକ ଗୌତମ ବନ୍ଦୋପାଧ୍ୟାୟ, ରାଷ୍ଟ୍ରୀୟ ଜଳ ବିରାଦରିର ନିର୍ଦ୍ଦେଶକ ଡଃ ସଞ୍ଜୟ ସିଂହ ଆୟୋଜନ କରିଥିଲେ। ଓଡ଼ିଶାରୁ ଏଥିରେ ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ଅର୍ଜୁନ ସାମନ୍ତରାୟ, ଅଶୋକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ଛତିଶଗଡ଼ର ବିଭିନ୍ନ ନଦୀ ଅବବାହିକାରୁ ଅନେକ ସାମାଜିକ କର୍ମୀ, ଲୋକ ପ୍ରତିନିଧି, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ ଗଣମାଧ୍ୟମକୁ କହିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Sukinda. no 1497 dated 19/05/2025 declare that My name and D.O.B is wrongly printed in Aadhar card as Mili lenka (30.03.2001) in place of Lili lenka (28.04.1995). Hence forth I shall be known as Lili lenka and My correct D.O.B is 28.04.1995 for all purposes.

Sd/-Lili lenka

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No- 37, dated 27-02-2025 I, **RUBI PARIDA**, W/o Chiranjeeb Parida permanent resident of Plot No: 248/A, Lane-3, Aerodrome Area, PO- Aerodrome Area, PS- Airport, Bhubaneswar, DIST- Khurda, State- Odisha, PIN- 751020, declare that I have changed my name from **RUBI MANDAL** (Old name) to **RUBI PARIDA** (New name), Henceforth, I shall be known as **RUBI PARIDA** for all purposes.

Sd-( **RUBI PARIDA** )

**AFFIDAVIT**

I, Vijoy Kedia, S/o-Janki Prasad Kedia, resident of At - Kali Tower, H B Road, Lalpur, PS -Lalpur Thana, Ranchi, Pin -834001, Dist-Ranchi, Jharkhand, declare by this affidavit No -480,dated- 30.06.2025,that now onwards I shall be known as **VIJAY KUMAR KEDIA** for all future purposes.

**AFFIDAVIT**

I, Amrita Mohanty, W/o- Amit Kumar Mohanty, resident of vill - Tunga, PO / PS - Aul, Dist - Kendrapara, Pin - 754219, Odisha,declare by this affidavit No -1363, dated- 14.08.2025, that now onwards I shall be known as **BARNAPRIYA BEHERA** for all future purposes.

**AFFIDAVIT**

An affidavit before the Executive Magistrate, Chillika, Dist- Khordha, Odisha that Swarnamayee Behera, W/o- Jitendra Behera and Suhagini Behera, D/o- Gunduchi Behera. That both the names are related to one and same person for all purposes.

**AFFIDAVIT**

By Virtue of an affidavit sworn before Mr. D. Gopal Reddy (ORS) Executive Magistrate, Khordha on Dt.- 26.08.2025, I Purna Chandra Sahoo, S/o- Late Kangali Sahoo, At/Po.- Dingar, Ps.- Begunia, Dist.- Khordha, as per my Aadhar No.-3795 4674 6525 with above noted address but in my LIC policy No.- 585558703 my name recorded as Bhajamana Sahoo. So, I declared Purna Chandra Sahoo and Bhajamana Sahoo is one and same person by virtue of an affidavit. Henceforth I shall be known as **Purna Chandra Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Sukinda. no 1498 dated 19/05/2025 declare that My name and D.O.B is wrongly printed in Aadhar card as Lili lenka (12.09.1996) in place of Mili lenka (11.05.2001) .Hence forth I shall be known as Mili Lenka and My correct D.O.B is 11.05.2001 for all purposes.

Sd/-Mili Lenka

**AFFIDAVIT**

**By virtue of an affidavit before Executive Magistrate Balasore I Shaikh Azad Alli S/o Sk Maphijuddin, At-khaparapada P/s Sahadevkhunta Dist- Balasore pin-756001 Odisha declared by this affidavit No-8395 dt22/07/2025 now onwards I shall be known as Shaikh Azad Alli instead of Shaikh Ajad Alli.**

**AFFIDAVIT**

By virtue of an affidavit before Executive Magistrate, Khordha | Satyabhama Baliarsingh (63) yrs. W/o- Rankanath Baliarsingh At-Indipur, Po.-Siko, Ps.-Jankia, Dist.- Khordha, wrongly my name as **Satya Bhawa** in my husband's pension book, PPO No. 212199700071 vide Pension Book No. 1021958. Henceforth I shall be known as **Satyabhama Baliarsingh** for all purposes.

**WALK-IN-INTERVIEW**

Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.

Interview timings: **Dt. 31.08.2025 (Sunday) between 10:00 AM to 01:00 PM.**

Candidates are advised to contact the day prior and carry their Resume before coming for Interview.

**Contact: Odisha Detailing Empire, Near Twin City Gate No.1, Trisulia-Baranga Road, Baranga, Cuttack.**

**Mobile No: +91 83288 51843**

**TPWODL**

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/IA/O/SITC/2500001051**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**SITC for construction of 33KV double circuit Joda-Tensa Transmission lines and Underground cable system.**

Interested bidders are to submit Tender Participation Fee and Authorization Letter through email on or before **08th September 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. **CAO-C-RSP-BBS-20-2025, ତା.08.08.2025ରିଖ**

**କାର୍ଯ୍ୟର ନାମ :** "ମୁଖ୍ୟ ପ୍ରଶାସନିକ ଅଧିକାରୀ, ନିର୍ମାଣ, ସଡ଼କ ସୁରକ୍ଷା ପ୍ରକଳ୍ପ (RSP), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ପରିସୀମାରେ ROBs (ରୋଡ଼ ଓଭର ବ୍ରିଜ୍) / FOBs (ଫୁଟ୍ ଓଭର ବ୍ରିଜ୍)/ LHS (ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ)ର ବିଭିନ୍ନ ନିର୍ମାଣ ସ୍ଥଳ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟର ନିର୍ମାଣ" ନିମନ୍ତେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ (PSS) ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 52.89 କୋଟି, **EMD :** ₹ 27,94,700/-, **କାର୍ଯ୍ୟ ଶେଷ ହେବା ଅବଧି:** 48 (ଅଠଚାଳିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇ-ଟେଣ୍ଡର ନଥିପତ୍ରରେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) / RSP / ଭୁବନେଶ୍ୱର

PR-87/CI/25-26

### ରୋହିତ ଥାପାଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବି

# ରାୟଗଡ଼ାରେ ଉତ୍ତେଜନା, ଏନ୍‌ଏଚ୍ ଅବରୋଧ



ରାୟଗଡ଼ା,୨୮।୮ (ସମିସ): ରାୟଗଡ଼ ସହରରେ ଗତକାଲି ରୋହିତ ଥାପ୍ପା (୨୬) ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଆଜି ମୃତକଙ୍କ ପରିବାର ଓ ସାହିବାସିନ୍ଦା ସ୍ଥାନୀୟ ତହସିଲଦାର କାର୍ଯ୍ୟାଳୟ ନିକଟସ୍ଥ ଓଭରବ୍ରିଜ ନିକଟରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତା ଅବରୋଧ ବେଳେ ହତ୍ୟାକାରୀଙ୍କୁ ଗିରଫ କରାଯାଇଥିବା ନେଇ ପୁଲିସ କହିବା ପରେ ଲୋକେ ଆନ୍ଦୋଳନରୁ ହଟିଥିଲେ। ଗତକାଲି ରାୟଗଡା ସହରରେ ଘଟିଥିବା ଏହି ବିଭତ୍ସ ହତ୍ୟାକାଣ୍ଡକୁ ନେଇ ସହରରେ ଅଶାନ୍ତକର ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ଆଜି ସକାଳେ ଶତାଧିକ ଲୋକ ରାୟଗଡା ଟାଉନ୍ ଥାନା ଘେରାଉ କରିଥିଲେ। ରାସ୍ତା ଅବରୋଧ ହେବା ଫଳରେ ରାୟଗଡା ସହରରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାନବାହନ ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡି ଠିଆ ହୋଇ ରହିବା ଫଳରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା । ପ୍ରକାଶ ଥାଉ କି, ଗତକାଲି ଅପରାହ୍ନରେ ସହରର ରିଙ୍ଗ ରୋଡ଼ ସ୍ଥିତ ଅଗ୍ନିଶମ ବିଭାଗ ପଛପଟ ପଡିଆରେ ଖେଳୁଥିବା ବେଳେ ହରିଜନ ବସ୍ତିର ୨୬ ବର୍ଷୀୟ ଯୁବକ ରୋହିତ ଥାପ୍ପାଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏନେଇ ରାୟଗଡା ଟାଉନ୍ ଥାନାରେ ପରିବାର ପକ୍ଷରୁ ଏତଲା ଦେବା ପରେ ପୁଲିସ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟ ହତ୍ୟାକାରୀ ଧରା ପଡିନଥିବା ବେଳେ ହତ୍ୟାକାରୀଙ୍କୁ ଧରିବା ପାଇଁ ପରିବାର ଲୋକେ ଅଡି ବସିଛନ୍ତି। ଅନ୍ୟପଟେ ହତ୍ୟାକାରୀଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ରାୟଗଡା ଏସ୍‌ଡିପିଓ ଗୌରହରୀ ସାହୁ ସୂଚନା ଦେଇଛନ୍ତି। ଘଟଣାରେ ୬ଜଣଙ୍କୁ ଅଟକ ରଖାଯାଇଛି ବୋଲି ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର ପ୍ରକାଶ କରିଛନ୍ତି।

**ହତ୍ୟା ଘଟଣାରେ ୬ ଅଟକ: ଅତିରିକ୍ତ ଏସ୍‌ପି**

# ରାଷ୍ଟ୍ରୀୟ ପରିବେଶ ଦିବସ ପାଳିତ



ରାୟଗଡ଼,୨୮।୮ (ସମିସ) : ଭାରତୀୟ ମଜଦୁର ସଂଘ (ବିଏମଏସ) ର ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ପ୍ରତ୍ୟେକ ବର୍ଷ ଅଗଷ୍ଟ ମାସ ୨୮ ତାରିଖ ଦିନ ଅମୃତା ଦେବୀ ବଳିଦାନ ଦିବସକୁ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ରାୟଗଡ଼ା ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଚାରାରୋପଣ କରା ଯାଇଥିଲା। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ଅମଲାଭଟା ଛକ ସ୍ଥିତ ଶ୍ରୀକ୍ଷେତ୍ର ଟାଉନସିପ୍ ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସର ସହ ନିକଟ ଶ୍ମଶାନ ଚାରି ପାର୍ଶ୍ୱରେ ଜିଲ୍ଲା ବିଏମଏସର ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ପ୍ରାୟ ୨୫୦ରୁ ଅଧିକ ଔଷଧୀୟ ଏବଂ ଫଳ ଗଛର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସକ୍ଷମ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂରକ୍ଷକ ଡକ୍ଟର ବାଦଲ କୁମାର ତା , ସମାଜସେବୀ ତଥା ଓଡ଼ିଶା ଆଦିବାସୀ ମଞ୍ଚର ରାଜ୍ୟ ଆବାହିକା ଶ୍ରୀମତୀ ବିଦ୍ୟୁଲତା ହୁଇକା , ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାୟଗଡ଼ା ନଗର କାର୍ଯ୍ୟବାହ ବିଦ୍ୟାଭୂଷଣ ପଣ୍ଡା , କୋଲନରା ଖଣ୍ଡ କାର୍ଯ୍ୟବାହ ରାଧାମୋହନ ଦୋରା, ଜିଲ୍ଲା ପର୍ଯ୍ୟାବରଣ ସଂଯୋଜକ ମନୋଜ ଗଡଡ଼ ଏବଂ ମୁଖ୍ୟବକ୍ତା ଭାବେ ଭାରତୀୟ ମଜୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଯୋଗଦେଇ ଚାରା ରୋପଣ କରିଥିଲେ। ଭାରତୀୟ ମଜଦୁର ସଂଘର କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, ଜିଲ୍ଲା ସଂପାଦକ ଗଣେଶ କୁମାର ସାହୁ ଏବଂ ପର୍ଯ୍ୟାବରଣ ମଞ୍ଚର ଜିଲ୍ଲା ସଂଯୋଜକ ଦୁର୍ଗା ମାଧବ ଘୋଷଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଘର ମୋହନ ରାଓ ମାଝି, ଅରୁଣ ଲେଙ୍କା, ଶ୍ରୀମତୀ ଉଷାରାଣୀ ଦାଶ, ଶ୍ରୀମତୀ ନେହା ସିଂ, ସୁନ୍ଦର ରାଓ କାଡରାକା, କେ ରାମବାବୁ, ଆନନ୍ଦ ରାଉଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ବନ ବିଭାଗର ବନ୍ୟାଳ ପ୍ରସାଦ ବେହେରା ସହ ବନରକ୍ଷୀ ମାନଙ୍କ ସହ ଭାରତୀୟ ମଜଦୁର ସଂଘର ପର୍ଯ୍ୟାବରଣ ମଞ୍ଚ , ବିଶ୍ୱକର୍ମା ମଜଦୁର ସଂଘ, ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର୍ସ ଆସୋସିଏସନ୍ , ବ୍ୟବସାୟ ମଜଦୁର ସଂଘ , ଆଶା କର୍ମୀ ସଂଘ , ସଫେଇ ମଜଦୁର ସଂଘ, ଜେକେ ପେପର ମଜଦୂର ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ



ବିଷମ କଟକ,୨୮।୮ (ସମିସ): ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଗୁରୁବାର ଦିନ ବିଷମ କଟକ ଦୋଳ ମଣ୍ଡପ ପରିସରରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା ଆସନ୍ତା ଅକ୍ଟୋବର ମାସ ୬ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ବେଳେ ଆଜି ଏହାର ଶୁଭ ମୁହୂର୍ତ୍ତରେ ପୂଜକ ରାମଚନ୍ଦ୍ର ରଥ, କେଶବ ରଥ, ସପନ ରଥଙ୍କ ପୌରହିତ୍ୟରେ ପୂଜାର୍ଚ୍ଚନା କରି ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଆଜି ଦିନଠାରୁ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏ ଅବସରରେ ପୂଜା କମିଟିର ସମସ୍ତ ସଦସ୍ୟ ତଥା ଅରବିନ୍ଦ ମହାରଣା, ରାଜ କିଶୋର ସାହୁ, ଶରତ ଆଚାର୍ଯ୍ୟ, ଅଶୋକ ତ୍ରିପାଠୀ, ଆଲୋକ ରଞ୍ଜନ ଝୁଟିଆ, ଯୁଗୋଳ ଭିମସିଂ ଉପସ୍ଥିତ ଥିଲେ। ପୂଜା ଶୁଭାରମ୍ଭ ଅବସରରେ ବିଷମ କଟକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜା ୬ ଦିନ ଆୟୋଜିତ ହେବ। ଚଳିତ ବର୍ଷ ମାଁଙ୍କ ମୃଣ୍ମୟ ପ୍ରତିମା କିପରି ଭକ୍ତଙ୍କୁ ଆକର୍ଷିତ କରିବ, ତା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସାଙ୍ଗକୁ ସୁନ୍ଦର ତୋରଣ ଏବଂ ଆଲୋକ ମାଳାରେ ପୂଜା ପେଣ୍ଡଲକୁ ସୁସଜ୍ଜିତ କରାଯିବାର ବ୍ୟବସ୍ଥା କରାଯାଇଛି।

## ସିଦ୍ଧିବିନାୟକ ମନ୍ଦିରରେ ପୂଜାନୀତି ସମ୍ପନ୍ନ

ନବରଙ୍ଗପୁର,୨୮।୮ (ସମିସ): ନବରଙ୍ଗପୁର ରାଜୁସାହି ସ୍ଥିତ ସିଦ୍ଧି ବିନାୟକ ମନ୍ଦିର ଠାରେ ଚଳିତ ବର୍ଷ ଗଣେଶ ଚତୁର୍ଥୀର ପଞ୍ଚ ଦିନାତ୍ମକ ପୂଜା ହୋମ ନୀତି ବହୁ ଆଡମ୍ବରରେ ଆରମ୍ଭ ହୋଇଛି। ଶତାଧିକ ଭକ୍ତଙ୍କ ଗହଣରେ ଆରମ୍ଭ ହୋଇଛି ଗଣେଷ ଚତୁର୍ଥୀ ପୂଜାର ସମସ୍ତ ନୀତିକାନ୍ତି ଏବଂ ହୋମ ଯଜ୍ଞ। ଚଳିତ ଥର ପୂର୍ବ ବର୍ଷ ଭଳି ୫ଦିନ ଧରି ପୂଜା ନୀତିକାନ୍ତି ସହିତ ଘୃତ ଯଜ୍ଞ ଚାଲିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ଆସୁଥିବା ସମସ୍ତ ଭକ୍ତଙ୍କୁ ବୁନ୍ଦିଲଡୁ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ରବିବାର ଦିନ ମହାଯଜ୍ଞର ପୂର୍ଣ୍ଣାହୁତି ହେବ। ପୂର୍ଣ୍ଣାହୁତି ଦିନ ଅନ୍ନ ପ୍ରାସାଦର ବ୍ୟବସ୍ଥା କରାଯାଇଛି। ସିଦ୍ଧି ବିନାୟକଙ୍କ ପାଞ୍ଚ ଦିନାତ୍ମକ ପୂଜା, ହୋ. ମନ୍ଦିର କମିଟି ସଭାପତି ସମ୍ଭୁ ସାହୁ, ସମ୍ପାଦକ ଶାନ୍ତନୁ କୁମାର ପାତ୍ର, ଅନନ୍ତ ପଣ୍ଡା, ସିଲୁ ମିଶ୍ର, ବିକ୍ରମ ପରିଛା,ବି ଶ୍ରୀରାମ, ବିପ୍ରସାଦ , ଝାଡେଶ୍ୱର ସାହୁ , ଗୌରୀଶଙ୍କର ସାହୁ, ତ୍ରିପାଠି ନାୟକ, ବିଷ୍ଣୁ ସୁବୁଦ୍ଧି, ଇ.ସରଣ, ପିଣ୍ଟୁ ଲେଙ୍କାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏବଂ ସଭ୍ୟ ଉପସ୍ଥିତ ରହି ସମସ୍ତଙ୍କ ସହଯୋଗରେ ୫ ଦିନର ପୂଜା ହୋମଯଜ୍ଞ ଏବଂ ଅନ୍ନପ୍ରସାଦ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିବା କମିଟି ପକ୍ଷରୁ ସୂଚନା ମିଳିଛି।

## ଚନ୍ଦ୍ରପୁର ବ୍ଲକରେ ବିକାଶ ପରିଷଦ ଗଠିତ



ଚନ୍ଦ୍ରପୁର, ୨୮।୮ (ସମିସ): ସ୍ଥାନୀୟ ବୀର ଝାଲିଆଗୁଡ଼ି ମଣ୍ଡପରେ ଚନ୍ଦ୍ରପୁର ବ୍ଲକ ବିକାଶ ପରିଷଦର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରିକିମା ଗ୍ରାମ ପଞ୍ଚାୟତ ସରପଞ୍ଚ ଫକୀର ମୋହନ ଗୁମିଟାଙ୍ଗା ସଭା ସଞ୍ଚାଳନ ଓ ସଂଯୋଜନା କରିଥିଲେ। ଚିର ଅବହେଳିତ ଓଡ଼ିଶାର ଅନଗ୍ରସର ଓ ଅନୁନ୍ନତ ବ୍ଲକ ଚନ୍ଦ୍ରପୁର ବିକାଶ ପାଇଁ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ବିଚାର ବିମର୍ଷ କରି ଚନ୍ଦ୍ରପୁରର ସର୍ବାଙ୍ଗୀନ ଉନ୍ନତି କରିବାକୁ ନିଷ୍ପତ୍ତି ହୋଇଛି। ବିକାଶ ପରିଷଦର ସଭାପତି ରୂପେ ଫକୀରମୋହନ ଗୁମିଟାଙ୍ଗା ଉପସଭାପତି ମୃତ୍ୟୁଞ୍ଜୟ ଦଣ୍ଡସେନା , ସୁନାମଣୀ ପଟିଙ୍ଗା, ସାଧାରଣ ସମ୍ପାଦକ ସହଦେବ କୁସୁଲିଆ ସମ୍ପାଦକ ମୋନଜ କୁମାର ଲିମା, କୋଷାଧ୍ୟକ୍ଷ ଜଗନ୍ନାଥ ପାତ୍ର, ଉପଦେଷ୍ଟା ଦୟାନିଧୀ ପାତ୍ର, ଦେବହରି ଭାଟ, ମାଣ୍ଡୁମାଝି ଜାଗେରଙ୍ଗାକୁ ଦାୟିତ୍ୱ ଦିଆଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀଗଣେଶ ପୂଜା

ରାୟଗଡ଼ା,୨୮।୮ (ସମିସ ): ବୁଧବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର ଠାରେ ଶ୍ରୀଗଣେଶ ପୂଜା ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି।



ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ହୋଇ ସମସ୍ତ ପୂଜାବିଧି ଶେଷ କରିଥିଲେ।ପୂଜା ସହିତ ବିଦ୍ୟାଳୟର ପତ୍ରିକା 'ତ୍ରିଶକ୍ତି'ମଧ୍ୟ ଉନ୍ମୋଚନ ହୋଇଥିଲା। ଏହି ଶୁଭ କାର୍ଯ୍ୟ ଇପିଏଫ ଜିଲ୍ଲା ନୋଡାଲ ଅଫିସର ଆନନ୍ଦ କୁମାର ସେଠୀଙ୍କ ଦ୍ୱାରା କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ଉପ ସଭାପତି, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ଅନେକ ନିମନ୍ତ୍ରିତ ଅତିଥି ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସନ୍ଧ୍ୟା ବନ୍ଦନାରେ ଗୁରୁଜୀ ଗୁରୁମା, ଅଭିଭାବକ ଓ ଶିଶୁମାନଙ୍କ ଭଜନ ଦ୍ୱାରା ପରିବେଶ ଆନନ୍ଦ ଓ ଭକ୍ତି ମୁଖରିତ ହୋଇ ଉଠିଥିଲା। ସମସ୍ତ ଗୁରୁଜୀ ଗୁରୁମା, ଶିଶୁ ଓ ସେବିକା ମାନଙ୍କ ସହଯୋଗରେ ପୂଜା କାର୍ଯ୍ୟ ନିର୍ବିଘ୍ନରେ ସମ୍ପାଦନ ହୋଇଥିଲା।

## ବୁଲେଟ୍‌କୁ ଧକ୍କା ଦେଲା ହାଇୱା ; ଜଣେ ମୃତ

ରାୟଗଡ,୨୮।୮ (ସମିସ) : ୩୨୬ ନମ୍ବର ଜାତୀୟ ରାଜପଥରେ ଆଜି ଏକ ମେଟାଲ୍ ବୋଝେଇ ହାଇୱା ଗାଡ଼ି ସହ ଏକ ବୁଲେଟ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ବୁଲେଟ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହ ବସିଥିବା ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତ ବାଇକ୍ ଆରୋହୀ ଜଣକ ହେଲେ ରାୟଗଡା ଜିଲ୍ଲା ଟିକିରି ଅଞ୍ଚଳର ବିଶ୍ୱାଳ ତାଣ୍ଡି। ଦୁର୍ଘଟଣା ରାୟଗଡ଼ା ଥାନା ଅନ୍ତର୍ଗତ ୩୨୬ ନଂ ଜାତୀୟ ରାଜପଥ ରାୟଗଡ଼-କୋରାପୁଟ ମୁଖ୍ୟ ରାସ୍ତାର ଜପାଖାଲ ନିକଟରେ ଘଟିଛି। ଆଜି ମଧ୍ୟାହ୍ନ ସମୟରେ ବିଶ୍ୱାଳ ତାଣ୍ଡି ଓ ତାଙ୍କ ସମ୍ପର୍କୀୟ ଅକ୍ଷୟ ସିମିଳି ରାୟଗଡାରୁ ଟିକିରି ଅଭିମୁଖେ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ହାଇୱା ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅକ୍ଷୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଅକ୍ଷୟଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଏ ନେଇ ରାୟଗଡ ଟାଉନ୍ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ସହ ତଦନ୍ତ ଆରମ୍ଭ କରିଛି।

## ଦୁର୍ଗା ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ବିଷମକଟକ,୨୮।୮ (ସମିସ): ଚଳିତ ବର୍ଷ ଦୁର୍ଗା ପୂଜା ନିମନ୍ତେ ଗୁରୁବାର ଦିନ ବିଷମ କଟକ ଆଇଓବି ବ୍ୟାଙ୍କ ପଛ ପଡ଼ିଆରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ଅକ୍ଟୋବର ମାସ ୧ ତାରିଖରୁ ପୂଜା ଆରମ୍ଭ ହେବାକୁ ଥିବା ବେଳେ ଆଜି ଏହାର ଶୁଭ ମୁହୂର୍ତ୍ତରେ ପୂଜକ ରାମଚନ୍ଦ୍ର ରଥ, କେଶବ ରଥଙ୍କ ପୌରହିତ୍ୟରେ ପୂଜାର୍ଚ୍ଚନା କରି ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଆଜ ଦିନ ଠାରୁ ଦୁର୍ଗା ପୂଜା ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏହି ଅବସରରେ ପୂଜା କମିଟିର ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ବିଭୁତି ଭୂଷଣ ନାୟକ, କୋଷାଧ୍ୟକ୍ଷ ହରିହର ପଟ୍ଟନାୟକ, ଅନିଲ କୁମାର ଦାଶ,ଏମ୍ ଦିଲିପ କୁମାର, ସନ୍ତୋଷ କୁମାର ବିଶୋୟୀ, ସନ୍ତୋଷ ସେଠୀ ଉପସ୍ଥିତ ଥିଲେ। ପୂଜା ଶୁଭାରମ୍ଭ ଅବସରରେ ବିଷମ କଟକର ବହୁ ଲୋକ ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜା ୧୧୦ ଦିନ ଆୟୋଜିତ ହେବ।

# ମା' କାଳୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ



ଗୁଣପୁର, ୨୮।୮ (ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଗୁଣପୁର କୋର୍ଟ ଛକରେ ମା' କାଳୀ ପୂଜା ପାଇଁ ଗୁରୁବାର ଦିନ ଶୁଭ ଖୁଣ୍ଟି ସ୍ଥାପନ ହୋଇଯାଇଛି। ଏହା ସହ ଆଗାମୀ ଦିନରେ ହେବାକୁ ଥିବା କାଳୀପୂଜା ପାଇଁ ନୂତନ କମିଟି ଓ ସବ୍ କମିଟି ଗଠନ କରାଯାଇଛି। ପୂର୍ବାହ୍ନରେ ମଣ୍ଡ ରେ ପୂଜା ପାଠ କରା ଯାଇ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ପୂଜାରେ କର୍ତ୍ତା ଭାବରେ ନୂତନ ସମ୍ପାଦକ ନରସିଂହ ଶତପଥୀ ଦାୟିତ୍ୱରେ ରହୁଥିବା ବେଳେ ପୁରୋହିତ ଭାବେ ଗଞ୍ଜାମର ବରିଷ୍ଠ ପୁରୋହିତ ପ୍ରକାଶ ଚନ୍ଦ୍ର ଦାସ ଉପସ୍ଥିତ ରହି ଏହି ପୂଜା କରିଥିଲେ। ରମେଶ ମିଶ୍ର ଏହାର ସହଯୋଗ କରିଥିଲେ। ଚଳିତ ବର୍ଷ ଏହା ୧୯ ବର୍ଷରେ ପଦାର୍ପଣ କରୁଥିବାରୁ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ରାଧା କୃଷ୍ଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଭାବେ ବାଲାଜୀ ପାଣିଗ୍ରାହୀ, ଉପ ସଭାପତି ଜନାର୍ଦ୍ଦନ ମହାପାତ୍ର , ସାଧାରଣ ସମ୍ପାଦକ ନରସିଂହ ଶତପଥୀ, ଯୁଗ୍ମ ସମ୍ପାଦକ ଭାବେ ବିଷ୍ଣୁ ପାଢ଼ୀ , କୋଷାଧ୍ୟକ୍ଷ ଭାବେ ବିରଞ୍ଚି ପାଣିଗ୍ରାହୀ ଓ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଭାବରେ ସଂଗ୍ରାମ ସାହୁ, ଅନିରୁଦ୍ଧ ଚୌଧୁରୀ ଓ ଆଇନ ଉପଦେଷ୍ଟା ଭାବରେ ବିଷ୍ଣୁ ପାଢ଼ୀ ଓ ବିଶ୍ୱନାଥ ସାହୁ ମନୋନୀତ କରାଯାଇଥିବା ବେଳେ ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ବରିଷ୍ଠ ପ୍ରଫେସର ଗଣେଶ୍ୱର ଶତପଥୀ ,କୈଳାସ ଚନ୍ଦ୍ର ଦାସ ଓ ଗଜା ପାଳଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ପୂଜାର ସୁପରିଚାଳନା ପାଇଁ ଅର୍ଥ ଆଦାୟ କମିଟି, ପୂଜା ମଣ୍ଡପ ପରିଚାଳନା କମିଟି, ସାଂସ୍କୃତିକ କମିଟି, ପ୍ରସାଦ ସେବନ ପରିଚାଳନା କମିଟି, ଅପେରା କମିଟି ଭଳି ବିଭିନ୍ନ ସବ୍ କମିଟି ଗଠନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ବରିଷ୍ଠ ପ୍ରଫେସର ଗଣେଶ୍ୱର ଶତପଥୀ ଓ ପୁରୋହିତ ପ୍ରକାଶ ଚନ୍ଦ୍ର ଦାସ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତ ରଖିଥିଲେ। ଏହା ସହ ମା'କାଳୀ ପୂଜା ଆସନ୍ତା ଅକ୍ଟୋବର ୨୦ ତାରିଖରୁ ସାତ ଦିନ ଧରି ଧୁମ୍‌ଧାମରେ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକ ରେ କମିଟି ସଦସ୍ୟ ଗଣେଶ୍ୱର ଶତପଥୀ , ନରସିଂହ ଶତପଥୀ, ବିମଳ ମିଶ୍ର, ଟୁକୁରୁ ପାଣିଗ୍ରାହୀ, ଅଜିତ ପଣ୍ଡା, ମୁନା ପାଢ଼ୀ ବାବୁଲି ଖାଡ଼ାଙ୍ଗା ବିରଞ୍ଚି ପାଣିଗ୍ରାହୀ, ରୁଙ୍କୁ ଦାସ , ପ୍ରଦୀପ ପାଢ଼ୀ , ଜନାର୍ଦ୍ଦନ ମହାପାତ୍ର, ଶ୍ରୀନିବାସ ସାହୁ, ସୁନା ବେହେରା, ବିଜୟ କୁମାର ସୁମାମୁଦି, କାଳିଆ ରଥ, ଅଜିତ, ଅଶୋକ, ଲକ୍ଷ୍ମୀ ସହ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ବାଲି ଚୋରା ଚାଲାଣ; ଟିପର ଜବତ



ଗୁଡାରୀ,୨୮।୮ (ସମିସ): ବାରମ୍ବାର ଗୁମୁଡ଼ା ପୁଲିସ ଟିମ (ଗୁଡାରୀ ଥାନା) ବେଆଇନ ବାଲି ଚୋରା ଚାଲାଣକାରୀଙ୍କ ଉପରେ ଚଡ଼ଉ ଜାରି ରଖିଛନ୍ତି। ତଥାପି ବାଲି ମାଫିଆଙ୍କ ଉପରେ ଲଗାମ ଲାଗୁନି। ରବିବାର ଦିନ ଗୁମୁଡ଼ା ଏସ୍‌ଆଇ ଶ୍ରୀ ରାୟ ଦୁଇଟି ଟିପରକୁ ରାତ୍ର ୨ଟା ସମୟରେ କାବୁ କରିଥିବାବେଳେ ପୁଣି ବୁଧବାର ରାତ୍ର ୧୧ଟା ବେଳେ ଗୁମୁଡ଼ା ଗୁଡାରୀ ଛକ ଠାରେ ଓଡି ୧୮ ଏଚ.୧୯ ୯ ୯ ଟିପରକୁ ଗୁମୁଡ଼ା ପୁଲିସ ଟିମ୍ ଧରିଥିଲା। ଏହି ଚୋରାବାଲି ବିଷମ କଟକ, ମୁନିଗୁଡା ଅଭିମୁଖେ ବେଆଇନ ଚାଲାଣ ହେଉଥିବା ଜଣାପଡ଼ିଛି। ଗାଡି ନମ୍ବର ଓଡି ୧୮ ଏଚ ଥିବା ବେଳେ ଆଇଫଂରଏମଏସ ଆପ୍ଲିକେସନ ସ୍କେନର୍ ଚେକ୍ କଲେ 'ଏଚ୍' ବଦଳରେ 'ସି' ଦେଖାଦେଇଛି। ଏହାର ନଥିପତ୍ର ସମ୍ପୂର୍ଣ୍ଣ ନକଲି ବୋଲି ଜଣାଯାଇଛି। ଯଦି ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ୩ରୁ ୪ ଲକ୍ଷ ଟଙ୍କା ଜରିମାନ ଆଦାୟ କରାଯାଇପାରିବ ବୋଲି ଜଣାପଡିଛି। ରାଜ୍ୟ ସରକାର ବାଲି ଚୋରା ଚାଳନାକୁ ରୋକ ଲଗାଇବା ପାଇଁ ଡିଜିଟାଲ ମାଧ୍ୟମରେ ସମସ୍ତ କାଗଜପତ୍ର, ବିଭିନ୍ନ ସ୍କାର୍ଡ ଗଠନ କରିଥିଲେ ମଧ୍ୟ କାହାର ମାଷ୍ଟର ମାଇଣ୍ଡ, ଯିଏ ନକଲି କାଗଜ ପତ୍ର ତିଆରି କରି ବେଆଇନ ବାଲି ଚୋରା ଚାଳନା କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଡାରୀ ଥାନାଧିକାରୀ ଶ୍ରୀମତି ସମର୍ପିତା ସ୍ୱାଇଁ କହିଛନ୍ତି, ଯିଏ ବି ଏହି ବାଲି ଚୋରା ଚାଲାଣ ରେ ସମ୍ପୃକ୍ତ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପାଗଳା କୁକୁର କାମୁଡ଼ାରେ ୫ ଆହତ

ପଦ୍ମପୁର,୨୮।୮ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ନିକଟସ୍ଥ ଲଛମନଗୁଡା ଗ୍ରାମରେ ପାଗଳା କୁକୁର କାମୁଡ଼ାରେ ୫ଜଣ ଆହତ ହୋଇଛନ୍ତି। ତେବେ ଗ୍ରାମବାସୀ ସଂଘବଦ୍ଧ ଭାବେ କୁକୁରଟିକୁ ପିଟିପିଟି ମାରି ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଲଛମନଗୁଡା ଗ୍ରାମରେ ଆଜି ଅପରାହ୍ନ ୩ଟା ସମୟରେ ଏକ ପାଗଳା କୁକୁର ଲୋକମାନଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡିଥିଲା। କୁକୁରକୁ ଦେଖି ଲୋକମାନେ ଦୌଡୁଥିବା ବେଳେ ଲୋକଙ୍କ ଘର ଭିତରେ ପଶି କୁକୁର ଲୋକଙ୍କୁ କାମୁଡି ଥିଲା। ଆହତମାନେ ହେଲେ ରୀନା ବିଡିକା, ନରହରି ଶବର, ମାଧୁରୀ ଦାଶ, ମୋହନ ଦାଶ, ନକିଆ ଶବର। ତେବେ ମାଧୁରୀଦାଶ ଓ ନକିଆ ଶବରଙ୍କ ଘର ଭିତରେ ପଶି ପାଗଳା କୁକୁରଟି ହାତ ମୁଣ୍ଡକୁ କାମୁଡ଼ି ମାଂସ ବାହାର କରିଦେଇଛି। ସଙ୍ଗେ ସଙ୍ଗେ ଗ୍ରାମର ଲୋକେ ସମସ୍ତଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଚିନ୍ମୟ ସାମଲ ଚିକିତ୍ସା କରୁଛନ୍ତି।

## ରାୟଗଡ଼ାରେ ଝାରସୁଗୁଡା ଆଇନଜୀବୀଙ୍କ ପରଲୋକ



ରାୟଗଡ଼ା,୨୮।୮ (ସମିସ): ଝାରସୁଗୁଡାର ଆଇନଜୀବୀ ସୁଧାଂଶୁ ଶେଖର ମହାନ୍ତିଙ୍କର ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ସୂଚନା ମୁତାବକ ସ୍ୱର୍ଗତ ମହାନ୍ତି, ନିଜ ପରିବାର ସହ କୋରାପୁଟ ଅଭିମୁଖେ ବାହାରିଥିଲେ। କିନ୍ତୁ ସେ ରାୟଗଡ଼ାରେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ରାୟଗଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଳୟରେ ଭର୍ତି ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଚ୍ଚ ରକ୍ତଚାପ ଓ ମଧୁମେହ ଯୋଗୁଁ ସୁଧାଂଶୁ ଶେଖର ମହାନ୍ତିଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ସୁଧାଂଶୁ ଶେଖର ମହାନ୍ତିଙ୍କ ଦେହାନ୍ତ ଖବର ଜଣାପଡିବା ପରେ ରାୟଗଡ଼ା ଓକିଲ ସଂଘର ସମ୍ପାଦକ ମଙ୍ଗଳମୂର୍ତ୍ତି ବେଉରିଆ, ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ, ବିଜୟ ଉଲ୍ଲାକାଙ୍କ ସମେତ ଅନ୍ୟମାନେ ଡାକ୍ତରଖାନାରେ ଉପସ୍ଥିତ ରହି ଆମ୍ବୁଲାସ ଯୋଗେ ମୃତଶରୀରକୁ ଝାରସୁଗୁଡ଼ା ପଠାଇଥିବା ଜଣାପଡିଛି।

### ଉତ୍କଳ ଆଲୁମିନାର ସିଏସଆର କାର୍ଯ୍ୟକ୍ରମ


# ରାଉଳିଘାଟି ଗାଁରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ




କାଶୀପୁର , ୨୮।୮ (ସମିସ): ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସିଏସ୍‌ଆର ଜରିଆରେ ଗ୍ରାମାଞ୍ଚଳରେ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି ବିକାଶ ମୂଳକ କାର୍ଯ୍ୟ ଜାରି ରହିଛି। ଯଦ୍ୱାରା କାରଖାନା ପ୍ରଭାବିତ ଏବଂ ସ୍ଥାନୀୟ ଗ୍ରାମାଞ୍ଚଳରେ ସକାରାତ୍ମକ ପରିବର୍ତ୍ତନ ହୋଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ଆଲୁମିନା ସିଏସ୍‌ଆର ବିଭାଗ ତରଫରୁ ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକ କୋଡିପାରି ପଞ୍ଚାୟତ ଅନ୍ତର୍ଗତ ରାଉଳିଘାଟି ଗାଁରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଯଦ୍ୱାରା ଗ୍ରାମବାସୀଙ୍କ ଜୀବନଶୈଳୀରେ ସକାରାତ୍ମକ ଉନ୍ନତି ପରିଲିକ୍ଷିତ ହୋଇଛି। ଉକ୍ତ ଗାଁରେ ରାସ୍ତା ନଥିବାରୁ ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଛନ୍ତି। ଗାଁକୁ ରାସ୍ତା ନଥିବାରୁ ଲୋକେ ଦୈନିକ ଯାତାୟାତ ପାଇଁ ପାହାଡ଼ ଜଙ୍ଗଲ ଦେଇ ପାଦଚଲା ରାସ୍ତାରେ ଯାତାୟାତ କରୁଛନ୍ତି। ଁକୁ ରାସ୍ତା ସଂଯୋଗ ନଥିବାରୁ ଆମ୍ବୁଲାନ୍ସ ତଥା ଗ୍ରାମବାସୀ ଚିକିତ୍ସାଳୟକୁ ଯିବା ପାଇଁ ନାନା ଦୁର୍ଦ୍ଦଶା ଭୋଗୁଥିଲେ। ସେହିଭଳି ଗାଁର ଛାତ୍ରଛାତ୍ରୀମାନେ ମଧ୍ୟ ପାଠପଢ଼ାରେ ବହୁ ଅସୁବିଧା ଭୋଗୁଥିଲେ। ଉତ୍କଳ ଆଲୁମିନା ଖଣି ସିଏସ୍‌ଆର ତରଫରୁ ଗ୍ରାମବାସୀଙ୍କ ସମସ୍ୟା ଦୂର କରିବା ସକାଶେ ମୁଖ୍ୟ ରାସ୍ତାରୁ ପାହାଡ଼ ପାଦଦେଶରେ ଅବସ୍ଥିତ ଏହି ଗ୍ରାମକୁ ୨.୫ କିମି ରାସ୍ତା ନିର୍ମାଣ କରାଯାଇଥିବାରୁ ଲୋକେ ବାହ୍ୟ ଜଗତ ସହ ସଂଯୋଗ ହୋଇଛନ୍ତି। ସେହିପରି ରାଉଳିଘାଟି ଗ୍ରାମରୁ ପଡୋଶୀ ଗାଁ ବରଜାଖାଲକୁ ରାସ୍ତା ନଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ଲାଗିଥିଲା। ଏହି ସମସ୍ୟା ସମାଧାନ ନିମନ୍ତେ ସିଏସଆର ପାଣ୍ଠିରୁ ଗାଁରେ ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ୧.୭ କିମି ରାସ୍ତା ସିଧାସଳଖ ସ୍ଥାନୀୟ ବରଜାଖାଲ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରିଥିବାବେଳେ ଗାଁର ୧୨ ଜଣ ଶିକ୍ଷାର୍ଥୀମାନେ ଦୈନିକ ସେହି ରାସ୍ତାରେ ସ୍କୁଲକୁ ଯାଉଛନ୍ତି। ଏହି ଅବସରରେ ପ୍ରତିକ୍ରିୟା ଦେଇ ହିଣ୍ଡାଲ୍କୋ ଖଣି ବ୍ୟବସାୟ ମୁଖ୍ୟ କୈଳାଶ ପାଣ୍ଡେ କହିଛନ୍ତି ଯେ, ଗ୍ରାମବାସୀ ଦୀର୍ଘଦିନ ହେଲା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସେହି ଗାଁରେ ଝରଣା ପାଣି ବିଶୋଧାନ ପାଇଁ ଯାନ୍ତ୍ରିକ ଉପକରଣ ସ୍ଥାପନ କରାଯାଇଛି। ଲୋକଙ୍କ ଘର ନିକଟକୁ ସିଧାସଳଖ ପାଇପ ଯୋଗେ ଟ୍ୟାପ ଦ୍ୱାରା ପାନୀୟ ଜଳ ସଂଯୋଗ କରାଯାଇଛି ବୋଲି ଶ୍ରୀ ପାଣ୍ଡେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଅନୁରୂପ ଭାବେ ଗାଁର ପରିପାର୍ଶ୍ୱିକ ଉନ୍ନତି ସକାଶେ ଉତ୍କଳ ଆଲୁମିନା ସକ୍ରିୟ ଭୂମିକା ନିର୍ବାହ ବୋଲି ଶ୍ରୀ ପାଣ୍ଡେ ମତବ୍ୟକ୍ତ କରିଛନ୍ତି। ଏ ନେଇ ରାଉଳିଘାଟି ଗ୍ରାମ ମୁଖ୍ୟ ମାଳିଆ ମାଝୀ କହିଛନ୍ତି ଯେ, ଉତ୍କଳ ଆଲୁମିନା ସିଏସଆର ବିଭାଗ ଗ୍ରାମବାସୀଙ୍କ ଦୀର୍ଘଦିନର ଦୁଃଖ ଦୂର ହୋଇଛି। ରାସ୍ତା, କଲଭର୍ଟ ନିର୍ମାଣ ଓ ପାନୀୟ ଜଳ ସମସ୍ୟା ଦୂରୀକରଣ ସଂକ୍ରାନ୍ତରେ ପଦକ୍ଷେପ ନେଇଥିବାରୁ ଗ୍ରାମରେ ସକାରାତ୍ମକ ପରିବର୍ତ୍ତନ ହୋଇଛି।


ଉମରକୋଟ ଗଜପତି ଛକ ଗଣେଶ ପୂଜା


ଉମରକୋଟ ଗାନ୍ଧୀ ଛକ ଗଣେଶ ପୂଜା


ଉମରକୋଟ ଗୋପବନ୍ଧୁ ଛକ ପୂଜା


ରାୟଗଡ଼ା


ପାପଡ଼ାହାଣ୍ଡି ସତ୍‌ନାମୀ ସାହି


ରାୟଗଡ଼ା


ଉମରକୋଟ ଡିଏନକେ କୋଲନୀ ପୂଜା

# କିଶୋର ଚନ୍ଦ୍ର ପଣ୍ଡାଙ୍କୁ ଶ୍ରେଷ୍ଠ ପାଠକ ସମ୍ମାନ




ନନ୍ଦପୁର, ୨୮।୮ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ପ୍ରେସ କ୍ଲବ୍‌ର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡାଙ୍କୁ ଶ୍ରେଷ୍ଠ ପାଠକ ସମ୍ମାନରେ ସମ୍ମାନିତ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ପଣ୍ଡା ରାତି ୪ଟାରେ ପ୍ରାତଃ ଭ୍ରମଣରେ ବାହାରି ସକାଳୁ ଜୟପୁର ଠାରୁ ଆସୁଥିବା ସମସ୍ତ ପେପର୍ ସେହି ସମୟରେ ପ୍ରଚଳିତ ହେଉଥିବା ଆନ୍ଧ୍ର ବସ୍‌ରୁ ଓହ୍ଲାଇବା ସହ ଯତ୍ନ ସହକାରେ ରଖି ପରେ ହକର୍ ମାନେ ଆସିଲେ ପେପର୍ ବଣ୍ଟନ କରୁଥିଲେ। ସେ ଖବରକାଗଜର ଜଣେ ନିୟମିତ ପାଠକ । ତାଙ୍କୁ ନନ୍ଦପୁର ସଦର ମହକୁମାର ଶ୍ରେଷ୍ଠ ପାଠକ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମାରୋହରେ ଉପସ୍ଥିତ ଅତିଥି ବୃନ୍ଦ ତଥା ମୁଖ୍ୟ ଅତିଥି ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ମୁଖ୍ୟବକ୍ତା କବି ବିଚିତ୍ରାନନ୍ଦ ପଣ୍ଡା, ସମ୍ମାନିତ ଅତିଥି ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ ନାଗରିକ ଗୋପାଳ କୃଷ୍ଣ ବେବର୍ତ୍ତା, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ଉତ୍କଳ ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ଚୈତନ୍ୟ ହନ୍ତାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ୍‌ର ସଭାପତି ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଡି, ଉପ ସଭାପତି ବିମଳ ରାଓ ସ୍ମିଥ, ସମ୍ପାଦକ ରମେଶ ଅଧିକାରୀ, ସହ ସମ୍ପାଦକ ହରେ ସଖିଲ, କୋଷାଧ୍ୟକ୍ଷ ଶଙ୍କର ପାଙ୍ଗି, ସଂସ୍କୃତିକ କମିଟି ଶାମୁଏଲ ଖେମୁଣ୍ଡୁ, ହିରାନ୍ୟ ବିଶୋଇ, ମନୋଜ କୁମାର ଯୋଗ ଦେଇଥିଲେ।

# ସୁନାବେଡାରେ ଶ୍ରୀଗଣେଶ ପୂଜା



ସୁନାବେଡ଼ା,୨୮।୮ (ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ସହରାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା ପାରମ୍ପରିକ ରୀତିରେ ଆୟୋଜିତ ହୋଇଯାଇଛି। ମିଗ୍ ନଗରୀର ସମସ୍ତ ପ୍ରାଥମିକ ବିଦ୍ୟାଳୟ ସମେତ ସୁନାବେଡା ଏରୋନଟିକସ୍ କଲେଜରେ ଅଧ୍ୟକ୍ଷା ଡଃ ଅନସୂୟା ନନ୍ଦଙ୍କ ନେତୃତ୍ୱରେ ସୁନାବେଡା ମହିଳା ଡ଼ିଗ୍ରୀ କଲେଜରେ ଅଧ୍ୟକ୍ଷା ଉଷାରାଣୀ ଦାଶଙ୍କ ନେତୃତ୍ୱରେ,ସୁନାବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ଏବଂ ସୁନାବେଡା ମିଗ୍ ନଗରୀର ଏରୋନଟିକସ୍ ଡିଏଭି ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଜେନା, ଶାନ୍ତି ନଗର ସ୍ଥିତ ସାଇ ସୈନିକ ସ୍କୁଲର ସଭାପତି ସନ୍ତୋଷ କୁମାର ଜେନା ଓ ଅଧ୍ୟକ୍ଷା ସ୍ମୃତିରେଖା ଭଞ୍ଜଙ୍କ ନେତୃତ୍ୱରେ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ପରିସର ଏବଂ ପୂଜା ମଣ୍ଡପକୁ ଅତି ସୁନ୍ଦର ଭାବେ ସଜାଇ ପୂଜାର ଆୟୋଜନ କରିଥିଲେ। ସ୍ଥାନୀୟ ଉତ୍କଳ ସାଂସ୍କୃତିକ ପରିଷଦ, ସେଣ୍ଟ୍ରେଲ ମାର୍କେଟ ତରଫରୁ ମଧ୍ୟ ଗଣେଶ ପୂଜା ପାଳନ କରାଯାଇଛି।

# ଡିଏଭି ଭିଏସ୍ ବିଦ୍ୟାଳୟରେ ନୂଆଁଖାଇ ପର୍ବ



ସୁନାବେଡ଼ା,୨୮।୮ (ସମିସ): ହାଲ ସହରାଞ୍ଚଳ ସ୍ଥିତ ଡିଏଭି ଭିଏସ ବିଦ୍ୟାଳୟରେ ନୂଆଖାଇ ପର୍ବ ଖୁବ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ପର୍ବ ଉପଲକ୍ଷେ ବିଦ୍ୟାଳୟ ପ୍ରାଙ୍ଗଣକୁ ସୁନ୍ଦର ଭାବେ ଝୋଟି ଚିତାରେ ସଜାଇ ଦିଆ ଯାଇଥିଲା। କୁନି କୁନି ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ପୋଷାକ ପରିଧାନ ପୂର୍ବକ ସମସ୍ତଙ୍କ ଧ୍ୟାନ ଆକର୍ଷଣ ସହ ନୂଆଖାଇ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ନୂଆ ଧାନରୁ ପ୍ରସ୍ତୁତ ଅନ୍ନ ଓ କ୍ଷୀରି ତଥା ବାଜରା, ମକା, ମାଣ୍ଡିଆ, କାଙ୍ଗୁ, ସୁଆଁ ଆଦି ଶସ୍ୟରୁ ବିଭିନ୍ନ ପିଠାପଣା ଭୋଜନ ପାଇଁ ପ୍ରସ୍ତୁତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନୂଆଁଖାଇ ଜୁହାର କରିଥିଲେ। ଶିକ୍ଷକମାନେ ଆଶୀର୍ବାଦ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ ଏହି ପର୍ବ ସମାଜରେ ସ୍ନେହ ଓ ସୌହାର୍ଦ୍ଦ୍ୟ ବଢ଼ାଇବା ରେ ବିଶେଷ ଭୂମିକା ଗ୍ରହଣ କରିଥାଏ ବୋଲି ମତ ରଖିଥିଲେ।


ବୈପାରୀଗୁଡ଼ା

## ଚାରି ଖଣ୍ଡ ଲୁହା ପାଇପ୍ ସାଜିଛି ଗାଁ ରାସ୍ତା

# ବର୍ଷାରେ ରାସ୍ତା ମଝିରେ ଘାଇ



ବୈପାରିଗୁଡ଼ା,୨୮।୮ (ସମିସ): ଲଗାଣ ବର୍ଷାରେ ରାସ୍ତା ମଝିରେ ଘାଇ ସୃଷ୍ଟି ହୋଇଛି। ଚାରି ଖଣ୍ଡ ଲୁହା ପାଇପ୍ ସାଜିଛି ଗାଁ ରାସ୍ତା। ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାଧ ହୋଇ ଜୀବନକୁ ବାଜି ଲଗାଇ ଗମନା ଗମନ କରୁଛନ୍ତି ଅଞ୍ଚଳବାସୀ। ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତର ପଣଶପୁଟ ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଗତ କିଛି ଦିନର ଲଗାଣ ବର୍ଷାରେ ଦଣ୍ଡାବାଡ଼ି ଓ ପଣଶପୁଟ ରାସ୍ତା ମଝିରେ ଥିବା କଲଭର୍ଟ ଭୁଶୁଡ଼ି ପଡ଼ିଛି। ରାସ୍ତା ମଝିରେ ଘାଇ ସୃଷ୍ଟି ହୋଇଛି। ଫଳରେ ଚିପାକୁର ଓ କାଠପୋଡା ପଞ୍ଚାୟତ ସମେତ ୨୫ ଖଣ୍ଡ ଗାଁକୁ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ବାଧହୋଇ ଲୋକେ କଲଭର୍ଟ ଉପରେ ଚାରି ଖଣ୍ଡ ଲୁହା ପାଇପ୍ ପକାଇ ଯାତାୟତ କରୁଛନ୍ତି। ରାସ୍ତାରେ ଘାଇ ସୃଷ୍ଟି ହେବା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଭାବକମାନେ ପିଲାଙ୍କୁ ସ୍କୁଲ କଲେଜ ଛାଡ଼ିବା ପାଇଁ ଭୟ କରୁଛନ୍ତି। ସ୍ୱାସ୍ଥ୍ୟ ସେବା ସଂପୂର୍ଣ୍ଣ ବ୍ୟାଘାତ ହୋଇଛି। ଗାଁ ଗୁଡ଼ିକରେ ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବାରୁ ଗର୍ଭବତୀ ମହିଳା କିମ୍ବା ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ପର୍ଯ୍ୟନ୍ତ ପହଞ୍ଚାଇବା କଷ୍ଟକର ହୋଇପଡୁଛି। ଏସମ୍ପର୍କରେ ଦଣ୍ଡାବାଡି ସରପଞ୍ଚ ଚେଣ୍ଡିଆ ଖିଲଙ୍କୁ ପଚାରିବାରୁ ଏହା ଆରଡ଼ି ବିଭାଗର କାମ ଏବଂ ପୂର୍ବରୁ ଦୁଇଥର ଏହି କଲଭର୍ଟ ଭୁଶୁଡ଼ି ପଡ଼ିଥିଲା। ନିଜ ଖର୍ଚ୍ଚରେ ମରାମତି କରିଥିଲି। ଏଥର ରାସ୍ତା ମଝିରେ ଘାଇ ସୃଷ୍ଟି ହୋଇଛି। ବାରମ୍ବାର ଆରଡ଼ି ବିଭାଗ ଯନ୍ତ୍ରୀଙ୍କୁ କହିବା ସତ୍ତ୍ୱେ ସେ କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ପଞ୍ଚାୟତବାସୀଙ୍କ ସୁବିଧା ପାଇଁ ଆସନ୍ତାକାଲି ଗମନାଗମନର ସୁବିଧା କରିବି ବୋଲି ପ୍ରକାଶ କରିଥିଲେ।


ମାଲକାନଗିରି କଟାମେଟା



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୬୨ ● ପାଉଣ୍ଡ ୧୧୮.୨୭
- ୟୁରୋ ୧୦୨.୦୮ ● ୟେନ୍ ୦.୫୯



**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୩,୯୦୦ (ଭୁବନେଶ୍ୱର)
- ରୁପା : ୧,୨୧,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୦୮୦.୦୦
- ନିଫ୍ଟି ୨୪,୫୦୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତକୁ ଟ୍ରମ୍ପଙ୍କ ପରାମର්ଶଦାତାଙ୍କ ଚେତାବନୀ

# ଭାରତ ମୁଣ୍ଡ ନ ନୁଆଁଇଲେ ପଛକୁ ହଟିବେନି ଟ୍ରମ୍ପ୍

ୱାଶିଂଟନ୍, ୨୮।୮ (ଏଜେନ୍ସି)




ଆମେରିକା ଏବଂ ଭାରତ ମଧ୍ୟରେ ଗମ୍ଭୀର ହେଉଥିବା ଶୁଳ୍କ ବିବାଦ ଅନ୍ତର୍ଜାତୀୟ ସମ୍ପର୍କରେ ଏକ ନୂତନ ମୋଡ଼ ନେଇଛି। ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଅର୍ଥନୈତିକ ପରାମର୍ଶଦାତା କେଭିନ୍ ହାସେଟ୍ ଭାରତକୁ କଡ଼ା ଚେତାବନୀ ଦେଇଛନ୍ତି। ହାସେଟ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯଦି ବାଣିଜ୍ୟ ଶୁଳ୍କ ପ୍ରସଙ୍ଗରେ ଭାରତ ମୁଣ୍ଡ ନୁଆଁଇବାକୁ ମନା କରେ, ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ଆଭିମୁଖ୍ୟକୁ ନରମ କରିବେନାହିଁ। କୌତୂହଳର ବିଷୟ ଯେ, ହାସେଟ୍‌ଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଅଗଷ୍ଟ ୨୭ରୁ ଭାରତୀୟ ଆମଦାନୀ ଉପରେ ଆମେରିକାର ବାଣିଜ୍ୟ ଶୁଳ୍କ ଦୁଇଗୁଣ ବୃଦ୍ଧି ପାଇ ୫୦ ପ୍ରତିଶତ ହୋଇଯାଇଛି। ଗୁରୁବାର ହ୍ୱାଇଟ୍ ହାଉସରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା କରି କେଭିନ୍ ହାସେଟ୍ ଭାରତର ବାଣିଜ୍ୟିକ ଆଭିମୁଖ୍ୟ ଉପରେ ନିରାଶା ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଭାରତ ଆମେରିକୀୟ ଉତ୍ପାଦ ପାଇଁ ତା'ର ବଜାର ଖୋଲିବାରେ ଏକ ଜିଦ୍‌ଖୋର ମନୋଭାବ ଗ୍ରହଣ କରୁଛି।

ହାସେଟ୍ ଭାରତ ସହିତ ଆମେରିକା ସମ୍ପର୍କକୁ 'ଜଟିଳ' ବୋଲି ବର୍ଣ୍ଣନା କରିଛନ୍ତି। ସେ ରୁଷ ଉପରେ ପଡୁଥିବା ଚାପକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଆମ ଉତ୍ପାଦ ପାଇଁ ନିଜର ବଜାର ଖୋଲିବା ପାଇଁ ଭାରତର ଜିଦ୍‌ଖୋର ମନୋଭାବ ମଧ୍ୟ ଏକ ବଡ଼ କାରଣ। ଏହି ବିବାଦ କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଆମେରିକା ଭାରତ ଉପରେ ଦୁଗ୍ଧ ବାଣିଜ୍ୟ ଏବଂ ରୁଷରୁ ତେଲ କ୍ରୟ ଭଳି ପ୍ରସଙ୍ଗରେ ଚାପ ପକାଇଆସୁଛି। ଭାରତ ସ୍ପଷ୍ଟ କରିଛି ଯେ ସେ ଏହାର ଚାଷୀଙ୍କ ସ୍ୱାର୍ଥ ସହିତ କୌଣସି ସାଲିସ କରିବ ନାହିଁ, ଯେଉଁଠାରୁ ସେ ଶସ୍ତାରେ ତେଲ ପାଇବ ସେଠାରୁ ତେଲ କିଣିବ। ଏହି ଶୁଳ୍କ ଯୁଦ୍ଧ ଏବେ ସବୁଠୁ ଖରାପ ସ୍ତରରେ ପହଞ୍ଚିଛି, ଯେଉଁଥିରେ ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରାଯାଇଛି, ଯାହା ମଧ୍ୟରୁ ୨୫% ଶୁଳ୍କ କେବଳ ରୁଷଠାରୁ ତେଲ କିଣିବା ପାଇଁ ଦଣ୍ଡ ସ୍ୱରୂପ। ଆମେରିକାର ଜାତୀୟ ଅର୍ଥନୈତିକ ପରିଷଦ ନିର୍ଦ୍ଦେଶକ କେଭିନ୍ ହାସେଟ୍ ଭାରତର ଏହି 'ଜିଦ୍' ବିଷୟରେ ଉଲ୍ଲେଖ କରିଛନ୍ତି। ଏପରି ପରିସ୍ଥିତିରେ, ଏହି ଶୁଳ୍କ ଯୁଦ୍ଧ କେବେ ଏବଂ କିପରି ଶାନ୍ତ ହୁଏ ତାହା ଦେଖିବା ଆକର୍ଷଣୀୟ ହେବ। କାରଣ ଭାରତ ମଧ୍ୟ ଆମେରିକା ସହିତ ଏହାର ଡାକ ସେବା ବନ୍ଦ କରିଦେଇଛି।

## ଟ୍ରମ୍ପଙ୍କୁ ଘେରିଲେ ବିରୋଧୀ

ୱାଶିଂଟନ୍, ୨୮।୮ (ଏଜେନ୍ସି): ଭାରତ ଉପରେ ଟ୍ରମ୍ପ୍ ପ୍ରଶାସନ ଲାଗୁ କରିଥିବା ୫୦% ଉଚ୍ଚ ବାଣିଜ୍ୟ ଶୁଳ୍କ ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ବିଗତ ଦଶନ୍ଧୀଗୁଡିକର ସର୍ବନିମ୍ନ ସ୍ତରକୁ ନେଇଯାଇଛି। ତେବେ ଭାରତ ଉପରେ ଶୁଳ୍କ ଲାଗୁ ପ୍ରସଙ୍ଗରେ ଖୋଦ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ନିଜ ଦେଶରେ ଅଡୁଆରେ ପଡିଯାଇଛନ୍ତି। ଆମେରିକାର ମୁଖ୍ୟ ବିରୋଧୀ

**ଭାରତ ଉପରେ ଶୁଳ୍କ ନିଷ୍ପତ୍ତିକୁ ତୀବ୍ର ସମାଲୋଚନା**

ଦଳ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଆମେରିକାର ହାଉସ୍ ଫରେନ୍ ଆଫେୟାର୍ସ କମିଟି ଭାରତ ସମ୍ପର୍କରେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛି। ଏହା ଚୀନ୍ ଉପରେ ନୀରବ ରହିବା ଏବଂ କେବଳ ଭାରତ ଉପରେ ଶୁଳ୍କ ଲଗାଇବା ପାଇଁ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛି। କମିଟି କହିଛି ଯେ 'ଭାରତ ଉପରେ ଶୁଳ୍କ ଲଗାଇବା ଦ୍ୱାରା ୟୁକ୍ରେନ ଯୁଦ୍ଧ ସମାପ୍ତ ହେବ ନାହିଁ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଯାହାକୁ ୨୧ ଶତାବ୍ଦୀର ସବୁଠାରୁ ମଜବୁତ ସମ୍ପର୍କ ଭାବରେ ବିବେଚନା କରାଯାଉଥିଲା, ତାହା ଏବେ ଗମ୍ଭୀର ବିପଦରେ ଅଛି। ପରିଣାମ ସ୍ୱରୂପ ଭାରତ ଟ୍ରମ୍ପ ପ୍ରଶାସନ ଆଗରେ ମୁଣ୍ଡ ନୁଆଁଇବାକୁ ମନା କରି ରୁଷ ତେଲ କିଣିବା ଜାରି ରଖିବାକୁ ନିଷ୍ପତ୍ତି ନେଇଛି। ଆମେରିକା ରୁଷ ତେଲ କିଣିବା ପାଇଁ ଭାରତ ଉପରେ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଏବଂ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇଛି। ଯାହା ଭାରତୀୟ ଅର୍ଥନୀତି ଉପରେ ନିଶ୍ଚିତ ଭାବରେ ଗମ୍ଭୀର ପ୍ରଭାବ ପକାଇବ। ତଥାପି, ଟ୍ରମ୍ପ ପ୍ରଶାସନ ସର୍ବାଧିକ ରୁଷ ତେଲ କିଣୁଥିବା ଚୀନ୍ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ, ଯାହାକୁ କଡ଼ା ଶବ୍ଦରେ ଡେମୋକ୍ରାଟିକ୍ ପାର୍ଟି ସମାଲୋଚନା କରିଛି। ହାଉସ୍ ଫରେନ୍ ଆଫେୟାର୍ସ କମିଟିର ଡେମୋକ୍ରାଟ୍‌ମାନେ ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନୀତିକୁ ଆମେରିକୀୟମାନଙ୍କୁ କ୍ଷତି ପହଞ୍ଚାଇବା ଏବଂ ଆମେରିକା-ଭାରତ ସମ୍ପର୍କକୁ ନଷ୍ଟ କରିବା ପାଇଁ ଏହା ଏକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଏହି ନିଷ୍ପତ୍ତି ୟୁକ୍ରେନ ଯୁଦ୍ଧ ସହିତ କମ୍ ଏବଂ ଘରୋଇ ରାଜନୀତି ସହିତ ଅଧିକ ଜଡିତ।

## ଭାରତର ଏକ-ଚତୁର୍ଥାଂଶ ବୟନ ରପ୍ତାନୀ ଉପରେ ପଡ଼ିପାରେ ଗଭୀର ପ୍ରଭାବ

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): ଆମେରିକା ଦ୍ୱାରା ଭାରତୀୟ ବୟନଶିଳ୍ପ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗିବା ପରେ ଏହି କ୍ଷେତ୍ରର ରପ୍ତାନୀକାରୀଙ୍କୁ ଚିନ୍ତା ଘାରିଛି। କୁହାଯାଉଛି ଆସନ୍ତା ୬ ମାସରେ ଭାରତର ପ୍ରାୟ ଏକ ଚତୁର୍ଥାଂଶ ବସ୍ତ୍ର ରପ୍ତାନୀ ଉପରେ ଗଭୀର ପ୍ରଭାବ ପଡ଼ିପାରେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଭାରତୀୟ ରପ୍ତାନୀକାରୀଙ୍କୁ ଅର୍ଡର ରଦ୍ଦ ହେବା ଭଳି ଗମ୍ଭୀର ଆହ୍ୱାନର ସାମ୍ନା କରିବାକୁ ପଡୁଛି। ଫେଡେରେସନ ଅଫ୍ ଇଣ୍ଡିଆନ ଟେକ୍ସଟାଇଲ ଇଣ୍ଡଷ୍ଟ୍ରିର ମହାସଚିବ ଚନ୍ଦ୍ରିମା ଚାଟାର୍ଜୀ କହିଛନ୍ତି, ଯଦି କିଛିଟା ରଣନୀତିରେ ପରିବର୍ତ୍ତନ କରାଯାଇପାରିବ ତେବେ ଆଗାମୀ ୬ ମାସରେ ୨୦-୨୫% ପର୍ଯ୍ୟନ୍ତ ପ୍ରଭାବ ଦେଖିବାକୁ ମିଳିପାରେ। ନହେଲେ ଏହି ସଂଖ୍ୟା ୨୯% ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ପ୍ରଭାବ ମୁଖ୍ୟତଃ ପୋଷାକ ଉଦ୍ୟୋଗ ଉପରେ ପଡ଼ିବ। ସେ କହିଛନ୍ତି ସରକାର କପା ଉପରେ ଆମଦାନୀ ଛାଡ଼ କରିଛନ୍ତି। ଏଥିରୁ କିଛିଟା ଆଶ୍ୱସ୍ତି ମିଳିବ। କାରଣ ଏବେ ନୂଆ ଅର୍ଡର ପାଇଁ ମଧ୍ୟ ଆମଦାନୀ ସମ୍ଭବ ହୋଇପାରିବ। ପୂର୍ବରୁ କରାଯାଇଥିବା ଛାଡ଼ର ଲାଭ ନୂଆ ଅର୍ଡରକୁ ମିଳି ନ ଥିଲା। କାରଣ କପା ସିପ୍‌ମେଣ୍ଟରେ ଅତିକମ୍‌ରେ ୪୦-୪୫ ଦିନ ଲାଗିଥାଏ। ଏବେ ଏହି ଲମ୍ବା ଅବଧିର ଛାଡ଼ ନୂଆ ଅର୍ଡର ପାଇଁ ଉପଯୋଗୀ ହେବ। ଚାଟାର୍ଜୀ କହିଛନ୍ତି, ଘରୋଇ କପା ଏବଂ ଅନ୍ତର୍ଜାତୀୟ ବେଞ୍ଚମାର୍କ ମୂଲ୍ୟରେ ୧୦-୧୫% ପର୍ଯ୍ୟନ୍ତ ପାର୍ଥକ୍ୟ ଥିଲା। ଯାହା ଏବେ ଏହି ଛାଡ଼ ଯୋଗୁ କମ୍ ହେବ।

**ଟ୍ରମ୍ପ ଟାରିଫ୍**

## କିଷାନ୍ କାର୍ଡ ଖେଳିଲେ କେଜ୍ରିୱାଲ୍

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): ଭାରତ-ଆମେରିକା ଶୁଳ୍କ ଯୁଦ୍ଧ ମଧ୍ୟରେ କେଜ୍ରିୱାଲ କୃଷକ କାର୍ଡ ଖେଳିଛନ୍ତି। ଦିଲ୍ଲୀରେ କ୍ଷମତା ହରାଇବା ପରେ, ଆମ୍ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜରିୱାଲଙ୍କ ନଜର ଗୁଜରାଟ ଉପରେ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ଶୁଳ୍କ ଲାଗୁ କରିବା ମଧ୍ୟରେ କେଜ୍ରିୱାଲ ଏହି ଉଦ୍ଦେଶ୍ୟରେ ଚାଷୀ କାର୍ଡ ଖେଳି ବିଜେପିକୁ କୋଣଠେସା କରିବାକୁ ଚେଷ୍ଟା କରିଛନ୍ତି। ଯଦିଓ ଅନେକ ରାଜ୍ୟରେ କପା ଉତ୍ପାଦନ ହୁଏ, କିନ୍ତୁ ଆମ ଆଦମୀ ପାର୍ଟି ଗୁଜରାଟରେ ଏହି ପ୍ରସଙ୍ଗରେ ଆକ୍ରମଣାତ୍ମକ। କେଜରିୱାଲ ଏହି ପ୍ରସଙ୍ଗକୁ ବହୁତ ରଣନୀତିକ ଉପାୟରେ ଉଠାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଛନ୍ତି ଯେ ଆମେରିକାରୁ ଆସୁଥିବା କପା ଉପରେ ହଟାଇ ଦିଆଯାଇଥିବା ୧୧% ଶୁଳ୍କକୁ ପୁନଃ ଲାଗୁ କରାଯାଉ।

### ଆମେରିକାରୁ କପା ଆମଦାନୀ ଉପରେ ସରକାରଙ୍କ ବଡ଼ ନିଷ୍ପତ୍ତି

# କପା ଉପରୁ ଆମଦାନୀ ଶୁଳ୍କ ୧୧%କୁ ହ୍ରାସ

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି)




- ବୟନ ରପ୍ତାନିକାରୀଙ୍କୁ ଆଶ୍ୱସ୍ତି
- ଶୁଳ୍କମୁକ୍ତ କପା ଆମଦାନୀ ଅବଧି ଆଉ ତିନି ମାସ ବଢ଼ିଲା

ଆମେରିକାରେ ୫୦ ପ୍ରତିଶତର ଭାରୀ ଶୁଳ୍କର ସମ୍ମୁଖୀନ ହେଉଥିବା କପଡ଼ା ରପ୍ତାନିକାରୀଙ୍କୁ ସହାୟତା କରିବା ପାଇଁ ସରକାର ଗୁରୁବାର ଦିନ କପା ଶୁଳ୍କମୁକ୍ତ ଆମଦାନୀକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଅର୍ଥାତ୍ ଆଉ ତିନି ମାସ ବୃଦ୍ଧି କରିଛନ୍ତି। ପୂର୍ବରୁ ଅଗଷ୍ଟ ୧୮ରେ ଅର୍ଥ ମନ୍ତ୍ରଣାଳୟ ଅଗଷ୍ଟ ୧୯ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କପା ଆମଦାନୀ ଉପରେ ଶୁଳ୍କ ଛାଡ଼କୁ ଅନୁମତି ଦେଇଥିଲା।

ଗୁରୁବାର ଏକ ବିବୃତ୍ତିରେ ମନ୍ତ୍ରଣାଳୟ କହିଛି ଯେ, ରପ୍ତାନିକାରୀଙ୍କୁ ଆହୁରି ସହାୟତା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର କପା ଉପରେ ଆମଦାନୀ ଶୁଳ୍କ ଛାଡ ସେପ୍ଟେମ୍ବର ୩୦ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଛାଡ଼ରେ ୫ ପ୍ରତିଶତ ମୌଳିକ ସୀମା ଶୁଳ୍କ (ବିସିଡି) ଏବଂ ୫ ପ୍ରତିଶତ କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍ (ଏଆଇଡିସି) ଏବଂ ଉଭୟ ଉପରେ ୧୦ ପ୍ରତିଶତ ସାମାଜିକ କଲ୍ୟାଣ ସରଚାର୍ଜ ଅନ୍ତର୍ଭୁକ୍ତ। ତେଣୁ, ବର୍ତ୍ତମାନ କପା ଉପରେ ମୋଟ ଆମଦାନୀ ଶୁଳ୍କ ୧୧ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ସୂତା, କପଡ଼ା, ପୋଷାକ ଏବଂ ପ୍ରସ୍ତୁତ ସାମଗ୍ରୀ ସମେତ ସମଗ୍ର ବୟନ ସାମଗ୍ରୀ ମୂଲ୍ୟ ଶୃଙ୍ଖଳରେ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବ। ଏହା ନିର୍ମାତା ଏବଂ ଗ୍ରାହକ ଉଭୟଙ୍କୁ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଆମେରିକା ବୟନ, ରତ୍ନ ଏବଂ ଅଳଙ୍କାର ଏବଂ ଚମଡା ସମେତ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଅଗଷ୍ଟ ୨୭ରୁ ଲାଗୁ କରିଛି।

ସରକାରଙ୍କ ଏହି ଶୁଳ୍କ ଛାଡ଼ ପଦକ୍ଷେପ ଘରୋଇ ବଜାରରେ କଞ୍ଚା କପା ଉପଲବ୍ଧତା ବୃଦ୍ଧି କରିବ। କପା ମୂଲ୍ୟ ସ୍ଥିର ରହିବ। ଏହାବ୍ୟତୀତ, ସମାପ୍ତ ବୟନ ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ଚାପ ହ୍ରାସ ପାଇବ। ସରକାରଙ୍କ ଅନୁଯାୟୀ, ଏହା ଉତ୍ପାଦନ ଖର୍ଚ୍ଚ ହ୍ରାସ କରି ଏବଂ ବୟନ କ୍ଷେତ୍ରରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ) ଗୁଡ଼ିକୁ ସୁରକ୍ଷା ଦେଇ ଭାରତୀୟ ବୟନ ସାମଗ୍ରୀର ରପ୍ତାନି ପ୍ରତିଯୋଗିତାକୁ ବୃଦ୍ଧି କରିବ।

# ଟାରିଫ୍ ପ୍ରଭାବ; ୭୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

### ୪.୨୫ ଲକ୍ଷ କୋଟି କ୍ଷତି ସହିଲେ ନିବେଶକ




ମୁମ୍ବଇ,୨୮।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଅତିରିକ୍ତ ୨୫% ବାଣିଜ୍ୟ ଶୁଳ୍କ ବୁଧବାରଠାରୁ କାର୍ଯ୍ୟକାରୀ ହୋଇଛି। ଏହି ଶୁଳ୍କର ପ୍ରଭାବ ବୁଧବାର ଭଳି ଆଜି ଭାରତୀୟ ସେୟାର ବଜାର ଉପରେ ପଡିଛି। ଗୁରୁବାର କାରବାର ଶେଷ ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୦୦ରୁ ଅଧିକ ପଏଣ୍ଟ ହ୍ରାସ ଘଟିଥିବାବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୨୧୧ ପଏଣ୍ଟ ହ୍ରାସ ଘଟିଛି। ସେୟାର ବଜାରରେ ଏହି ହ୍ରାସ ଯୋଗୁ ନିବେଶକମାନେ ୪.୨୫ ଲକ୍ଷ କୋଟି କ୍ଷତି ସହିଛନ୍ତି।

ଗୁରୁବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ପ୍ରାୟ ୭୦୫.୯୭ ପଏଣ୍ଟ ବା ୦.୮୭ ପ୍ରତିଶତ ହ୍ରାସ ପାଇ ୮୦,୦୮୦.୫୭ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୧୧.୧୫ ପଏଣ୍ଟ ହ୍ରାସ ଘଟି ୨୪,୫୦୦ ପଏଣ୍ଟ ତଳେ ବନ୍ଦ ହୋଇଛି। ଆମେରିକାର ଟାରିଫ୍ କାର୍ଯ୍ୟକାରୀ ହେବା ପରେ ବଜାରରେ ବିକ୍ରିବଟା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ବିଦେଶୀ ନିବେଶକଙ୍କ ଲଗାତାର ବିକ୍ରି ମଧ୍ୟ ବଜାର ମନୋଭାବକୁ ଦୁର୍ବଳ କରିଛି। ଉପଭୋକ୍ତା ଦୀର୍ଘସ୍ଥାୟୀ ଛାଡ଼ି ପ୍ରାୟ ସମସ୍ତ ପ୍ରମୁଖ କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ନିଫ୍ଟି ଆଇଟି ଓ ନିଫ୍ଟି ରିଅଲ୍ଟିରେ ଦେଖିବାକୁ ମିଳିଛି, ଯାହା ପ୍ରାୟ ୧.୫ ପ୍ରତିଶତ ଖସିଛି। ଅନ୍ୟପଟେ ନିଫ୍ଟି ପିଏସୟୁ ବ୍ୟାଙ୍କ୍, ଏଫ୍‌ଏମ୍‌ସିଜି ଓ ଫାର୍ମା ଇଣ୍ଡେକ୍ସ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୩ ପ୍ରତିଶତ ଓ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୫ ପ୍ରତିଶତ ଖସି ବନ୍ଦ ହୋଇଛି।

ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଅଗଷ୍ଟ ୨୮ରେ ହ୍ରାସ ପାଇ ୪୪୫.୨୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ମଙ୍ଗଳବାର ୪୪୯.୪୫ କୋଟି ଟଙ୍କା ଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ପ୍ରାୟ ୪.୨୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ଆଜି ନିବେଶକଙ୍କୁ ୪.୨୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ଆଜି କେବଳ ୭ ସେୟାର ସବୁଜ ସଂକେତରେ ବନ୍ଦ ହୋଇଛି। ଏଥିରେ ଟାଇଟନ୍ ସେୟାରରେ ସବୁଠୁ ଅଧିକ ୧.୨୨ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପଟେ ୨୩ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି। ଏଥିରେ ଏଚସିଏଲ୍ ସେୟାର ୨.୮୫ ପ୍ରତିଶତ ହ୍ରାସ ହୋଇଛି।

## ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ମୌସୁମୀ ଋତୁରେ ବିଦ୍ୟୁତ୍ ସମ୍ପତ୍ତିର ସୁରକ୍ଷା ପଦକ୍ଷେପ

ଭୁବନେଶ୍ୱର,୨୮।୮ (ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ସମୟରେ ବିଦ୍ୟୁତ ଭିତ୍ତିଭୂମି ପ୍ରତି ଦେଖାଦେଉଥିବା ଆହ୍ୱାନର ମୁକାବିଲା କରିବା ଲାଗି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସକମ ଗୁଡ଼ିକ ପକ୍ଷରୁ ଲାଇସେନ୍ସପ୍ରାପ୍ତ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ ବ୍ୟବସ୍ଥା ଉପରେ ମାଡ଼ିଥିବା ବୃକ୍ଷଲତାକୁ ହଟାଇବା ଏବଂ ଗଛର ଡାଳ ଓ ଅଂଶଗୁଡ଼ିକୁ ଛେଦନ କରିବା ଅଭିଯାନ ଆରମ୍ଭ କରାଯାଇଛି। ପ୍ରୋଜେକ୍ଟ କ୍ଲିନ-ଅପର ଅଂଶ ସ୍ୱରୂପ ଏହି ବ୍ୟାପକ ଅଭିଯାନର ଲକ୍ଷ୍ୟ ହେଉଛି ବିଦ୍ୟୁତ ଭିତ୍ତିଭୂମିର ସୁରକ୍ଷା କରିବା, ଯୋଗାଣ ଭରସାଯୋଗ୍ୟତାରେ ଉନ୍ନତି ଆଣିବା ଏବଂ ଲୋକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ଓଡ଼ିଶାରେ ପ୍ରବଳ ବର୍ଷା ହେଉଥିବା ବେଳେ ଉର୍ବର ମୃତିକା ପାଇଁ ମୌସୁମୀ ଋତୁରେ ଗଛଲତାଗୁଡ଼ିକ ଶୀଘ୍ର ବଢ଼ି ବିଦ୍ୟୁତ ଭିତ୍ତିଭୂମି ଉପରେ ମାଡ଼ିଯାଉଛି। ଗଛଲତାରେ ହେଉଥିବା ସେହି ବୃଦ୍ଧି ଅଣଦେଖା ରହିଗଲେ ତାହା ନେଟୱର୍କରେ ବିଭ୍ରାଟ ସୃଷ୍ଟି କରିଥାଏ ଯାହା ଫଳରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହେବା, ବିଭ୍ରାଟ ଘଟିବା ସହିତ ଖୁଣ୍ଟ ଓ ଟ୍ରାନ୍ସଫର୍ମରକୁ କ୍ଷତି ପହଞ୍ଚିଥାଏ। ଗଛଲତା ଘଞ୍ଚ ହୋଇଯିବା ଦ୍ୱାରା ତାହା ଦୈନନ୍ଦିନ ରକ୍ଷଣାବେକ୍ଷଣ ଓ ନେଟୱର୍କ ନିରୀକ୍ଷଣ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଅଧିକ ବଢ଼ିଯାଇଥିବା ଗଛର ଶାଖା ଓ ଲତା ଯୋଗୁଁ ବିଦ୍ୟୁତ ଭିତ୍ତିଭୂମି ପାଖରେ ପହଞ୍ଚି ହୁଏ ନାହିଁ, ଫଳରେ ରକ୍ଷଣାବେକ୍ଷଣରେ ଅସୁବିଧା ଉପୁଜେ। ଏହା ଅତ୍ୟାବଶ୍ୟକ ଯାଂଚ ଓ ମରାମତି କାମକୁ ବିଳମ୍ବିତ କରୁଥିବା ବେଳେ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପ୍ରତି ଗଭୀର ସୁରକ୍ଷା ବିପଦ ସୃଷ୍ଟି କରେ।




## ସେପ୍ଟେମ୍ବରରୁ ରୁପାରେ ହଲ୍‌ମାର୍କିଂ; ମହଙ୍ଗା ହେବ ଚାନ୍ଦି

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି)



ସୁନା ଅଳଙ୍କାରର ଶୁଦ୍ଧତା ଯାଞ୍ଚ କରିବା ପାଇଁ ଏହାର ହଲ୍‌ମାର୍କ କରାଯାଏ। ଅଳଙ୍କାରରେ ଲେଖାଯାଇଥିବା ସଂଖ୍ୟା ଆଧାରରେ ସୁନାର କେତେ ପ୍ରତିଶତ ଶୁଦ୍ଧ ତାହା ନିର୍ଣ୍ଣୟ କରାଯାଏ। କିନ୍ତୁ ରୁପା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ହଲ୍‌ମାର୍କ ବ୍ୟବସ୍ଥା ନାହିଁ। ଏବେ ସରକାର ସୁନା ପରି ରୁପା ପାଇଁ ହଲମାର୍କିଂ ନିୟମ ଆରମ୍ଭ କରୁଛନ୍ତି। ଏହା ସେପ୍ଟେମ୍ବର ପହିଲାରୁ ଆରମ୍ଭ ହେବ।

### ■ ରୁପା ହଲମାର୍କିଂ ନିୟମର ପ୍ରଭାବ

ପ୍ରାରମ୍ଭରେ, ଗ୍ରାହକମାନେ ହଲମାର୍କିଂ ରୁପା କିଣିବାକୁ ଚାହାଁନ୍ତି କି ହଲମାର୍କିଂ ନାହିଁ ତାହା ଆବଶ୍ୟକ ହେବ ନାହିଁ। ଅର୍ଥାତ୍, ଏହି ନିୟମ ସ୍ୱେଚ୍ଛାକୃତ ହେବ। ତଥାପି, ଯେପରି ହଲମାର୍କିଂ ସୁନା ଅଳଙ୍କାରକୁ ଏବେ ବାଧ୍ୟତାମୂଳକ କରାଯାଇଛି, ସେହିପରି କ୍ରେତାମାନେ ମଧ୍ୟ ହଲମାର୍କିଂ ରୁପା କିଣିବାକୁ ପସନ୍ଦ କରିପାରିବେ। ରୁପାର ଶୁଦ୍ଧତା ଯାଞ୍ଚ କରିବା ପାଇଁ, ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦ୍ୱାରା ୬ ଟି ମାନକ ପ୍ରସ୍ତୁତ କରାଯାଇଛି। ଏହି ମାନକଗୁଡ଼ିକ ଦର୍ଶାଏ ଯେ ରୁପାର କେତେ ପ୍ରତିଶତ ଶୁଦ୍ଧ।

### ■ ରୁପାର ମୂଲ୍ୟ ଉପରେ ପ୍ରଭାବ ପକାଇବ

ହଲମାର୍କଯୁକ୍ତ ଅଳଙ୍କାର କିଣିବା ଦ୍ୱାରା ରୁପାର ମୂଲ୍ୟ ଉପରେ କୌଣସି ପ୍ରଭାବ ପଡ଼ିବନାହିଁ, କିନ୍ତୁ ଏହା ଉତ୍ପାଦର ମାନକୁ ନେଇ ଗ୍ରାହକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବ। ଗ୍ରାହକମାନେ ନିଶ୍ଚିତ ହେବେ ଯେ ସେମାନେ ଯେଉଁ ମୂଲ୍ୟ ଦେଉଛନ୍ତି ସେହି ମୂଲ୍ୟର ଅଳଙ୍କାର ପାଉଛନ୍ତି। ଏହା ସେମାନଙ୍କର କ୍ରୟକୁ ମଧ୍ୟ ସୁରକ୍ଷିତ ରଖିବ।

**ଗ୍ରାହକ ପାଇବେ ଶୁଦ୍ଧତାର ଗ୍ୟାରେଣ୍ଟି**

## ଗେମିଂ ବିଲ୍ ବିରୋଧରେ ୩୦ରେ କର୍ଣ୍ଣାଟକ ହାଇକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ଅଗଷ୍ଟ ୩୦ରେ ଅନଲାଇନ୍ ଗେମିଂ କମ୍ପାନୀ ଏ୨୩ର ଆବେଦନର ଶୁଣାଣି କରିବ। ଏହି ଆବେଦନରେ, ଭାରତରେ ଅନଲାଇନ୍ ଟଙ୍କା ଖେଳକୁ ନିଷେଧ କରିବା ପାଇଁ ନୂତନ ଆଇନକୁ ଚ୍ୟାଲେଞ୍ଜ କରାଯାଇଛି। ବରିଷ୍ଠ ଓକିଲ ସି. ଆର୍ଯ୍ୟମା ସୁନ୍ଦରମ୍ ଏବଂ ଧନ୍ୟା ଚିନ୍ନାପ୍ପା ବୁଧବାର କୋର୍ଟରେ ତୁରନ୍ତ ଶୁଣାଣି ପାଇଁ ଏହି ଆବେଦନ ଉପସ୍ଥାପନ କରିଥିଲେ। ଅଗଷ୍ଟ ୨୨ରେ, ଅନଲାଇନ୍ ଗେମିଂ ବିଲ୍ ୨୦୨୫ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଥିଲା। ବର୍ତ୍ତମାନ ଏହା ଏକ ଆଇନରେ ପରିଣତ ହୋଇଛି। ଅଗଷ୍ଟ ୨୧ରେ ରାଜ୍ୟସଭା ଏବଂ ଏହାର ଗୋଟିଏ ଦିନ ପୂର୍ବରୁ ଲୋକସଭା ଅନଲାଇନ୍ ଗେମିଂ ବିଲ୍ ୨୦୨୫ର ପ୍ରମୋସନ୍ ଏବଂ ନିୟନ୍ତ୍ରଣକୁ ମଞ୍ଜୁରୀ ଦେଇଥିଲା। ଏହି ବିଲ୍ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥାପନ କରିଥିଲେ। ଏ୨୩ର ମୂଳ କମ୍ପାନୀ ହେଡ୍ ଡିଜିଟାଲ୍ ୱାର୍କ୍ସ କହିଛନ୍ତି ଯେ ଏହି ଆଇନ ରମି ଏବଂ ପୋକର ଭଳି ଦକ୍ଷତା-ଭିତ୍ତିକ ଖେଳକୁ ମଧ୍ୟ ନିଷେଧ କରେ। ଭାରତରେ, ଗତ ୭୦ ବର୍ଷ ଧରି, ସୁପ୍ରିମକୋର୍ଟ ଏବଂ ଅନେକ ହାଇକୋର୍ଟ ଦକ୍ଷତା-ଭିତ୍ତିକ ଖେଳକୁ ଜୁଆ ଠାରୁ ଭିନ୍ନ ବୋଲି ବିବେଚନା କରିଛନ୍ତି।

**ଅନ୍‌ଲାଇନ୍ ଗେମିଂ କମ୍ପାନୀ ଏ୨୩ କରିଛି ଅଭିଯୋଗ**



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୪୨- ଅଫିମ ଯୁଦ୍ଧ ସମାପ୍ତ।
- ୧୯୦୫- ହକି ଯାଦୁକର ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମ।
- ୧୯୨୨- ପ୍ରଥମ ରେଡିଓ ବିଜ୍ଞାପନ ନ୍ୟୁୟର୍କ ସହରରେ ପ୍ରସାରିତ ହେଲା।
- ୧୯୫୭- ନାଗରିକ ଅଧିକାର ଅଧିନିୟମ ପାରିତ ହେଲା।
- ୧୯୭୪-ଚୌଧୁରୀ ଚରଣ ସିଂହ ଲୋକଦଳ ପାର୍ଟିର ସ୍ଥାପନା କଲେ।
- ୨୦୦୪- ଏଥେନ୍ସ ଅଲିମ୍ପିକ୍ସର ସମାପନ।

# ମା' ହେବେ ପରିଣୀତି

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ରାଘବ ଚଡ୍ଢାଙ୍କ ଘରକୁ ଖୁବ୍‌ଶୀଘ୍ର ନୂଆ ଅତିଥିଙ୍କ ଆଗମନ ହେବାକୁ ଯାଉଛି। ବିବାହର ଦୁଇ ବର୍ଷ ପରେ ମା' ହେବାକୁ ଯାଉଛନ୍ତି ପରିଣୀତି। ଉଭୟ ପରିଣୀତି ଏବଂ ରାଘବ ଏହି ଖୁସି ଖବର ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ଦୁହେଁ ଦୁଇରୁ ତିନି ହେବାକୁ ଯାଉଥିବା କହିଛନ୍ତି। ଅବଶ୍ୟ ସେମାନଙ୍କର ଏହି ଖୁସି ଖବର ସମ୍ପର୍କରେ କପିଲ ଶର୍ମାଙ୍କ ଶୋ'ରୁ ଅନୁମାନ କରାଯାଉଥିଲା। ଶେଷରେ ସେମାନେ ଏକଥା ସମସ୍ତଙ୍କୁ ଜଣାଇଛନ୍ତି। ପରିଣୀତି ତାଙ୍କ ପୋଷ୍ଟରେ କହିଛନ୍ତି, "ଆମର ଛୋଟ ଦୁନିଆ ଏବେ ରାସ୍ତାରେ ଅଛି।" ଶୁଭେଚ୍ଛା ଓ ଆଶୀର୍ବାଦ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ନଜର ନ ଲାଗିବାର ଇମୋଜି ବି ସେୟାର୍ କରିଛନ୍ତି। ସେହିପରି ତାଙ୍କର ଏହି ପୋଷ୍ଟରେ କେକ୍‌ର ଫଟୋ ଅଛି। ଏଥିରେ ୧+୧=୩ ଲେଖାଯିବା ସହ ଛୋଟ ପିଲାର ପାଦ ଚିହ୍ନ ବି ଅଛି। ଏହାସହ ଏଥିରେ ଏକ ଭିଡିଓ ମଧ୍ୟ ରହିଛି। ଯେଉଁଥିରେ ପରିଣୀତି ରାଘବଙ୍କ ହାତ ଧରି ବଗିଚାରେ ଚାଲୁଥିବା ଦେଖାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ଉଭୟଙ୍କ ପରିବାର ଲୋକେ, ସାଙ୍ଗସାଥୀ ଏବଂ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛନ୍ତି।



# ଜାତୀୟ କ୍ରୀଡ଼ା ଦିବସ

ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ 'ଜାତୀୟ କ୍ରୀଡ଼ା ଦିବସ' ଭାବେ ପାଳନ କରାଯାଉଛି। ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ଏହି ଦିବସ ସଚେତନ କରାଇଥାଏ। ଏହାସହ ସ୍ୱାସ୍ଥ୍ୟ ସଚେତନ ଦୃଷ୍ଟିରୁ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ନେଇ ଏହି ଦିବସ ଲୋକଙ୍କୁ ପ୍ରୋତ୍ସାହିତ କରିଥାଏ। ୧୯୦୫ ଅଗଷ୍ଟ ୨୯ରେ ପ୍ରୟାଗରାଜରେ ଧ୍ୟାନଚାନ୍ଦ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୂରା ନାଁ ମେଜର ଧ୍ୟାନଚାନ୍ଦ ସିଂହ। ସେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ୧୯୨୨ ମସିହାରେ ସୈନିକ ଭାବେ ବ୍ରିଟିଶ ସେନାରେ ସାମିଲ ହୋଇଥିଲେ। ୧୯୨୬ରୁ ୧୯୪୮ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ହକି କ୍ୟାରିୟରରେ ଧ୍ୟାନଚାନ୍ଦ ପାଖାପାଖି ୧୮୫ଟି ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୧୯୨୮ର ଆର୍ମଷ୍ଟରଡ୍ୟାମ୍ ଅଲମ୍ପିକ୍ସ, ୧୯୩୨ ମସିହାର ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଓ ୧୯୩୬ ଜର୍ମାନୀର ବର୍ଲିନ ଅଲିମ୍ପିକ୍ସରେ ଲଗାତାର ସେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ। ସେ ତାଙ୍କ ୨୨ ବର୍ଷର କ୍ୟାରିୟରରେ ୪୦୦ରୁ ଅଧିକ ଗୋଲ୍ ଦେଇ ଅପ୍ରତିଦ୍ୱନ୍ଦ୍ୱୀ ପାଲଟିଥିଲେ। କେବଳ ଭାରତ ନୁହେଁ, ସାରା ପୃଥିବୀରେ ତାଙ୍କ ଅଦ୍ୱିତୀୟ ଖେଳର ଅଗଣିତ ପ୍ରଶଂସକ ଥିଲେ। ଅଲମ୍ପିକ୍ସ ସଂଘ ଧ୍ୟାନଚାନ୍ଦଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରିଥିଲା। ହକି ଦୁନିଆରେ ମେଜର ଧ୍ୟାନଚାନ୍ଦ ଯେଉଁ ରୂପରେଖ ପ୍ରସ୍ତୁତ କରିଥିଲେ ତାହା ଅତୁଳନୀୟ। ଏହି ମହାନ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୦୧୨ରେ ତାଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଖେଳ ଜଗତରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଏ।



# ଏଠି ପୁରୁଷଙ୍କ ପ୍ରବେଶ ମନା

ପ୍ରତିଟି ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ତନ୍ମଧ୍ୟରୁ କିଛି ଗାଁ ତାର ପ୍ରାକୃତିକ ଶୋଭାରାଜି ପାଇଁ ଚର୍ଚ୍ଚାରେ ଥିବାବେଳେ ଆଉ କିଛି ତା'ର ବିଚିତ୍ର ପରମ୍ପରା ପାଇଁ ଧ୍ୟାନ ଆକର୍ଷଣ କରିଥାଏ। ଏମିତି ଏକ ଗାଁ' ହେଉଛି କେନିଆର ଉମୋଜା ଉଆସୋ। ଏହି ଗାଁ'ରେ କେବଳ ମହିଳା ବସବାସ କରନ୍ତି। ପୁରୁଷଙ୍କୁ ଏଠାରେ ରହିବାକୁ ଅନୁମତି ମିଳେ ନାହିଁ। ୧୯୯୦ ମସିହାରେ ଗଢ଼ି ଉଠିଥିବା ଏହି ଗାଁ'ଟି କେନିଆର ରାଜଧାନୀ ନାଇରୋବିଠାରୁ ପାଖାପାଖି ୩୮୦ କିଲୋମିଟର ଦୂରରେ ଥିବା ସମ୍ବୁରୁ କାଉଣ୍ଟିରେ ଅବସ୍ଥିତ। ରେବେକା ଲୋଲୋସୋଲି ଏହି ଗାଁର ସ୍ଥାପନା କରିଥିଲେ। ତେବେ ଏହି ଗାଁରେ ମୁଖ୍ୟତଃ ଯୌନ ହିଂସା ତଥା ଦୁର୍ବ୍ୟବହାରର ଶିକାର ହୋଇଥିବା ମହିଳାମାନେ ରହୁଛନ୍ତି। ଏହି ମହିଳାମାନଙ୍କୁ ସେମାନଙ୍କ ପରିବାର ଛାଡ଼ି ଦେଇଛନ୍ତି। ୨୦୧୫ ସୁଦ୍ଧା ଏହି ଗାଁ'ରେ ୪୭ ଜଣ ମହିଳା ଏବଂ ୨୦୦ ଶିଶୁ ଥିଲେ। ଏହି ଗାଁକୁ ପୁରୁଷ ଆସି ପାରିବେ ସତ କିନ୍ତୁ ଏଠାରେ ରହିପାରିବେ ନାହିଁ। ଉମୋଜା ଉଆସୋ ଏବେ ମହିଳା ସଶକ୍ତିକରଣର ଅନନ୍ୟ ଉଦାହରଣ ପାଲଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୧୮ ବର୍ଷରୁ କମ୍ ବୟସର ପୁଅ ଏହି ଗାଁ'ରେ ରହିପାରନ୍ତି। ପୁଅମାନଙ୍କର ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେଲେ ଏଠାରେ ସେମାନଙ୍କୁ ରହିବାକୁ ଅନୁମତି ମିଳେ ନାହିଁ। ଗାଁ'ରେ ରହୁଥିବା ମହିଳାମାନଙ୍କ ସମ୍ବନ୍ଧରେ କୌଣସି ନିଷ୍ପତ୍ତି 'ଟ୍ରି ଅଫ୍ ସ୍ପିଚ୍' ଜରିଆରେ ନିଆଯାଇଥାଏ। ଲୋଲୋସୋଲି ଏହି ଗାଁର ମୁଖିଆ। ଗାଁ'ର ସମସ୍ତ ମହିଳାଙ୍କୁ ସମାନ ଅଧିକାର ଦିଆଯାଇଛି। ଏଠାରେ ରହୁଥିବା ମହିଳାମାନେ ମୁଖ୍ୟତଃ ସମ୍ବୁରୁ ସଂସ୍କୃତିର। ଏମାନେ ବିଭିନ୍ନ ପ୍ରକାରର ମାଳି ବିକି ନିଜ ଗୁଜୁରାଣ ମେଣ୍ଟାନ୍ତି। ଗାଁ'ର ମହିଳାମାନେ ଯୌନଉତ୍ପୀଡ଼ନ, ମହିଳା ବିରୋଧି ସାମାଜିକ ବ୍ୟବସ୍ଥା ଓ ବ୍ୟଭିଚାର ବିରୋଧରେ ନିଜର ସଂଗ୍ରାମ ଜାରି ରଖିଛନ୍ତି।



## ସଞ୍ଜୀବନୀ

### ସ୍ୱାସ୍ଥ୍ୟ ପ୍ରସଙ୍ଗ


# ସ୍କ୍ରୁୱର୍ମ

**ମହାମାରୀ କରୋନା ପରେ ଅନେକ ଭୂତାଣୁଜନିତ ରୋଗ ଦେଖାଯାଉଛି। ତନ୍ମଧ୍ୟରୁ କିଛି ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେଉଥିବାବେଳେ ଆଉ କିଛି ପରଜୀବୀ ଲୋକଙ୍କ ଚିନ୍ତା ବଢ଼ାଏ। ଏହି କ୍ରମେ ଏବେ ଆମେରିକାରେ ସ୍କ୍ରୁୱର୍ମ ରୋଗ ଚିହ୍ନଟ ହୋଇଛି। ୨୦୨୩ ମସିହାରେ ସେଣ୍ଟ୍ରାଲ ଆମେରିକାରେ ଏହି ପରଜୀବୀ ପ୍ରଥମଥର ପାଇଁ ଚିହ୍ନଟ ହୋଇଥିଲା। ପରେ ଏହା ଅନ୍ୟ ଦେଶକୁ ବ୍ୟାପିଥିଲା। ତେବେ ଏହି ପରଜୀବୀ କିପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ ଜାଣନ୍ତୁ।**



ସ୍କ୍ରୁୱର୍ମ ପରଜୀବୀ ରୋଗ 'ନ୍ୟୁ ୱାର୍ଲଡ ସ୍କ୍ରୁଓର୍ମ' ଲାର୍ଭାରୁ ହୋଇଥାଏ। ସ୍କ୍ରୁୱର୍ମ ମାଛିରୁ ବ୍ୟାପୁଥିବା ଏହା ଏକ ପରଜୀବୀ ରୋଗ। ମୁଖ୍ୟ ରୂପେ ଗାଇ, ମଇଁଷି, ଛେଳି, ଆଦିଙ୍କୁ ଏହି ପରଜୀବୀ ସଂକ୍ରମିତ କରିଥାଏ। ଏହା ମଣିଷଙ୍କୁ ମଧ୍ୟ ସଂକ୍ରମଣ କରିପାରେ। ଘା', କଟିଯାଇଥିବା ତଥା ଆମ୍ପୁଡ଼ା ସ୍ଥାନରେ ସ୍କ୍ରୁୱର୍ମ ମାଛି ବହୁତ ଶୀଘ୍ର ପ୍ରଜନନ କରିପାରନ୍ତି। ଗୋଟିଏ ଥରରେ ଏମାନେ ୨୦୦ରୁ ୩୦୦ ଅଣ୍ଡା ଦେଇଥାନ୍ତି। ୧୨ରୁ ୨୪ ଘଣ୍ଟା ପରେ ଅଣ୍ଡା ଫୁଟି ଲାର୍ଭା ବାହାରେ। ଲାର୍ଭାର ପରଜୀବୀ ମଣିଷର ଘା' ଭିତରେ ବ୍ୟାପି ଜୀବିତ ଟିସୁକୁ ଖାଇବା ଆରମ୍ଭ କରି ଦିଅନ୍ତି। ଯାହାଦ୍ୱାରା ଘା' ଅଧିକ ବଡ଼ ଏବଂ ଗଭୀର ହୋଇଯାଏ। ଏହା ସମୟ କ୍ରମେ ବିପଜ୍ଜନକ ହୋଇପାରେ। ବିଶେଷ କଥା ହେଉଛି, ପରଜୀବୀ ପ୍ରବେଶ କରିବା ପରେ ଶରୀରରେ କିଛି ଲକ୍ଷଣ ଯଥା- ଘା' ସ୍ଥାନଟି ଯନ୍ତ୍ରଣା ଲାଗିବା, ସେହି ସ୍ଥାନଟି ଫୁଲି କରି ଲାଲ୍ ପଡ଼ିବା, କିମ୍ବା ଘା'ରୁ ଦୁର୍ଗନ୍ଧ ଆସିଥାଏ। ସାଧାରଣତଃ ଏହି ମାମଲା ଖୁବ୍ କମ୍ ଦେଖାଯାଏ। ତେଣୁ ଲକ୍ଷଣ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରିବା ଜରୁରି। ଲାର୍ଭାକୁ ହଟାଇ ଘା'କୁ ସଫା କରିବା ତଥା ପ୍ରାରମ୍ଭିକ ଉପଚାର ଦ୍ୱାରା ଏହି ରୋଗର ଗମ୍ଭୀରତା ହ୍ରାସ ପାଇପାରେ।

# ଏଲ୍‌ଏଫ୍‌ଟି ଟେଷ୍ଟ



**ଯକୃତ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଖାଦ୍ୟ ହଜମ କରିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରି କରିଥାଏ। ତେଣୁ ଜଣେ ସୁସ୍ଥ ରହିବାକୁ ହେଲେ ଯକୃତ ସକ୍ରିୟ ଓ କାର୍ଯ୍ୟକ୍ଷମ ରହିବା ଜରୁରି। ହେଲେ ଅଧୁନା ଭୁଲ୍ ଖାଦ୍ୟପେୟ ଓ ଜୀବନଶୈଳୀ ଯୋଗୁଁ ଯକୃତ ଉପରେ ଖରାପ ପ୍ରଭାବ ପଡ଼ୁଛି। ଫ୍ୟାଟି ଲିଭର, କାମଳ, ଲିଭର ସିରୋସିସ୍ ଆଦି ସମସ୍ୟା ଚିନ୍ତା ବଢ଼ାଉଛି। ସେହିପରି କେତେ ଗୁଡ଼ିଏ ଔଷଧ ସେବନ ଦ୍ୱାରା ଏହାର ପାର୍ଶ୍ୱପ୍ରତିକ୍ରିୟାରେ ଯକୃତ ପ୍ରଭାବିତ ହୋଇ କାମଳ ଆଦି ରୋଗ ହୋଇଥାଏ। ତେଣୁ ଯକୃତର ସୁସ୍ଥତା ତଥା ଏହାର କାର୍ଯ୍ୟକ୍ଷମ ବିଷୟରେ ଜାଣିବାକୁ ଯକୃତ କାର୍ଯ୍ୟକ୍ଷମତା ପରୀକ୍ଷଣ ତଥା ଲିଭର ଫଙ୍କସନ ଟେଷ୍ଟ (ଏଲ୍‌ଏଫ୍‌ଟି) ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷଣ।**

ଯକୃତ ଜନିତ ରୋଗ, କାମଳ, ଭୂତାଣୁ ସଂକ୍ରମଣ, ମୋଟାପା, ମଧୁମେହ, ପରିସ୍ରା ଓ ମଳରେ ରଙ୍ଗ ପରିବର୍ତ୍ତନ, ଲଗାତାର ଥକ୍କାପଣ ଅନୁଭବ କରୁଥିଲେ, ବାନ୍ତି, ଯକୃତ କର୍କଟ, ଗଲ ବ୍ଲଡର କର୍କଟ ଆଦି ସମସ୍ୟାରେ ପୀଡ଼ିତଙ୍କୁ ଡାକ୍ତର ଏଲ୍‌ଏଫ୍‌ଟି ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି। ବଂଶାନୁଗତ, ତଥା ଯକୃତ ଜନିତ ରୋଗ ଥିଲେ ଏଲ୍‌ଏଫ୍‌ଟି ଟେଷ୍ଟକୁ ଡାକ୍ତରଙ୍କ ପରାମର୍ଶକ୍ରମେ ସାଧାରଣ ଟେଷ୍ଟରେ ସାମିଲ କରିପାରିବେ। ବିଶେଷ କରି ନୂଆ ଔଷଧ ଖାଇବା ଆରମ୍ଭ କରିଲେ, ଏହା ଯକୃତକୁ ପ୍ରଭାବିତ କରିପାରେ। ତେଣୁ ଡାକ୍ତର ଏଲ୍‌ଏଫ୍ ଟି କରିବାକୁ ପରାମର୍ଶ ଦିଅନ୍ତି। ଏହି ଟେଷ୍ଟ ଯକୃତ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟପ୍ରଣାଳୀ ପାଇଁ ଏକ ରକ୍ତ ପରୀକ୍ଷଣ। ଏହି ପରୀକ୍ଷାରୁ ରକ୍ତରେ ଏଲବ୍ୟୁମିନ୍ (ପ୍ରୋଟିନ୍), ବିଲିରୁବିନ (ଅପଶିଷ୍ଟ ପଦାର୍ଥ) ଏବଂ ଏଞ୍ଜାଇମ୍ ଯାଞ୍ଚ କରାଯାଇଥାଏ। ରକ୍ତରେ ବିଲିରୁବିନ ମାତ୍ରା ଅଧିକ ହେଲେ ଯକୃତ କାର୍ଯ୍ୟକ୍ଷମତା ହ୍ରାସ ପାଏ। ଏଲବ୍ୟୁମିନ୍ କମ୍ ହେଲେ, ଗୋଡ଼, ପେଟ, ମୁହଁ ଫୁଲିବା ସହିତ ଯକୃତ ପ୍ରଭାବିତ ହୁଏ। ଏଞ୍ଜାଇମ୍ କମ୍ ବେଶୀ ହେଲେ ଯକୃତ ପ୍ରଭାବିତ ହେବ। ତେଣୁ ଏହି ଟେଷ୍ଟ ଦ୍ୱାରା ଯକୃତ ଠିକ୍ ଭାବେ କାମ କରୁଛି କି ନାହିଁ ଜଣା ପଡ଼ିଥାଏ। ଯକୃତ ରୋଗ, ହେପାଟାଇଟିସ୍, ଲିଭର ସିରୋସିସ୍, ଫ୍ୟାଟି ଲିଭର ତଥା ଔଷଧର ପାର୍ଶ୍ୱପ୍ରତିକ୍ରିୟାକୁ ଜାଣିବାରେ ଏହା ସାହାଯ୍ୟ କରେ। ଏହାଦ୍ୱାରା କେବଳ ରୋଗର ପ୍ରାରମ୍ଭିକ ସ୍ଥିତି ଜାଣିହୁଏ ତାହା ନୁହେଁ, ଯକୃତ ସୁସ୍ଥତା ବିଷୟରେ ଜଣାପଡ଼ିଥାଏ।

# ନିମ୍ନ ରକ୍ତଚାପ ଆୟୁର୍ବେଦ ଉପଚାର



**ଉଚ୍ଚ ରକ୍ତଚାପ ପରି ନିମ୍ନ ରକ୍ତଚାପ ମଧ୍ୟ ଏକ ସ୍ୱାସ୍ଥ୍ୟଗତ ସମସ୍ୟା। ସ୍ୱାଭାବିକ ରକ୍ତଚାପ ହେଉଛି ୧୨୦/୮୦ ଏମ୍‌ଏମ୍‌ଏଚଜି। ଏଥିରୁ କମ୍ ହୋଇଗଲେ, ତାହାକୁ ନିମ୍ନ ରକ୍ତଚାପ ବୋଲି କୁହାଯାଏ। ତେବେ ଏହାର ଆୟୁର୍ବେଦ ଉପଚାର ସମ୍ବନ୍ଧରେ ଜାଣିବା।**

ନିମ୍ନ ରକ୍ତଚାପ ଯୋଗୁଁ ଝାପ୍ସା ଦେଖାଯିବା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ଅବସାଦ, ଥକ୍କା ଅନୁଭବ, ଥଣ୍ଡା ଲାଗିବା, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ। ଏହା ଷ୍ଟ୍ରୋକ୍ ଓ ହୃଦ୍‌ଜନିତ ରୋଗ ଆଶଙ୍କାକୁ ବୃଦ୍ଧି କରାଏ। ତେଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହିତ ଖାଦ୍ୟରେ ଲୁଣ ମାତ୍ରା ବଢ଼ାଇବା, ଲୁଣ ପାଣି ପିଇବା, ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଜରୁରି। ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଆବଶ୍ୟକ। ଲେମ୍ବୁ ପାଣି ସ୍ୱାସ୍ଥ୍ୟ ପକ୍ଷେ ହିତକର।

- ରକ୍ତଚାପ ନିୟନ୍ତ୍ରଣରେ ତୁଳସୀ ପତ୍ର, ଅଦା, ଅର୍ଜୁନ ଗଛର ଛେଲି, ସୈନ୍ଧବ ଲୁଣ ବେଶ ସହାୟକ ହୁଏ। ରାତିରେ କିଛି କିସ୍ ମିସ୍‌କୁ ପାଣିରେ ଭିଜାଇ ପରଦିନ ସକାଳେ ଖାଲିପେଟରେ ସେହି ପାଣି ପିଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରୁହେ। ଅଦା କିମ୍ବା ଅର୍ଜୁନ ଛେଲି ପ୍ରସ୍ତୁତ ଚା' ପିଇବା ହିତକର।
- ଏକ ଚାମଚ ଅଶ୍ୱଗନ୍ଧା ଚୂର୍ଣ୍ଣକୁ କ୍ଷୀରରେ ମିଶାଇ ପିଇଲେ ନିମ୍ନ ରକ୍ତଚାପ ହ୍ରାସ ପାଏ।
- ଶ୍ୱେତ ମୁଷଳୀ ଚୂର୍ଣ୍ଣକୁ ତିନି ଗ୍ରାମ ଉଷୁମ କ୍ଷୀରରେ ମିଶାଇ ଦିନକୁ ଦୁଇବେଳା ସେବନ କଲେ ନିମ୍ନ ରକ୍ତଚାପରେ ଉପକାର ହୁଏ। ସେହିପରି ସତାବରୀ ଚୂର୍ଣ୍ଣ ଦୁଇରୁ ପାଞ୍ଚ ଗ୍ରାମ ମାତ୍ରାରେ କ୍ଷୀର କିମ୍ବା ଉଷୁମ ପାଣିରେ ସେବନ କଲେ ହିତକର ହୋଇଥାଏ। କାକୁଡ଼ି, ତରଭୁଜ, ବିଟ୍, ଗାଜରର ରସକୁ ବାହାର କରି ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଶହେ ମିଲି ମାତ୍ରାରେ ସକାଳେ ଓ ସନ୍ଧ୍ୟାରେ ପାନ କଲେ ନିମ୍ନ ରକ୍ତଚାପରେ ହିତକର ହୋଇଥାଏ। ଦିନରେ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଓ ନିଦ ପୂରା କରିବା ଆବଶ୍ୟକ।

# ଅବସାଦ ଦୂର କରିବ ମ୍ୟାଜିକ୍ ଛତୁ



ଅବସାଦ ଏକ ପ୍ରକାର ମାନସିକ ରୋଗ। ଏହା ଉଭୟ ମନ ଓ ଶରୀର ଉପରେ ପ୍ରଭାବ ପକାଇଥାଏ। ଅବସାଦ ଦୂର ପାଇଁ ନାନା ଚିକିତ୍ସା ପଦ୍ଧତି ରହିଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, କର୍କଟ ପିଡ଼ୀତଙ୍କୁ ଚିକିତ୍ସା ସମୟରେ 'ମ୍ୟାଜିକ୍ ଛତୁ' ଦ୍ୱାରା ଅବସାଦ ଦୂର ହେବ ବୋଲି ଆମେରିକାର ଗବେଷକମାନେ ଜାଣିବାକୁ ପାଇଛନ୍ତି। ଏହି ଛତୁରେ ମିଳୁଥିବା ସ୍ୱତନ୍ତ୍ର ଏନ୍‌ଜାଇମ୍ ସାଇଲୋସାଇବିନ୍ କର୍କଟ ରୋଗୀଙ୍କଠାରେ ଅବସାଦ, ଭୟ ଏବଂ ଚିନ୍ତା କମ୍ କରିବାକୁ ଖୁବ୍ ପ୍ରଭାବୀ। ସାଇଲୋସାଇବିନ୍ ମସ୍ତିଷ୍କରେ ଏପରି ପରିବର୍ତ୍ତନ ଘଟାଇଥାଏ, ଯାହା ଦ୍ୱାରା ଅବସାଦ ଏବଂ ଚିନ୍ତା ଆଦି ସମସ୍ୟା ହ୍ରାସ ପାଇଥାଏ। ଏନେଇ ଆମେରିକାର କ୍ୟାନସର ସୋସାଇଟ୍‌ର ପତିକ୍ରା ୱିଲୀ ଅନ୍‌ଲାଇନ୍ ଇନ୍ କ୍ୟାନସରରେ ପ୍ରକାଶିତ ହୋଇଛି। ସାଇଲୋସାଇବିନ୍‌ର ପ୍ରଭାବକୁ ବୁଝିବାକୁ ଗବେଷକମାନେ ଦୁଶ୍ଚିନ୍ତା ଦେଇ ଗତି କରୁଥିବା ୨୮ ଜଣ କର୍କଟ ପିଡ଼ୀତଙ୍କ ଉପରେ କ୍ଲିନିକାଲ୍ ପରୀକ୍ଷା କରିଥିଲେ। ବରିଷ୍ଠ ମନସ୍ତତ୍ତ୍ୱବିତ୍‌ଙ୍କ ତତ୍ତ୍ୱାବଧାନରେ ପିଡୀତଙ୍କୁ ୨୫ ମିଲି ଗ୍ରାମ୍ ସାଇଲୋସାଇବିନ୍‌ର ଏକ ଡୋଜ୍ ଦିଆଯାଇଥିଲା। ଏଥିରୁ ସେମାନେ ମାନସିକ ଦୁଶ୍ଚିନ୍ତାରୁ ସାମାନ୍ୟ ରକ୍ଷା ପାଇଥିବା ଦେଖାଗଲା। ଗବେଷଣାର ମୁଖ୍ୟ ଡାକ୍ତର ମନୀଷ ଅଗ୍ରୱାଲ କୁହନ୍ତି, ଥରକରେ ସାଇଲୋସାଇବିନ୍ ଥେରାପି ଦ୍ୱାରା ଉଦାସୀନତାରୁ ଆରାମ ମିଳିବା ଆନନ୍ଦର ବିଷୟ। ଯଦି ଏହି ଚିକିତ୍ସା ପୁନରାବୃତ୍ତି କରାଯାଏ, ତେବେ ଏହା ଆହୁରି ଅଧିକ ରୋଗୀଙ୍କୁ ଚିନ୍ତାରୁ ମୁକ୍ତ କରିପାରି କି ନାହିଁ ତାହା ଜାଣିବାକୁ ଗବେଷକମାନେ ପ୍ରୟାସ କରୁଛନ୍ତି। ଯଦି ସମାନ ଭାବରେ ଫଳାଫଳ ଦେଖାଏ, ଚିକିତ୍ସା ପାଇଁ ଏହାର ବ୍ୟବହାର ଅଧିକ ହେବ। ଅନ୍ୟପଟେ ଗବେଷକଙ୍କ ମତରେ ସାଇଲୋସାଇବିନକୁ ଡାକ୍ତରଙ୍କ ବିନା ପରାମର୍ଶରେ ବ୍ୟବହାର କରିବା ବିପଜ୍ଜନକ ହୋଇପାରେ।

### ଆଜିଠାରୁ ଏସିଆ କପ୍ ହକି

# ଟାଇଟଲ୍ ଜିତିଲେ ବିଶ୍ୱକପ୍ ଲାଗି ଯୋଗ୍ୟତା




ରାଜଗିର,୨୮।୮ (ଏଜେନ୍ସି): ବିହାରର ରାଜଗିରଠାରେ ଆସନ୍ତାକାଲିଠାରୁ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଯେଉଁ ଦଳ ଚାମ୍ପିଅନ ହେବ ସେହିଦଳ ସିଧାସଳଖ ୨୦୨୬ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଥିଲାଗି ବିହାରରେ ପ୍ରଥମଥର ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ନିକଟରେ ଏଫ୍‌ଆଇଏଚ୍ ଲିଗ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇ ନିରାଶା ସୃଷ୍ଟିକରିଥିବା ଭାରତ ଏଠାରେ ଚାମ୍ପିଅନ ହେବା ସହ ଏହି ନିରାଶାକୁ ଦୁରେଇବାକୁ ଚେଷ୍ଟା କରିବ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଖରାପ ପ୍ରଦର୍ଶନ ଯୋଗୁଁ ଭାରତ ବିଶ୍ୱ ମାନ୍ୟତାରେ ୭ମ ସ୍ଥାନକୁ ଖସିଆସିଛି। ଏଣୁ ଦଳ ତାହାର ଆତ୍ମବିଶ୍ୱାସ ଫେରିପାଇବା ଲାଗି ନିଶ୍ଚିତଭାବେ ଏଠାରେ ଭଲ ଖେଳିବ ବୋଲି ଆଶା କରାଯାଉଛି। ହେଡ୍ କୋଚ୍ କ୍ରେଗ୍ ଫୁଲଟନ ଓ ଆହତ ସମସ୍ୟାରୁ ମୁକୁଳିଥିବା ଅଧିନାୟକ ହରମନପ୍ରୀତ୍ ସିଂହ ଭଲ ପ୍ରଦର୍ଶନ କରିବାକୁ ପ୍ରବଳ ଚାପରେ ରହିଛନ୍ତି। 'ଚଳିତବର୍ଷର ଏହା ଆମଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ' ବୋଲି କହନ୍ତି ଫୁଲଟନ୍। ପ୍ରୋ-ଲିଗ୍‌ରେ ବିପର୍ଯ୍ୟୟ ସାମୟିକ ଥିଲା କିମ୍ବା ଭାରତୀୟ ଦଳ ବଡ଼ ଟୁର୍ଣ୍ଣାମେଣ୍ଟ ଲାଗି ପ୍ରସ୍ତୁତ ତାହା ଏଠାରେ ଦେଖାଇବାକୁ ହେବ। ଏସିଆ ମହାଦେଶରେ ଏକ ଶକ୍ତିଶାଳୀ ଦେଶ ହୋଇଥିଲେ ମଧ୍ୟ ଭାରତ ମାତ୍ର ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ଭାରତୀୟ ଦଳରେ ଓଡ଼ିଶାର ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଥିଲାବେଳେ ନୀଲମ ସଞ୍ଜୀପ ଖେସ ରିଜର୍ଭ ଖେଳାଳି ରହିଛନ୍ତି।

ଚଳିତଥର ଏସିଆ କପ୍‌ରୁ ପାକିସ୍ତାନ ଓହରିଯିବା ପରେ ଏହାର ଚମକ କମିଛି। ପାକିସ୍ତାନ ସହ ଓମାନ ମଧ୍ୟ ଓହରିଯାଇଥିଲା। ସେମାନଙ୍କ ସ୍ଥାନରେ ବାଂଲାଦେଶ ଓ କାଜାଖସ୍ଥାନ ସାମିଲ ହୋଇଛନ୍ତି। ଏଥର ୮ଟି ଦଳ ଏସିଆ କପ୍ ଖେଳିବେ। ଏହି ଦଳଗୁଡ଼ିକୁ ଦୁଇଟି ପୁଲ୍‌ରେ ଭାଗ କରାଯାଇଛି। ପୁଲ୍-ଏ'ରେ ଭାରତ ଜାପାନ, ଚୀନ୍ ଓ କାଜାଖସ୍ଥାନ ସ୍ଥାନ ପାଇଛି। ପୁଲ୍-ବି'ରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ, ମାଲେସିଆ, ଚାଇନିଜ୍ ତାଇପେ ଓ ବାଂଲାଦେଶ ରହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯିବ। ସର୍ବାଧିକ ପଏଣ୍ଟ ପାଇଥିବା ୨ଟି ଲେଖାଏଁ ଦଳ ପ୍ରତ୍ୟେକ ଗ୍ରୁପରୁ ସୁପର-୪'କୁ ଉନ୍ନୀତ ହେବେ। ସୁପର-୪'ରେ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ଏଥିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବ ଦଳ ଫାଇନାଲ ଓ ଅନ୍ୟ ଦୁଇ ଦଳ ତୃତୀୟ ସ୍ଥାନ ଲାଗି ମୁକାବିଲା କରିବେ। ସେପ୍ଟେମ୍ବର ୭ରେ ଫାଇନାଲ ମୁକାବିଲା ହେବ।

#### ପ୍ରସାରଣ

ଟେଲିଭିଜନ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ, ଲାଇଭ୍ ଷ୍ଟ୍ରିମିଂ: ସୋନି ଲାଇଭ୍, ୱାର୍ଚ୍.ହକି ଆପ ଓ ୱେବସାଇଟ୍

#### ଖେଳସୂଚୀ (ଲିଗ୍ ପର୍ଯ୍ୟାୟ)

**ଅଗଷ୍ଟ ୨୯, ଶୁକ୍ରବାର**
ମାଲେସିଆ-ବାଂଲାଦେଶ, ସକାଳ ୯ଟା
ଦ.କୋରିଆ-ତାଇପେଇ, ପୂର୍ବାହ୍ଣ ୧୧ଟା
ଜାପାନ- କାଜାଖସ୍ଥାନ, ଅପରାହ୍ଣ ୧ଟା
ଭାରତ- ଚୀନ, ଅପରାହ୍ଣ ୩ଟା

**ଅଗଷ୍ଟ ୩୦, ଶନିବାର**
ବାଂଲାଦେଶ-ତାଇପେ, ଅପରାହ୍ଣ ୧ଟା
ଦ.କୋରିଆ-ମାଲେସିଆ, ଅପରାହ୍ଣ ୩ଟା

**ଅଗଷ୍ଟ ୩୧, ରବିବାର**
ଚୀନ୍- କାଜାଖସ୍ଥାନ, ଅପରାହ୍ଣ ୧ଟା
ଭାରତ- ଜାପାନ, ଅପରାହ୍ଣ ୩ଟା

**ସେପ୍ଟେମ୍ବର ୧, ସୋମବାର**
ଦ.କୋରିଅ-ବାଂଲାଦେଶ, ଅପରାହ୍ଣ ୧.୩୦
ମାଲେସିଆ-ତାଇପେଇ, ଅପରାହ୍ଣ ୩.୩୦
ଜାପାନ- ଚୀନ, ସନ୍ଧ୍ୟା ୫ଟା ୩୦
ଭାରତ- କାଜାଖସ୍ଥାନ, ରାତି ୭.୩୦

**ସେପ୍ଟେମ୍ବର ୩ରୁ ୬, ବୁଧରୁ ଶନିବାର**
ସୁପର-୪ ମ୍ୟାଚ୍

**ସେପ୍ଟେମ୍ବର ୭, ରବିବାର**
ଫାଇନାଲ।

#### ଭାରତୀୟ ଦଳ

ଗୋଲ୍‌କିପର: କ୍ରିଷନ ବାହାଦୂର ପାଠକ, ସୂରଜ କରକେରା, ଡିଫେଣ୍ଡର: ସୁମିତ, ଜରମନପ୍ରୀତ୍ ସିଂହ, ସଞ୍ଜୟ, ହରମନପ୍ରୀତ୍ ସିଂହ (ଅଧିନାୟକ), ଅମିତ୍ ରୋହିଦାସ ଓ ଯୁବରାଜ ସିଂହ, ମିଡ୍‌ଫିଲ୍ଡର: ରାଜିନ୍ଦର ସିଂହ, ରାଜକୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ ଓ ବିବେକ ସାଗର ପ୍ରସାଦ, ଫର୍‌ୱାର୍ଡ: ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ।

ରିଜର୍ଭ ଖେଳାଳି: ନୀଲମ ସଞ୍ଜୀପ ଖେସ ଓ ସେଲଭାମ କାର୍ତ୍ତି।

#### ରକ୍ଷଣଭାଗକୁ ନେଇ ଚିନ୍ତାରେ ଭାରତ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଅନେକ କିଛି ପ୍ରମାଣିତ କରିବାକୁ ଅପେକ୍ଷା କରିଛି। ବିଶେଷ କରି ପ୍ରୋ-ଲିଗ୍‌ରେ ଭାରତ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇଥିଲାବେଳେ ଦଳ ଖେଳିଥିବା ୮ଟି ମ୍ୟାଚ୍‌ରେ ୨୬ଟି ଗୋଲ ବରଣ କରିଛି। ଗୋଲରକ୍ଷକ ଶ୍ରୀଜେଶଙ୍କ ଅବସର ଓ ଆହତଯୋଗୁ ହରମନପ୍ରୀତ୍ ସିଂହଙ୍କ ଅନୁପସ୍ଥିତିରେ ଦଳକୁ ଏହି ଦଶା ଭୋଗିବାକୁ ପଡ଼ିଛି। ଏଥିଲାଗି କୋଚ୍ କ୍ରେଗ୍ ଫୁଲଟନ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଏହି ଦଳ ଗଠନ କରିଛନ୍ତି। ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାକୁ ନେଇ କଷ୍ଟ କରିବାକୁ ହେବ। ହରମନପ୍ରୀତ୍ ଏବେ ଦଳକୁ ଫେରିବା ପରେ ରକ୍ଷଣଭାଗ ଖେଳରେ ଉନ୍ନତି ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗୋଲରକ୍ଷକ ସୁରଜ କରକେରା ଓ କ୍ରିଷନ ପାଠକଙ୍କୁ ଭଲ ଖେଳ ଦେଖାଇବାକୁ ହେବ।

## ପ୍ରଥମଥର ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବ ପାକିସ୍ତାନ

ଲାଉସାନେ, ୨୮।୮ (ଏଜେନ୍ସି): ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପାକିସ୍ତାନ ପ୍ରଥମଥର ଅଂଶଗ୍ରହଣ କରିବ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ୨୦୨୫-୨୬ ସିଜନରେ ପାକିସ୍ତାନ ଦଳ ଭାଗନେବ ବୋଲି ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ ଗୁରୁବାର ସ୍ପଷ୍ଟ କରିଛନ୍ତି। ଏଫ୍‌ଆଇଏଚ୍ ନେସନ୍ସ କପ୍‌ର ୨୦୨୪-୨୫ ସିଜନରେ ଚାମ୍ପିଅନ ହୋଇଥିବା ନ୍ୟୁଜିଲାଣ୍ଡ ଆଗାମୀ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ପ୍ରୋ ଲିଗ୍‌ରେ ଭାଗନେବାକୁ ମନା କରିଦେବା ପରେ ନେସନ୍ସ କପ୍ ରନର୍ସଅପ୍ ଦଳ ପାକିସ୍ତାନ ସ୍ୱୟଂଚାଳିତ ଭାବେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ପାକିସ୍ତାନ ପୂର୍ବରୁ ୩ଥର ଅଲିମ୍ପିକ ଓ ୪ଥର ହକି ବିଶ୍ୱକପ୍ ବିଜୟୀ ହୋଇଛି। ତେଣୁ ପ୍ରଥମଥର ଲାଗି ଏଲିଟ୍ ହକି ଟୁର୍ଣ୍ଣାମେଣ୍ଟ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଏହା ଆହୁରି ରୋମାଞ୍ଚ ହେବ ବୋଲି ଇକ୍ରାମ ଆଶାବାଦୀ ରହିଛନ୍ତି। ଏଥିସହ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଥର ମୁକାବିଲା ହେବା ସ୍ପଷ୍ଟ ହୋଇଛି। ଭାରତ ଓ ପାକିସ୍ତାନ ସମେତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡସ ଓ ସ୍ପେନ ପ୍ରୋ ଲିଗ୍‌ର ୨୦୨୫-୨୬ ସିଜନରେ ଅଂଶଗ୍ରହଣ କରିବେ। ଚାମ୍ପିଅନ ଦଳ ୨୦୨୮ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।

#### • ଦୁଲୀପ୍ ଟ୍ରଫି କ୍ରିକେଟ

## ମନୀଷଙ୍କୁ ୩ ୱିକେଟ, ଉତ୍ତରାଞ୍ଚଳ ୩୦୮ / ୬

ବେଙ୍ଗାଲୁରୁ,୨୮।୮ (ଏଜେନ୍ସି): ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ କ୍ୱାର୍ଟର ଫାଇନାଲର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୦୮ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ୱିକେଟରକ୍ଷକ କହ୍ନେୟା ୱାଧାୱାନ୍ ୪୨ ଓ ମୟଙ୍କ ଡାଗର ୨୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ବଦୋନୀ ୬୩, ନିଶାନ୍ତ ସିନ୍ଧୁ ୪୭, ଯଶ ଧୂଲ ୩୯, ଅଧିନାୟକ ଅଙ୍କିତ କୁମାର ୩୦ ରନ୍ କରିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ୨୨ ବର୍ଷୀୟ ଝାଡଖଣ୍ଡର ବାମହାତୀ ସ୍ପିନର ମନୀଷ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ମହମ୍ମଦ୍ ସାମି, ସୁରଜ ସିନ୍ଧୁ ଜୟସ୍ୱାଲ ଓ ମୁକ୍ତାର ହୁସେନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ମୁକେଶ କୁମାରଙ୍କ ମାଂସପେଶୀ ଟାଣି ହୋଇଯାଇଥିବାରୁ ସେ ୧୧.୫ ଓଭର ପରେ ଆଉ ବୋଲିଂ କରି ନ ଥିଲେ। ପୂର୍ବରୁ ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କୁ ଜ୍ୱର ହେବାରୁ ସେ ଏହି ମ୍ୟାଚ୍‌ରୁ ଓହରି ଯାଇଥିଲେ ଓ ରିୟାନ ପରାଗ ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିଲେ। ଏହି ମ୍ୟାଚ୍ ଲାଗି ଓଡ଼ିଶାରୁ ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ମନୋନୀତ ହୋଇଥିଲେ ମଧ୍ୟ କାହାରିକୁ ଖେଳିବାର ସୁଯୋଗ ମିଳି ନ ଥିଲା।

**ମାଲେୱର, ପାଟିଦାରଙ୍କ ଶତକ:** ଏଠାରେ ଅନୁଷ୍ଠିତ ଉତ୍ତରପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା କେନ୍ଦ୍ରାଞ୍ଚଳ ୨ ୱିକେଟରେ ୪୩୨ ରନ୍ କରିଛି। ଦଳ ପକ୍ଷରୁ ବିଦର୍ଭ ଖେଳାଳି ଡାନିସ ମାଲେୱର ସର୍ବାଧିକ ୧୯୮ ରନ୍ କରି ଅପରାଜିତ ଅଛନ୍ତି। ସେହିପରି ଆହତ ଧ୍ରୁବ ଜୁରେଲଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ରଜତ ପାଟିଦାର ୧୨୫ ରନ୍ କରିଛନ୍ତି। ଯୁବ ୱିକେଟ ରକ୍ଷକ ଆର୍ଯ୍ୟନ ଜୁୟାଲ ୬୦ ରନ୍ କରି ରିଟାୟର୍ଡ ହର୍ଟ ହୋଇଛନ୍ତି। ଓପନର ଆୟୁଷ ପାଣ୍ଡେ ୩ ରନ୍‌ରେ ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ।

## ଆଜିଠୁ ପ୍ରୋ କବାଡ଼ି ଲିଗ୍-୧୨

ଭାଇଜାଗ, ୨୮।୮ (ଏଜେନ୍ସି): ଲୋକପ୍ରିୟ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ବିଶ୍ୱନାଧ ସ୍ପୋର୍ଟ୍ସ କ୍ଲବରେ ତାମିଲ ଥଲାଇଭାସ ଓ ତେଲଗୁ ଟାଇଟାନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେହିଭଳି ଦିବସର ୨ୟ ମୁକାବିଲାରେ ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପାଲଟନ୍ ପରସ୍ପରକୁ ଭେଟିବେ। ଏଥର ୧୨ଟି ଦଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଅନ୍ୟ ଅଂଶଗ୍ରହଣକାରୀ ଦଳ ହେଲେ ଜୟପୁର ପିଙ୍କ ପାନ୍ଥର୍ସ, ବେଙ୍ଗଲ ୱାରିୟର୍ସ, ପାଟନା ପାଇରେଟ୍ସ, ୟୁପି ଯୋଦ୍ଧାସ, ୟୁ ମୁମ୍ବା, ଦବଙ୍ଗ ଦିଲ୍ଲୀ, ଗୁଜରାଟ ଜାଏଣ୍ଟ୍ସ ଓ ହରିୟାଣା ଷ୍ଟିଲର୍ସ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଭାଏଜାଗ୍ ଲେଗ୍ ଅନୁଷ୍ଠିତ ହେବ। ଏହାପରେ ଜୟପୁର (ସେପ୍ଟେମ୍ବର ୧୨ରୁ ୨୮), ଚେନ୍ନଇ (ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୧୦) ଓ ନୂଆଦିଲ୍ଲୀ (ଅକ୍ଟୋବର ୧୧ରୁ ଅକ୍ଟୋବର ୨୩) ରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

#### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ଗୋବିନ୍ଦଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଓଡ଼ିଶା ବିଜୟୀ

କଟକ,୨୮।୮ (ସମିସ): ଚେନ୍ନଇର ଅନୁଷ୍ଠିତ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୧୧୮ ରନରେ ବିଜୟୀ ହୋଇଛି। ୪୫ ଓଭରରେ ୨୨୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଜମ୍ମୁ ଓ କଶ୍ମୀର ୧୦୬ ରନରେ ଅଲ୍‌ଆଉଟ ହୋଇଥିଲା। ଉଭୟ ପାଳିରେ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ମୋଟ ୫ଟି ୱିକେଟ ଦଖଲ କରିଥିବା ଗୋବିନ୍ଦ ପୋଦ୍ଦାର ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ତେବେ ମୋଟ ୩ଟି ମ୍ୟାଚ୍‌ରୁ ୨ଟି ପରାଜୟ ଓ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିବା ଓଡ଼ିଶା ୬ ପଏଣ୍ଟ ସହ ଟେବଲର ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତାରୁ ବିଦା ହୋଇଛି। ଓଡ଼ିଶାର ପ୍ରଥମ ପାଳି ୩୧୪ ରନ ଜବାବରେ ଜମ୍ମୁ ଓ କଶ୍ମୀର ୩୩୦ ରନ ସଂଗ୍ରହ କରିବା ସହ ୧୬ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ୨ୟ ଇନିଂସରେ ଓଡ଼ିଶା ୨୪୦ ରନରେ ଅଲଆଉଟ ହୋଇଥିଲା। ଓପନର ବିନୟ ପାଇକରାୟ ୨୦, ଶୁଭ୍ରାଂଶୁ ଶେଖର ସେନାପତି ୫୫, ଗୋବିନ୍ଦ ପୋଦ୍ଦାର ୭୨ ରନର ଦ୍ରୁତ ପାଳି ଖେଳିଥିଲେ। ଅନିଲ ପରିଡାଙ୍କ ୨୮ ଓ ସୟଦ ଟି ଅହମ୍ମଦଙ୍କ ୨୭ ରନର ଉପଯୋଗୀ ପାଳି ବଳରେ ଓଡ଼ିଶା ୨୪୦ ରନରେ ଅଲଆଉଟ ହୋଇଥିଲା। ଜମ୍ମୁ ଓ କଶ୍ମୀରର ବଂଶଜ ଶର୍ମା ୩ଟି ୱିକେଟ ଦଖଲ କରିଥିଲେ। ତେବେ ମୁସୈଫ ଅଜିଜ(୪୭ରନ)ଙ୍କୁ ବାଦ ଦେଲେ ଜମ୍ମୁ ଓ କଶ୍ମୀରର ଅନ୍ୟ କୌଣସି ବ୍ୟାଟର ଦୀର୍ଘ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ଫଳରେ ଦ୍ୱିତୀୟ ପାଳିରେ ଦଳ ୧୦୬ ରନରେ ସୀମିତ ରହିଥିଲା। ଓଡ଼ିଶା ନିମନ୍ତେ ପ୍ରଥମଥର ବରିଷ୍ଠ ଦଳରେ ସ୍ଥାନ ପାଇଥିବା ୧୯ ବର୍ଷୀୟ ବାମହାତୀ ସ୍ପିନର ସୟଦ ଟି ଅହମ୍ମଦ ୪ଟି ୱିକେଟ ଦଖଲ କରିଥିଲେ। ଗୋବିନ୍ଦ ଓ ରାଜେଶ ମହାନ୍ତିଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା।

#### ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## କ୍ୱାର୍ଟରରେ ସିନ୍ଧୁ

ପ୍ୟାରିସ, ୨୮।୮ (ଏଜେନ୍ସି): ପୂର୍ବତନ ଚାମ୍ପିଅନ ପିଭି ସିନ୍ଧୁଙ୍କ ସମେତ ମିକ୍ସଡ ଡବଲ୍ସ ଯୋଡ଼ି ଧ୍ରୁବ କପିଲ ଓ ତାନିଶା କ୍ରାଷ୍ଟୋ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଚାଇନାର ୱାଙ୍ଗ୍ ଝି ୟିଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ। ୪୮ ମିନିଟ୍ ଧରି ଖେଳାଯାଇଥିବା ଏହି ମ୍ୟାଚକୁ ସିନ୍ଧୁ ୨୧-୧୯, ୨୧-୧୫ ସିଧାସଳଖ ଗେମ୍‌ରେ ବିଜୟୀ ହୋଇଥିଲେ। ଫଳରେ ୱାଙ୍ଗ୍‌ଙ୍କ ବିପକ୍ଷରେ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ଖେଳାଯାଇଥିବା ସମସ୍ତ ୮ଟି ମୁକାବିଲାରେ ସିନ୍ଧୁ ବିଜୟୀ ହୋଇ ତାଙ୍କର ଅପରାଜେୟ ଧାରାକୁ ବଜାୟ ରଖିଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଇଣ୍ଡୋନେସିଆର ପୁତ୍ରି କୁସୁମାଙ୍କ ସହ ହେବ। ଅପରପକ୍ଷରେ ମିକ୍ସଡ ଡବଲ୍ସରେ ଧ୍ରୁବ-ତନିଶା ଯୋଡ଼ି ୧୯-୨୧, ୨୧-୧୨, ୨୧-୧୫ରେ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ହଂକଂ ଯୋଡ଼ି ତାଙ୍ଗ୍ ଚୁନ୍ ମାନ୍ ଓ ସି ୟିଙ୍ଗ୍ ସୁଏଟ୍‌ଙ୍କୁ ହରାଇଥିଲେ। ଯଦି ଧ୍ରୁବ-ତନିଶା ଯୋଡ଼ି ସେମିଫାଇନାଲରେ ପ୍ରବେଶ କରନ୍ତି ତେବେ ଭାରତର ପ୍ରଥମ ମିକ୍ସଡ ଡବଲ୍ସ ଯୋଡ଼ି ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିବେ।

#### • ଆଜି ଜାତୀୟ କ୍ରୀଡ଼ା ଦିବସ

## ପ୍ରଦାନ କରାଯିବ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୮।୮ (ସମିସ): ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହେବ। ଏହି ଅବସରରେ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୩ ଦିନ ଧରି କ୍ରୀଡ଼ା ଓ ଫିଟନେସ ମୋଭମେଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଯାହାର ଥିମ୍ ରହିଛି 'ଏକ ଘଣ୍ଟା ଖେଲ୍ ମୈଦାନ ମେଁ'। ସେହିଭଳି ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରତିବର୍ଷ ଭଳି ଆସନ୍ତାକାଲି ମଧ୍ୟ ପ୍ରଦାନ କରାଯିବ। ବର୍ଷ ୨୦୨୪ ଲାଗି ବିଭିନ୍ନ ବର୍ଗରେ ଏହି ପୁରସ୍କାର ଦିଆଯିବ। ତାରକା ଧାବକ ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍, ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ବ୍ୟାଡ୍‌ମିଣ୍ଟନ ଖେଳାଳି ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା ଖେଳାଳି ପୁରସ୍କାର ପାଇବେ। କ୍ରୀଡ଼ା ବିକାଶ ଲାଗି ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ ବିମଳ କୁମାର ରାଉଳ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଜିତ ଶତପଥୀ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟା ୫ଟାରେ ଜୟଦେବ ଭବନରେ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାର୍ଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ।

## ଜାତୀୟ ବାସ୍କେଟବଲ୍ ଲାଗି ଓଡ଼ିଶା ଦଳ

କଟକ,୨୮।୮ (ସମିସ): ପଞ୍ଜାବର ଲୁଧିଆନାଠାରେ ୭୫ତମ ଜାତୀୟ ଜୁନିଅର ବାସ୍କେଟବଲ ଚାମ୍ପିଅନସିପ୍ ଆସନ୍ତା ୨ ତାରିଖରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ଉଭୟ ବାଳିକା ଓ ବାଳକ ରାଜ୍ୟ ଦଳ ଘୋଷଣା କରାଯାଇଛି। ବାଳକ ଦଳରେ ସମର୍ପଣ ନାୟକ, ଆୟୁଷ୍ମାନ ନାୟକ, ଓମ ସେଠୀ, ସେଖ ସୈଫୁଦ୍ଦିନ, କୁନାଲ ପ୍ରସାଦ ସା, ଏ ପୃଥ୍ୱୀରାଜ, ରାମକୃଷ୍ଣ ବେହେରା, ଅର୍ଣ୍ଣବ ମାନସ ପାତ୍ର, ନନ୍ଦକିଶୋର ଭାଲିଭତି, ଅଭିଷେକ ବାରିକ, ନିଖିଳ କୁମାର ଦାଶ, ଏସ ଅନୁଭବ ରାଓ ସ୍ଥାନ ପାଇଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ରିଆଜୁଦ୍ଦିନ ମୁଖ୍ୟ କୋଚ୍ ଏବଂ ପ୍ରଶାନ୍ତ ନାୟକ ସହକାରୀ କୋଚ୍ ଭାବେ ଦଳରେ ରହିଛନ୍ତି। ଗତ ୪ ତାରିଖରୁ ବାଳକ ଦଳ ବ୍ରହ୍ମପୁରର ନିଷ୍ଟ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ ନେଉଥିଲା। ସେହିପରି ରାଜ୍ୟ ବାଳିକା ଦଳରେ ନୂତନ ନାୟକ, ଅନ୍ୱେଷା ଏକ୍କା, ଶ୍ରାବଣୀ ସାସମଲ, ମିନତୀ ଖିଲା, କାଜଲ ବାରିକ, ଇଶା ପାଢ଼ୀ, ନବ୍ୟ ସାଇଶ୍ରୀ, ବିଜୟଲକ୍ଷ୍ମୀ ସ୍ୱାଇଁ, ସାଗରିକା ସିକ୍କୁ, ସୁନୀତା ଭୋଇ, ଜମୁନା ହାଁସଦା, ଆକ୍ରିତି ଅଗ୍ରୱାଲ ରହିଛନ୍ତି। ପ୍ରଶାନ୍ତ କୁମାର ତରାଇ ମୁଖ୍ୟ କୋଚ୍ ଏବଂ ପଦ୍ମାବତୀ ହାତୀ ଦଳର କୋଚ୍ ଭାବେ ଦଳରେ ସାମିଲ ହୋଇଛନ୍ତି।


#### ୟୁଏସ୍ ଓପନ ଟେନିସ

## ଫେଡେରରଙ୍କ ରେକର୍ଡ ଭାଙ୍ଗିଲେ ଜୋକୋଭିଚ୍

ନ୍ୟୁୟର୍କ,୨୮।୮ (ଏଜେନ୍ସି): ସର୍ବିଆର ଚାମ୍ପିଅନ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ଯୁବ ଖେଳାଳି ୨୨ ବର୍ଷୀୟ ଜ୍ୟାକ୍‌ରୀ ସାଇଦାଙ୍କୁ ୬-୭, ୬-୩, ୬-୩, ୬-୧ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ରୋଜର ଫେଡେରରଙ୍କ ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଏହାକୁ ମିଶାଇ ଜୋକୋଭିଚ୍ ସର୍ବାଧିକ ୭୫ତମ ଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଜୋକୋଭିଚ୍‌ଙ୍କ ସହ ଟାଇଟଲ ଆଶାୟୀ କାର୍ଲୋସ୍ ଆଲକାରାଜ, ନଂ-୪ ଟେଲର ଫ୍ରିଜ୍, ୬ଷ୍ଠ ସିଡ୍ ଆମେରିକାର ବେନ୍ ଶେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରି ଟାଇଟଲ ଆଶାରେ ଆଉ ପାଦେ ଆଗେଇଛନ୍ତି। ଏହି ଧାରା ବଜାୟ ରହିଲେ ଆଲକାରାଜ ଓ ଜୋକୋଭିଚ୍‌ଙ୍କ ମଧ୍ୟରେ ସେମିଫାଇନାଲରେ ଭେଟାଭେଟି ହେବେ।

କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଏକାଧିକ ସିଡେଡ୍ ଖେଳାଳି ପରାଜୟର ରାସ୍ତା ଦେଖିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୫ମ ସିଡ୍ ବ୍ରିଟେନର ଜ୍ୟାକ୍ ଡ୍ରାପର, ୧୧ଶ ସିଡ୍ ଜେକ୍ ଡ୍ରେପର, ୧୨ଶ ସିଡ୍ ନରୱେର କାସ୍ପର ରୁଡ୍, ୧୬ତମ ସିଡ୍ ଚେକ୍ ରିପବ୍ଲିକ୍‌ର ଜ୍ୟାକୁବ ମେନସିକ୍, ୧୮ତମ ସିଡ୍ ସ୍ପେନ୍‌ର ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।





### ତୃତୀୟ ରାଉଣ୍ଡରେ ସାବାଲେଙ୍କା

ପୁରୁଷ ବିଭାଗ ପରି ମହିଳା ଏକକ ଦ୍ୱିତୀୟ ରାଉଣ୍ଡରେ ଏକାଧିକ ମହିଳା ଖେଳାଳି ପରାଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ବିଭାଗରେ ୧୬ତମ ସିଡ୍ ସ୍ୱିଜରଲାଣ୍ଡର ବେଲିଣ୍ଡା ବେଙ୍କିକ୍, ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ତଥା ୨୫ତମ ସିଡ୍ ଜେଲେନା ଓଷ୍ଟାପେଙ୍କୋ, ୧୭ତମ ସିଡ୍ ଲିଉଡମିଲା ସାମସୋନୋଭା ପରାଜୟ ବରଣ କରିଛନ୍ତି। ଏହା ମଧ୍ୟରୁ ଓଷ୍ଟାପେଙ୍କୋଙ୍କୁ ହରାଇଥିବା ଆମେରିକାର ଟାଉନ୍‌ସେଣ୍ଡ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ। ଟାଉନ୍‌ସେଣ୍ଡକୁ ମୂର୍ଖ ଓ ଅଶିକ୍ଷିତ ବୋଲି ଅଭିହିତ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଓଷ୍ଟାପେଙ୍କୋଙ୍କୁ ୭-୫, ୬-୧ ସେଟ୍‌ରେ ହରାଇବା ପରେ କିଏ କ'ଣ ତାହା ଏବେ ଜଣାପଡ଼ିଛି ବୋଲି ଟାଉନ୍‌ସେଣ୍ଡ କହିଥିଲେ।

ଅନ୍ୟପକ୍ଷରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ୪ର୍ଥ ସିଡ୍ ଜେସିକା ପେଗୁଲା, ୫ମ ସିଡ୍ ମୀରା ଆନ୍ଦ୍ରିଭା, ୭ମ ସିଡ୍ ଜଷ୍ଟିନ ପାଓଲିନ୍, ୯ମ ସିଡ୍ ଏଲିନା ରିବାକିନା ପ୍ରମୁଖ ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୋଲିନା କୁଦେରମୋଟୋଭାଙ୍କୁ ହରାଇବା ଲାଗି ସାବାଲେଙ୍କାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା।

୭-୬, ୬-୨ରେ ଏହି ମ୍ୟାଚ୍‌କୁ ଜିତିଥିବା ସାବାଲେଙ୍କା ତୃତୀୟ ରାଉଣ୍ଡରେ ଲିଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ଭେଟିବେ। ଆନା ବ୍ଲିଙ୍କୋଭାଙ୍କୁ ୬-୧, ୬-୩ରେ ହରାଇଥିବା ପେଗୁଲା ତୃତୀୟ ରାଉଣ୍ଡରେ ୩୬ ବର୍ଷୀୟ ଖେଳାଳି ଭିକ୍ଟୋରିଆ ଆଜରେଙ୍କାଙ୍କୁ ଭେଟିବେ। ଆନାସ୍ତାସିଆ ପୋଟାପୋଭାଙ୍କୁ ୬-୧, ୬-୩ରେ ହରାଇଥିବା ୫ମ ସିଡ୍ ମୀରା ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ ଆମେରିକାର ଚର୍ଚ୍ଚିତ ଖେଳାଳି ଟେଲର ଟାଉନ୍‌ସେଣ୍ଡଙ୍କୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS